- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ♦VOLUME- 43 ♦ISSUE-96 ♦MONDAY ♦29 SEPTEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୯୬ ♦ସୋମବାର ♦୨୯ ସେପ୍ଟେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




**ବିରାଜିଲେ ମା'** ଆଜି ପୀଠେ ମହାଷ୍ଟମୀ, ମଣ୍ଡପରେ ସପ୍ତମୀ ପୂଜା

## ଏସିଆ କପ୍‌ରେ ରୋମାଞ୍ଚକ ବିଜୟ

# ଟ୍ରଫି ନେଲାନି ଭାରତ

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଦୁବାଇ ଗ୍ରାଉଣ୍ଡରେ ଧୂଳି ଚଟାଇ ଭାରତ ନବମଥର ପାଇଁ ଏସିଆ କପ୍ ଟାଇଟଲ୍ ହାସଲ କରିଛି । ଦୁଇ ଦେଶ ମଧ୍ୟରେ ଶତ୍ରୁତା କାରଣରୁ ଆରମ୍ଭରୁ ବହୁଚର୍ଚ୍ଚିତ ଏହି ଟି -୨୦ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅତ୍ୟନ୍ତ ରୋମାଞ୍ଚକ ଥିଲା । ପ୍ରଥମ ମ୍ୟାଚ୍‌ରେ ଟସ୍ ପଡ଼ିବା ପରେ ଉଭୟ ଦଳର କ୍ୟାପ୍‌ଟେନ୍ ପରସ୍ପର କରମର୍ଦ୍ଦନ ନ କରିବାକୁ ନେଇ ବାଦବିବାଦ ସୃଷ୍ଟି ହୋଇଥିଲା । ଟୁର୍ଣ୍ଣାମେଣ୍ଟ ବିଜୟ ପରେ ଏସିସି ସଦସ୍ୟଙ୍କ ହାତରୁ କୁଲ୍‌ଦୀପ ଯାଦବ 'ମୋଷ୍ଟ ଭେଲୁଏବଲ୍ ପ୍ଲେୟାର' ଏବଂ ଅଭିଷେକ ଶର୍ମା 'ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ' ପୁରସ୍କାର ଗ୍ରହଣ କରିଥିଲେ ହେଁ ଏସିସି ସଭାପତି ପାକିସ୍ତାନର ମୋହସିନ୍ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଦଳ ମନା କରିଦେଇଥିଲା । ଚାମ୍ପିଅନ ଭାରତୀୟ ଦଳକୁ ବିସିସିଆଇ ୨୧ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରିଛି । (ଖେଳ ବିବରଣୀ: ପୃଷ୍ଠା-୧୨)



ବିଜୟର କର୍ଣ୍ଣଧାର ତିଲକ ବର୍ମା

# ବିହାର ନିର୍ବାଚନ ସହ ନୂଆପଡ଼ା ଉପନିର୍ବାଚନ

■ ଭୁବନେଶ୍ୱର, ୨୮।୯ (ସମିସ): ବିହାର ବିଧାନସଭା ନିର୍ବାଚନ ସହ ଅନୁଷ୍ଠିତ ହେବ ନୂଆପଡ଼ା ଉପ ନିର୍ବାଚନ। ରବିବାର ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ନିର୍ବାଚନ କମିଶନ। ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ ବିହାର ନିର୍ବାଚନ ସହ ଦେଶର ବିଭିନ୍ନ ସ୍ଥାନରେ ୮ଟି ବିଧାନସଭା ନିର୍ବାଚନ ନିମନ୍ତେ ଉପନିର୍ବାଚନ କରାଯିବ। ବିହାର ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ପରିଚାଳନା ପାଇଁ ମୋଟ ୪୭୦ ଅଧିକାରୀଙ୍କୁ ନିୟୋଜିତ କରାଯିବ। ଏଥିରେ ୩୨୦ ଆଇଏଏସ, ୬୦ ଆଇପିଏସ ଓ ୯୦ ଅନ୍ୟ ଅଧିକାରୀଙ୍କୁ ନିୟୋଜିତ କରାଯିବ ବୋଲି କମିଶନ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢ଼ୋଲକିଆଙ୍କ ଅକାଳ ପରଲୋକ ଯୋଗୁଁ ଏଠାରେ ଉପନିର୍ବାଚନ କରାଯିବାକୁ ନିଷ୍ପତ୍ତି ହୋଇଥିବାରୁ ଏହାକୁ ସୁରୁଖୁରୁରେ ସମ୍ପାଦିତ କରିବା କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ▶ପୃଷ୍ଠା-୭



## ତେଜିଲା ଦଳାଚକଟା ରାଜନୀତି

# ଦୁର୍ଘଟଣା ନା ଷଡ଼ଯନ୍ତ୍ର



- ବିଜୟଙ୍କ ରାଲି ଦଳାଚକଟା ମୃତ୍ୟୁସଂଖ୍ୟା ୪୦କୁ ବୃଦ୍ଧି
- ମୃତକଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ ଦେବେ ବିଜୟ
- ଷଡ଼ଯନ୍ତ୍ର କରିଥିଲେ ଡିଏମ୍‌କେ ନେତା: ଟିଭିକେ
- ଟିଭିକେ ନେତାଙ୍କ ବିରୋଧରେ ରୁଜୁହେଲା ଏତଲା
- ସରକାରଙ୍କୁ ରିପୋର୍ଟ ମାଗିଲା ସ୍ୱରାଷ୍ଟ୍ର ମନ୍ତ୍ରାଳୟ

■ ଚେନ୍ନଇ, ୨୮।୯ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟିଥିବା ଥଲପତି ବିଜୟଙ୍କ ରାଜନୈତିକ ରାଲିରେ ଦଳଚକଟା ଜନିତ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚି ଯାଇଛି। ମୃତକଙ୍କ ମଧ୍ୟରେ ୧୬ ମହିଳା, ୧୦ ଶିଶୁ ସାମିଲ ଅଛନ୍ତି। ୯୫ ଜଣ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫୧ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଆଇସିୟୁରେ ଚିକିତ୍ସା ଚାଲିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ▶ପୃଷ୍ଠା-୭







### ୟୁନେସ୍କୋ ନେଟ୍‌ୱର୍କରେ ସ୍ଥାନ ପାଇଲା

# ସ୍ପିତି ଉପତ୍ୟକା ଦେଶର ପ୍ରଥମ ଶୀତଳ ମରୁସ୍ଥଳ



ସିମ୍ଲା,୨୮।୯ (ଏଜେନ୍ସି): ହିମାଚଳ ପ୍ରଦେଶର ଲାହୌଲ-ସ୍ପିତି ଜିଲ୍ଲାରେ ଥିବା ସ୍ପିତି ଉପତ୍ୟକା ଦେଶର ପ୍ରଥମ ଶୀତଳ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ଭାବେ ମାନ୍ୟତା ପାଇଛି। ଏହିକ୍ରମରେ ସ୍ପିତି ଉପତ୍ୟକାକୁ ୟୁନେସ୍କୋର ସମ୍ମାନଜନକ ମାନବ ଓ ବାୟୋସ୍ପିଅର ପ୍ରୋଗ୍ରାମ୍ (ଏମ୍‌ଏବି)ରେ ସାମିଲ କରାଯାଇଛି। ଗତ ସେପ୍ଟେମ୍ବର ୨୬ ଚୀନ୍‌ର ହାଙ୍ଗଝୁରେ ଅନୁଷ୍ଠିତ ଅନ୍ତର୍ଜାତୀୟ କୋର୍ଡିନେଟିଂ କାଉନସିଲ (ଏମ୍‌ଏବି- ଆଇସିସି) ବୈଠକର ୩୭ତମ ସଂସ୍କରଣରେ ସ୍ପିତି ଉପତ୍ୟକାକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏଥିସହ ଏମ୍‌ଏବି ନେଟ୍‌ୱର୍କରେ ଭାରତର ୧୩ଟି ବାୟୋସ୍ପିଅର ରିଜର୍ଭ ସାମିଲ ହୋଇଛି। ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଯୋଗୁ ଏହା ସମ୍ଭବପର ହୋଇ ପାରିଛି। ଜଳବାୟୁ ପରିବର୍ତ୍ତନର ଯୁଗରେ ହିମାଚଳର ସମୃଦ୍ଧ ପ୍ରାକୃତିକ, ସାଂସ୍କୃତିକ ପରମ୍ପରାକୁ ଅତୁଟ ରଖିବାକୁ ରାଜ୍ୟ ସରକାର ପ୍ରୟାସ କରିଆସୁଛନ୍ତି। ସ୍ପିତିର ଏହି ଶୀତ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ୭,୭୭୦ ବର୍ଗ କିମି ଭୌଗଳିକ କ୍ଷେତ୍ରରେ ପରିବ୍ୟାପ୍ତ।

### ଆର୍ଜେଣ୍ଟିନା ଡ୍ରଗ୍ସ ଗ୍ୟାଙ୍ଗର ଜଘନ୍ୟ କାଣ୍ଡ

# ଇନ୍‌ଷ୍ଟାଗ୍ରାମ୍ ଲାଇଭ୍‌ରେ ତିନି ଯୁବତୀଙ୍କୁ ହତ୍ୟା



ବଏନେସ ଏରିଜ୍, ୨୮।୯ (ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ଆର୍ଜେଣ୍ଟିନାରେ ଡ୍ରଗ୍ସ ଗ୍ୟାଙ୍ଗ୍ ୩ ଜଣ ଯୁବତୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି। ଆଉ ଏହି ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ଦୃଶ୍ୟକୁ ଇନ୍‌ଷ୍ଟାଗ୍ରାମ୍‌ରେ ଲାଇଭ ଦେଖାଇବାର ଦୁଃସାହାସ କରିଛି। ଗତ ୧୯ ତାରିଖରେ ଏହି ହୃଦୟ ବିଦାରକ ଘଟଣା ଘଟିଛି। ଏହି ଗ୍ୟାଙ୍ଗର ଗୁଣ୍ଡାମାନେ ପ୍ରଥମେ ଏହି ଝିଅମାନଙ୍କୁ ଅମାନୁଷିକ ଭାବେ ବାଡେଇଥିଲେ। ଏହା ପରେ ସେମାନଙ୍କ ଆଙ୍ଗୁଠି କାଟି ଦେଇଥିଲେ। ନଖ ଉପାଡି ଦେଇଥିଲେ ଏବଂ ଶେଷରେ ତଣ୍ଟି ଚିପି ହତ୍ୟା କରିଥିଲେ। ପୁଲିସ ସୂଚନା ମୁତାବକ, ଏହି ମହିଳାଙ୍କୁ ପାର୍ଟି କରିବା ବାହାନାରେ ଡକାଯାଇ ଭ୍ୟାନରେ ନିଆଯାଇଥିଲା। ଗ୍ୟାଙ୍ଗର ନିୟମ ଭାଙ୍ଗିଥିବାରୁ ଦଣ୍ଡ ସ୍ୱରୂପ ୩ ମହିଳାଙ୍କୁ ହତ୍ୟା କରାଯାଇଥିଲା। 'ଯିଏ ମୋର ଡ୍ରଗ୍ସ ଚୋରି କରିବ ତାଙ୍କର ଅବସ୍ଥା ଏହିପରି ହେବ' ବୋଲି ଗ୍ୟାଙ୍ଗ ଲିଡର ଭିଡିଓରେ କହୁଥିବାର ଦେଖାଯାଇଥିଲା। ମୃତକ ୩ ଯୁବତୀଙ୍କ ମଧ୍ୟରେ ଦୁଇ ଜଣ ସମ୍ପର୍କୀୟ ଭଉଣୀ ମୋରେନା ବେର୍ଡିନ ଓ ବ୍ରେଣ୍ଡା ଡେଲ କାଷ୍ଟିଲୋ। ଏହି ଦୁଇ ଭଉଣୀଙ୍କ ବୟସ ୨୦ ବର୍ଷ। ସେହିପରି ଅନ୍ୟଜଣେ ହେଲେ ୧୫ ବର୍ଷୀୟା ଲାରା ଗୁଟିଏରେଜ। ବଏନେସ ଏରିଜ୍‌ସ୍ଥିତ ବାସଭବନ ନିକଟରୁ ଏହି ୩ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି।

**କରୁର ଦଳାଚକଟା ମାମଲା**

# ବିଜୟଙ୍କ ଭୁଲ୍ ପାଇଁ ଅଘଟଣ!

ଚେନ୍ନାଇ, ୨୮।୯ (ଏଜେନ୍ସି):



**ପୂର୍ବ ତ୍ରୁଟିରୁ ଶିକ୍ଷା ଗ୍ରହଣ କଲାନି ଟିଭିକେ**

**ଉତ୍ତମ ବ୍ୟବସ୍ଥା କରି ନ ଥିଲେ ଆୟୋଜକ**

ରାଜନୈତିକ ଲଢ଼େଇ ପୂର୍ବରୁ ଅଭିନେତା ଥଲପତି ବିଜୟ ଆଇନ ଜାଲରେ ଫସି ଯାଇଛନ୍ତି। କରୁର ରାଲିରେ ଦଳଚକଟା ପାଇଁ ଅଭିନେତାଙ୍କୁ ଦାୟୀ କରାଯାଉଥିବାବେଳେ ତାଙ୍କ ଦଳ ଟିଭିକେ କ୍ଷମତାସୀନ ଡିଏମ୍‌କେକୁ ଦୋଷ ଦେଉଛି। ଡିଏମ୍‌କେ ନେତାଙ୍କ ଷଡ଼ଯନ୍ତ୍ର ପାଇଁ ଏହି ଅଘଟଣ ଘଟିଲା ବୋଲି କୁହାଯାଇଛି। ଆଉ କିଛି ରିପୋର୍ଟରେ ବିଜୟ ଠିକ୍ ସମୟରେ ନ ପହଞ୍ଚିବାରୁ ଦଳଚକଟା ଘଟିଥିବା ଦାବି କରାଯାଇଛି। ତେଣୁ ଏହାର ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ବିଜୟଙ୍କୁ ଆଉ ରାଲି ନ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଜଣେ ପୀଡ଼ିତା କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ ଶନିବାର ଟିଭିକେ ମୁଖ୍ୟଙ୍କ ଦୁଇଟି ରାଲି ଥିଲା। ନମକଲରେ ସକାଳ ୮ଟା୪୫ରେ ସଭା କରିବା ପାଇଁ ତାଙ୍କୁ ଅନୁମତି ଦିଆଯାଇଥିଲା। କିନ୍ତୁ ବିଜୟ ନିର୍ଦ୍ଧାରିତ ସମୟରେ ସେଠାରେ ପହଞ୍ଚି ନ ଥିଲେ। ସେ ପ୍ରାୟ ୬ ଘଣ୍ଟା ବିଳମ୍ବରେ ଦ୍ୱିପହର ୨ଟା୪୫ରେ ଜନସଭାରେ ଯୋଗ ଦେଇଥିଲେ। କିନ୍ତୁ ଅଭିନେତାଙ୍କୁ ଦେଖିବା ପାଇଁ ଲୋକେ ସକାଳୁ ଭିଡ଼ ଜମାଇ ଥିଲେ। ଖରାରେ ଭୋକ ଉପାସରେ ଏତେ ସମୟ ଅପେକ୍ଷା କରି ଲୋକେ ଅଣନିଃଶ୍ୱାସୀ ହୋଇ ଯାଇଥିଲେ। କିଛି ଲୋକ ଚେତାଇ ହରାଇ ପଡିବାରେ ଲାଗିଥିଲେ। ଏଥିଯୋଗୁଁ ସ୍ଥିତି ବିଗିଡି ଯାଇଥିଲେ। ଏହା ଦେଖି କିଛି ଲୋକ ଦୌଡିବାରେ ଲାଗିଥିଲେ। ନିୟନ୍ତ୍ରଣ ହରାଇ ଅନେକ ପଡ଼ି ଯାଇଥିଲେ। ଏଥିରେ ଅନେକ ଆହତ ହୋଇଥିଲେ। ଜଣେ ମହିଳାଙ୍କ ଗୋଡ଼ ମଧ୍ୟ ଭାଙ୍ଗି ଯାଇଥିଲା। ଆୟୋଜକମାନେ ଭିଡ଼ ପରିଚାଳନା ପାଇଁ କିଛି ବ୍ୟବସ୍ଥା କରି ନ ଥିଲେ। ସେମାନଙ୍କୁ ସ୍ଥିତି ସମ୍ଭାଳିବାକୁ କହି ବିଜୟ ୩ଟା ୪୫ରେ ନମକଲରୁ ବାହାରି ଯାଇଥିଲେ। ତେବେ ସେ ଏହି ଅଘଟଣରୁ କିଛି ଶିକ୍ଷା ଗ୍ରହଣ କରି ନ ଥିଲେ। ପୁଣି ୬ ଘଣ୍ଟା ବିଳମ୍ବରେ କରୁର ରାଲିରେ ପହଞ୍ଚି ଥିଲେ। ଏଠାରେ ସନ୍ଧ୍ୟା ୭ଟା ୪୫ରେ କିଛି ଲୋକ ବିଜୟଙ୍କ ବସ୍ ଅଭିମୁଖେ ବଢ଼ିବାରୁ ଏବଂ ବିଜୟ ନିଖୋଜ ଶିଶୁକୁ ଖୋଜିବା ପାଇଁ କହିବାରୁ ଦଳାଚକଟା ଘଟିଥିଲା। ପରସ୍ପରକୁ ଧକ୍କା ଦେବାରୁ ଦୀର୍ଘ ସମୟ ହେଲା ଖରାରେ ଅପେକ୍ଷା କରି ରହିଥିବା ଅନେକ ଲୋକ ଅଚେତ ହୋଇଗଲେ। ଗରମ ଏବଂ ଭିଡ଼ ଯୋଗୁଁ ଅନେକ ନିଃଶ୍ୱାସ ନେଇପାରି ନ ଥିଲେ। ଅନେକ ପିଲା ମଧ୍ୟ ନିଜ ପରିବାର ସଦସ୍ୟଙ୍କଠାରୁ ଅଲଗା ହୋଇ ଯାଇଥିଲେ। ଆଉ କିଛି ଚାପି ହୋଇ ଯାଇଥିଲେ। ବିଜୟଙ୍କ ମଞ୍ଚ ନିକଟରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ କିମ୍ବା ସ୍ୱେଚ୍ଛାସେବୀ ନଥିଲେ। ଫଳସ୍ୱରୂପ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା।

ଅନ୍ୟପକ୍ଷରେ ଲୋକଙ୍କ କ୍ରୋଧକୁ ଦେଖି ଚେନ୍ନାଇ ସ୍ଥିତ ଅଭିନେତା ବିଜୟଙ୍କ ଘରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି। ଟିଭିକେର ସବୁ ଜିଲ୍ଲା ଅଧ୍ୟକ୍ଷଙ୍କ ସୁରକ୍ଷା ବଢ଼ାଇବା ପାଇଁ ପୁଲିସ ନିର୍ଦ୍ଦେଶ ଦେଇଛି। ଦଳାଚକଟାକୁ ନେଇ ଡିଏମ୍‌କେ ଅଭିନେତାଙ୍କୁ ସମାଲୋଚନା କରିଛି। ମାର୍ଗଦର୍ଶିକା ଉଲ୍ଲଙ୍ଘନ କରିବାରୁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଇଛି। ଆୟୋଜନକାରୀ ପାଣି ଏବଂ ଖାଦ୍ୟର ବ୍ୟବସ୍ଥା କରି ନଥିଲେ। ବିଜୟଙ୍କ ସମର୍ଥକ ମଧ୍ୟ ନିୟମକୁ ଫୁ କରି ଦେଇଥିଲେ। ଲୋକେ ଚେତା ହରାଇ ପଡୁଥିବାବେଳେ ବିଜୟ ଅଭିଭାଷଣ ଦେବା ଜାରି ରଖିଥିଲେ। ଏହି ସମୟରେ ଆମ୍ବୁଲାନ୍ସକୁ ମଧ୍ୟ ଛଡ଼ା ଯାଇ ନ ଥିଲା। ତେବେ ବିଜୟଙ୍କ ଓକିଲ ସବୁ ନିୟମ ପାଳନ କରାଯାଇଥିବା କହିଛନ୍ତି। ଏହାକୁ ନେଇ ଟିଭିକେ ସାଧାରଣ ସମ୍ପାଦକ ଏନ. ଆନନ୍ଦ, ଯୁଗ୍ମ ସଚିବ ନିର୍ମଳ କୁମାର ଏବଂ କରୁର ଜିଲ୍ଲା ସଚିବ ଭିପି ମାଥିୟଝାଗନଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ତାଙ୍କ ବିରୋଧରେ ଉଦ୍ଦେଶ୍ୟ ରହିତ ହତ୍ୟାକାଣ୍ଡ ଏବଂ ଅନ୍ୟାନ୍ୟ ଧାରା ଲଗାଯାଇଛି।

# 'ଟଙ୍କା ନୁହେଁ; ଭଉଣୀକୁ ଫେରାଇଦିଅ'



ଚେନ୍ନାଇ, ୨୮।୯ (ଏଜେନ୍ସି): ତାମିଲନାଡୁ କରୁରରେ ଆୟୋଜିତ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ୨୨ ବର୍ଷୀୟ ବ୍ରିନ୍ଦା ପହଞ୍ଚି ଥିଲେ। ସେ ଅଭିନେତାଙ୍କ ବଡ଼ ଫ୍ୟାନ ଥିଲେ। ସେଥିପାଇଁ ୨ ବର୍ଷର ପୁଅକୁ ଭଉଣୀ ପାଖରେ ଛାଡ଼ି ଅଭିନେତାଙ୍କ ଟିକେ ଝଲକ ପାଇବା ପାଇଁ ରାଲିକୁ ଯାଇଥିଲେ। ମାତ୍ର ଏହା ତାଙ୍କ ଶେଷ ଯାତ୍ରା ପାଲଟି ଯାଇଥିଲା। ଦଳାଚକଟାରେ ତାଙ୍କ ଜୀବନ ଚାଲି ଯାଇଥିଲା। ବ୍ରିନ୍ଦାଙ୍କ ଭଉଣୀ ତାଙ୍କୁ ଶନିବାର ୪ଟାବେଳେ ଫୋନ କରିଥିଲେ। କିନ୍ତୁ ସେ କଲ୍ ଉଠାଇ ନ ଥିଲେ। ରାତି ୧୦ଟା ପରେ ତାଙ୍କ ଫୋନ ସ୍ୱିଚଅଫ୍ ହୋଇଯାଇଥିଲା। ତେବେ ରବିବାର ସକାଳେ ଭଉଣୀର ମୃତ୍ୟୁ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏବେ ସେ ୨୦ ଲକ୍ଷ ଟଙ୍କା ନୁହେଁ, ବରଂ ଭଉଣୀଙ୍କୁ ବିଜୟ ଫେରାଇ ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏହି ଟଙ୍କା ଦ୍ୱାରା ଆମର ହୋଇଥିବା କ୍ଷତି ଭରଣା ହୋଇଯିବ ନାହିଁ। ଉପଯୁକ୍ତ ବ୍ୟବସ୍ଥା ହୋଇ ନ ଥିବାରୁ ଏଭଳି ଘଟଣା ଘଟିଲା। ଲୋକଙ୍କ ପାଇଁ ଖାଦ୍ୟ ଏବଂ ପାନୀୟର ବ୍ୟବସ୍ଥା କରାଯାଇ ନ ଥିଲା। ଖାଲି କ୍ଷତିପୂରଣ ଦେଇଦେଲେ ସବୁ କିଛିର ସମାଧାନ ହୋଇଯିବ ନାହିଁ। ଆମେ ଟଙ୍କା ନୁହେଁ, ଭଉଣୀଙ୍କୁ ଫେରି ପାଇବାକୁ ଚାହୁଁଛୁ। ଭଉଣୀକୁ ବିଜୟ ଫେରାଇ ଦେଇପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

# ସେଲିବ୍ରିଟିଙ୍କ ସମ୍ପତ୍ତି ଜବତ କରିବ ଇଡି!



ନୂଆଦିଲ୍ଲୀ, ୨୮।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍ ପାଇଁ '୧Xବେଟ୍'ର ପ୍ରଚାରପ୍ରସାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କିଛି ଖେଳାଳି ଏବଂ ଅଭିନେତାଙ୍କୁ ଗିରଫ କରିପାରେ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କିଛି ସେଲିବ୍ରିଟି ଏହି ଆପ୍‌ର ପ୍ରଚାର ପାଇଁ ମିଳିଥିବା ଅର୍ଥରୁ ସମ୍ପତ୍ତି କ୍ରୟ କରିଛନ୍ତି। ତେଣୁ ଏହାକୁ ଅପରାଧରୁ ଆୟ କରାଯାଇଥିବା ସମ୍ପତ୍ତି ଧରାଯାଉଛି। ମନି ଲଣ୍ଡରିଂ ନିରୋଧ୍ ଆଇନ ଅନୁଯାୟୀ କିଛି ସେଲିବ୍ରିଟିଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତି ଜବତ କରିବା ଇଡି ଖୁବଶୀଘ୍ର ନିର୍ଦ୍ଦେଶ ଜାରି କରିବ। ଆଉ କିଛି ସେଲିବ୍ରିଟି ୟୁଏଇ ଭଳି ଦେଶରେ ସମ୍ପତ୍ତି କିଣିଥିବା ଜଣାପଡ଼ିଛି। କିନ୍ତୁ ଏହାର ମୂଲ୍ୟାଙ୍କନ କରାଯାଇ ନାହିଁ। ଗତ କିଛି ଦିନ ତଳେ ଇଡି ଏହି ମାମଲାରେ କ୍ରିକେଟର ଯୁବରାଜ ସିଂହ, ସୁରେଶ ରୈନା, ରବିନ ଉଥପ୍ପା, ଶିଖର ଧାୱନ, ଅଭିନେତା ସୋନୁ ସୁଦ, ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ, ଅଙ୍କୁଶ ହାଜରାଙ୍କ ସମେତ କିଛି ଇନ୍‌ଫ୍ଲୁଏନ୍ସରଙ୍କୁ ଜେରା କରିଥିଲା।

## ମଦ ପାଇଁ ମା'କୁ ହତ୍ୟା କଲା ପୁଅ

ସାହାରନପୁର, ୨୮।୯ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ମଦ୍ୟପାନ କରିବାକୁ ପଇସା ନ ଦେବାରୁ ଜଣେ ମା'ଙ୍କୁ ତାଙ୍କ ପୁଅ ଅତି ନୃଶଂସ ଭାବେ ହତ୍ୟା କରିଛି। ରବିବାର ପୁଲସ ଏ ନେଇ ସୂଚନା ଦେଇଛି। ନାଗରକୋଟୱାଲି ଥାନାର ନୀର୍ଭୟପୁରମ କଲୋନୀରେ ଶନିବାର ରାତିରେ ଏହି ଘଟଣା ଘଟିଥିଲା। ୫୫ ବର୍ଷୀୟ ଆଶାଦେବୀଙ୍କୁ ତାଙ୍କ ପୁଅ ଅକ୍ଷୟ ମଦ ପିଇବା ପାଇଁ ପଇସା ମାଗିଥିଲେ। କିନ୍ତୁ ପାଖରେ ପଇସା ନଥିବାରୁ ଆଶାଦେବୀ ଟଙ୍କା ଦେବାକୁ ମନା କରିଥିଲେ। ମାତ୍ର ପୁଅ ସୁନା ଗହଣା ବିକିଦେବାକୁ କହିଥିଲେ। ଏହାକୁ ବି ଏଡାଇ ଦେବାରୁ ଉତ୍‌କ୍ଷୀପ୍ତ ହୋଇ ଅକ୍ଷୟ ମାଙ୍କୁ ମାଡ଼ ମାରିବା ସହ ତାଙ୍କ ମୁଣ୍ଡକୁ କାନ୍ଥରେ ପିଟି ପିଟି ହତ୍ୟା କରିଥିଲା।

## ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୨୮।୯ (ଏଜେନ୍ସି): ଜମ୍ମୁ-କଶ୍ମୀର କୁପୱାରା ଜିଲ୍ଲାରେ କେରନ ସେକ୍ଟରରେ ଭାରତୀୟ ସେନା ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଆତଙ୍କବାଦୀ ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି) ଦେଇ ଭାରତ ସୀମା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ଦୁଇଜଣଙ୍କ ମୃତଦେହ ଏଲ୍‌ଓସିର ନିକଟରେ ପଡିଛି। ସୀମା ସେପଟୁ ଗୁଳିମାଡ଼ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏହି ଦୁଇ ନିହତ ଆତଙ୍କାବାଦୀଙ୍କୁ ବାହର କରିବା ପାଇଁ ସେନା ଚେଷ୍ଟିତ ରହିଛି। ମୃତ ଆତଙ୍କବାଦୀଙ୍କ ପରିଚୟ ଓ ସେମାନେ କେଉଁ ସଂଗଠନର ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ।

## ଦେଶ ଛାଡ଼ିବେନି ଓଲି

କାଠମାଣ୍ଡୁ,୨୮।୯ (ଏଜେନ୍ସି): ନେପାଳ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କ ସମେତ ୫ ଜଣ ନେତା ଏବଂ ଅଧିକାରୀଙ୍କ କାଠମାଣ୍ଡୁ ଛାଡି ବାହାରକୁ ଯିବା ଉପରେ କଟକଣା ଲଗାଇ ଦିଆଯାଇଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଗୌରୀ ବାହାଦୂର କାର୍କିଙ୍କ ଅଧ୍ୟକ୍ଷତାରେ ଗଠିତ ନ୍ୟାୟିକ କମିଟି ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଓଲିଙ୍କୁ ବାଦ୍ ଦେଲେ ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେଖକ, ଗୃହ ସଚିବ ଗୋକର୍ଣ୍ଣ ମାଣି ଦୁବାଡି, ଅଭ୍ୟନ୍ତରୀଣ ଗୁଇନ୍ଦା ବିଭାଗ ମୁଖ୍ୟ ହୁତ ରାଜ ଥାପ୍ପା ଓ କାଠମାଣ୍ଡୁର ତତ୍‌କାଳୀନ ଜିଲ୍ଲା ଅଧିକାରୀ ଛବି ରିଜାଲଙ୍କୁ ରାଜଧାନୀ ଛାଡି ନଯିବାକୁ ନିର୍ଦ୍ଦେଶ ହୋଇଛି। ଏହି କମିଟି ଜେନ୍- ଜେଡ୍ ଆନ୍ଦୋଳନ ଅବସରରେ ହୋଇଥିବା ଗୁଳିକାଣ୍ଡ ଘଟଣାର ଯାଞ୍ଚ କରୁଛି। କେବଳ ସେତିକି ନୁହଁ ଏମାନଙ୍କ ପାସପୋର୍ଟ ନୀଲମ୍ବନ କରିବାକୁ ଓ ଏମାନଙ୍କ ଉପରେ କଡ଼ା ନଜର ରଖିବାକୁ କମିଟି ନିର୍ଦ୍ଦେଶ ଦେଇଛି। ଅବଶ୍ୟ ଓଲି ପୂର୍ବରୁ ଦେଶ ଛାଡି ବାହରକୁ ଯିବିନାହିଁ ବୋଲି କହିଥିଲେ।

**ଛାତ୍ରୀଙ୍କ ଯୌନ ଶୋଷଣ ମାମଲା**

# ଚୈତନ୍ୟାନନ୍ଦ ଆଗ୍ରାରୁ ଗିରଫ



ନୂଆଦିଲ୍ଲୀ,୨୮।୯ (ଏଜେନ୍ସି): ଯୌନ ଶୋଷଣ ମାମଲାରେ ଦିଲ୍ଲୀ ବସନ୍ତକୁଞ୍ଜ ସ୍ଥିତ ଶ୍ରୀ ସାରଦା ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟ ରିସର୍ଚ୍ଚର ମୁଖ୍ୟ ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ୍ ପାର୍ଥସାରଥୀ ଶେଷରେ ଗିରଫ ହୋଇଛନ୍ତି। ଦିଲ୍ଲୀ ପୁଲିସ ଶନିବାର ରାତିରେ ତାଙ୍କୁ ଆଗ୍ରାର ଏକ ହୋଟେଲରୁ ଗିରଫ କରିଛି। ସେ ନିଜ ଶିକ୍ଷାନୁଷ୍ଠାନର କେତେଜଣ ଛାତ୍ରୀଙ୍କୁ ଯୌନ ଶୋଷଣ କରିଥିବା ଗମ୍ଭୀର ଅଭିଯୋଗ ହୋଇଥିଲା। ମେଡିକାଲ ଯାଞ୍ଚ ପାଇଁ ପୁଲିସ ତାଙ୍କୁ ସଫଦରଗଞ୍ଜ ହସ୍ପିଟାଲ ନେଇଥିଲା। ଏହାପରେ ତାଙ୍କୁ ପଟିଆଲ ହାଉସ୍ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ୫ ଦିନ ପାଇଁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି।

ଏହି ଅଭିଯୋଗ ପରେ ଚୈତନ୍ୟାନନ୍ଦ ଫେରାର ହୋଇ ଯାଇଥିଲେ। ତାଙ୍କର ଶେଷ ଲୋକେସନ ଆଗ୍ରାରେ ମିଳିଥିଲା। ଦିଲ୍ଲୀ ପୁଲିସର କିଛି ଟିମ୍ କ୍ରମାଗତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା ଓ ଶେଷରେ ତାଙ୍କୁ ଠାବ କରିବାରେ ସଫଳ ହୋଇଥିଲେ। ତାଙ୍କୁ ଏବେ ବସନ୍ତକୁଞ୍ଜ ଥାନା ଅଣାଯାଇ ପଚରା ଉଚରା କରାଯାଉଛି। ତାଙ୍କଠାରୁ ଦୁଇଟି ନକଲି ଭିଜିଟିଂ କାର୍ଡ ପୁଲିସ ଜବତ କରିଛି। ଗୋଟିଏ କାର୍ଡରେ ତାଙ୍କୁ ଜାତିସଂଘର ସ୍ଥାୟୀ ରାଷ୍ଟ୍ରଦୂତ ଏବଂ ଅନ୍ୟଟିରେ ବ୍ରିକ୍ସ ଜଏଣ୍ଟ କମିଶନ ଓ ଭାରତର ସ୍ୱତନ୍ତ୍ର ଦୂତ ଭାବେ ଦର୍ଶାଯାଇଛି। ସେ ଶନିବାର ଅପରାହ୍ଣ ୪ଟାରେ ଗିରଫ୍ ହୋଇଥିବା ହୋଟେଲରେ ପହଞ୍ଚିଥିଲେ ବୋଲି ରେସିପିଓସନିଷ୍ଟ କହିଛନ୍ତି। ସେ ହୋଟେଲରେ ଥିବା ବେଳେ ତାଙ୍କୁ କେହି ଭେଟିବାକୁ ଆସି ନ ଥିଲେ। ନାଇଟ୍ ସିଫ୍ଟରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ତାଙ୍କର ଏଣ୍ଟ୍ରି କରାଇ ଥିଲେ। ରାତିରେ ପାଖାପାଖି ୩.୩୦ରେ ଦୁଇଜଣ ପୁଲିସ କର୍ମୀ ନିଜକୁ ଦିଲ୍ଲୀ କ୍ରାଇମ ବ୍ରାଞ୍ଚର ଇନିସପେକ୍ଟର ଭାବେ ପରିଚୟ ଦେଇ ତାଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ୧୦ ମିନିଟ କଥା ହେବା ପରେ ଦୁହେଁ ଚୈତନ୍ୟାନନ୍ଦଙ୍କୁ ନେଇ ଯାଇଥିଲେ।

ଆର୍ଥିକ ଭାବେ ଦୁର୍ବଳ ଥିବା ଛାତ୍ରୀଙ୍କୁ ସେ ନିଶାଣ କରୁଥିଲେ। ଗର୍ଲ୍ସ ହଷ୍ଟେଲରେ ସିକ୍ରେଟ କ୍ୟାମେରା ଲଗାଇବା, ବିଳମ୍ବିତ ରାତିରେ ଛାତ୍ରୀଙ୍କୁ ରୁମ୍ ଡକାଇବା, ହ୍ୱାଟ୍ସଆପ୍‌ରେ ଅଶ୍ଳୀଳ ମେସେଜ ଦେବା ଭଳି ହୀନ କାର୍ଯ୍ୟ କରୁଥିଲେ। ବିଦେଶ ବୁଲାଇବା ଏବଂ ଅଧିକ ମାର୍କ ଦେବାକୁ କହି ସେ ଛାତ୍ରୀଙ୍କ ନିଜ ଜାଲରେ ଫସାଉ ଥିଲେ। ୧୭ ଛାତ୍ରୀ ତାଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ କରିଥିଲେ। ଛାତ୍ରୀଙ୍କୁ ନିଜ ରୁମ୍‌କୁ ଡକାଇ କମ୍ ଗ୍ରେଡ ଦେବା କହି ଚୈତନ୍ୟାନନ୍ଦ ବ୍ଲାକମେଲ୍ କରୁଥିଲେ। ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଥିଲା। ୬୨ ବର୍ଷୀୟ ଏହି ବାବା ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ନୀଚ କାମ କରିଥିଲେ। ସେ ଚିକାଗୋ ବିଶ୍ୱ ବିଦ୍ୟାଳୟରୁ ଏମ୍‌ବିଏ ଓ ପିଏଚ୍‌ଡି କରିଥିଲେ। ସେ ଏକାଧାରରେ ଦାର୍ଶନିକ, ଲେଖକ ଓ ଅଧ୍ୟାପକ ଥିଲେ। ୨୮ଟି ବହି ସହ ସେ ୧୪୩ଟି ରିସର୍ଚ୍ଚ ପେପର ମଧ୍ୟ ଲେଖିଛନ୍ତି।

# ୟେମେନ୍‌ରେ ଏଲ୍‌ପିଜି ଟ୍ୟାଙ୍କର ଉପରେ ଇସ୍ରାଏଲ ଆକ୍ରମଣ

ସନ୍ନା,୨୮।୯ (ଏଜେନ୍ସି): ୟେମେନରେ ଏକ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ଟ୍ୟାଙ୍କର ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା ବୋଲି ପାକିସ୍ତାନ ସ୍ୱରାଷ୍ଟ୍ର ମନ୍ତ୍ରୀ ମୋହସିନ ନକ୍‌ବୀ ସୂଚନା ଦେଇଛନ୍ତି। ଗତ ୧୭ ତାରିଖରେ ୟେମେନର ରାସ୍ ଅଲ-ଇସା ବନ୍ଦରରେ ଥିବା ଏହି ଟ୍ୟାଙ୍କର ଉପରେ ଇସ୍ରାଏଲ ଡ୍ରୋନ ଆକ୍ରମଣ କରିଥିଲା। ଏହି ବନ୍ଦର ହୁତୀ ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ରହିଛି। ଏହି ଟ୍ୟାଙ୍କର ଇରାନର ଆବାସ ବନ୍ଦରରୁ ଆସୁଥିଲା। ଏଥିରେ ୨୭ ଜଣିଆ ଚାଳକ ଦଳ ଥିଲା। ଏମାନଙ୍କ ମଧ୍ୟରେ ୨୪ଜଣ ପାକିସ୍ତାନୀ, ୨ ସିଂହଳୀ ଓ ଜଣେ ନେପାଳୀ ନାଗରିକ ଥିଲେ।




ମୁକ୍ତା ଆକବର ଟ୍ୟାଙ୍କରର କ୍ୟାପ୍ଟେନ ଭାବେ ଦାୟିତ୍ୱରେ ଥିଲେ। ଡ୍ରୋନ ଆକ୍ରମଣ ଯୋଗୁଁ ଏଲ୍‌ପିଜି ଟ୍ୟାଙ୍କରରେ ବିସ୍ଫୋରଣ ହୋଇ ନିଆଁ ଲାଗି ଯାଇଥିଲା। ତେବେ ଚାଳକ ଦଳ ତୁରନ୍ତ ନିଆଁକୁ ଲିଭାଇବାରେ ସଫଳ ହୋଇଥିଲେ ବୋଲି ନକ୍‌ବୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହାପରେ ହୁତୀ ବିଦ୍ରୋହୀଙ୍କ ନୌକା ଟ୍ୟାଙ୍କରକୁ ଘେରି ଯାଇଥିଲା। ଏହି ଆତଙ୍କବାଦୀ ଚାଳକ ଦଳକୁ ଜାହାଜରେ ବନ୍ଦୀ କରି ରଖିଥିଲା। ୧୦ ଦିନ ପରେ ଏହାକୁ ଛାଡ଼ି ଦେଇଥିଲେ। ଏବେ ଏହି ଟ୍ୟାଙ୍କର ୟେମେନର ଅଞ୍ଚଳରୁ ବାହରକୁ ଆସିଛି। ଟ୍ୟାଙ୍କରର ସବୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଇସ୍ରାଏଲ ପୂର୍ବରୁ ୟେମେନର କଣ୍ଟ୍ରୋଲ ହେଡକ୍ୱାର୍ଟର ଉପରେ ଆକ୍ରମଣ କରିଥିଲା।

## ଜୁବିନଙ୍କ ମ୍ୟାନେଜର, ଆୟୋଜକଙ୍କ ବିରୋଧରେ ଅଭିଯୋଗ




ନୂଆଦିଲ୍ଲୀ,୨୮।୯ (ଏଜେନ୍ସି): ବଲିଉଡ୍ ତଥା ଆସାମ ତାରକା ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ତାଙ୍କ ପରିବାର ଲୋକେ ତଦନ୍ତ ଦାବି କରିଛନ୍ତି। ଜୁବିନଙ୍କ ମ୍ୟାନେଜର ସିର୍ଦ୍ଧାର୍ଥ ଶର୍ମା ଓ ନର୍ଥ- ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲର ଆୟୋଜକ ଶ୍ୟାମକାନୁ ମହନ୍ତଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ଆସାମ କ୍ରିମିନାଲ ଇନଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସିଆଇଡି)ରେ ଅନ୍‌ଲାଇନ୍‌ରେ ଏହି ଅଭିଯୋଗ ଦାଖଲ କରାଯାଇଛି। ଜୁବିନଙ୍କ ପତ୍ନୀ ଗାରିମା ଗର୍ଗ, ଭାଉଜ ପମି ବୋରଠାକୁର ଓ ଦାଦା ମନୋଜ ବୋରଠାକୁର ଏହି ଅଭିଯୋଗ କରିଛନ୍ତି। ଏହି ଅଭିଯୋଗରେ ସିଦ୍ଧାର୍ଥ ଓ ଶ୍ୟାମକାନୁଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଯାଞ୍ଚ ଭଲ ଭାବେ ହେଉ ଓ ପୂରା ଟିମ୍ ଯାଞ୍ଚର ପରିସରରେ ରହୁ। ସତ କଣ ସାମ୍ନାକୁ ଆସୁ। ଯିଏ ବି ଦୋଷୀ ତାଙ୍କୁ ଛଡ଼ା ନ ଯାଉ ବୋଲି ସେ କହିଛନ୍ତି। ଗତ ୧୯ ତାରିଖରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅବସରରେ ଦୁର୍ଘଟଣା ସମ୍ମୁଖୀନ ହୋଇ ଜୁବିନ ମୃତ୍ୟୁବରଣ କରିଥିଲେ। ୫୨ ବର୍ଷୀୟ ଜୁବିନ ତାଙ୍କ କ୍ୟାରିଅରରେ ୪୦ଟି ଭାଷାରେ ମୋଟ ୩୮,୦୦୦ ଗୀତ ଗାଇଥିଲେ

**ଟଙ୍କା ପାଇଁ ବିବାହରେ ଫାଟ**

# ଛାଡ଼ପତ୍ର ପାଇଁ ୪୨% ପୁରୁଷ ନେଇଛନ୍ତି ଋଣ

ମୁମ୍ବଇ, ୨୮।୯ (ଏଜେନ୍ସି):




ଭାରତରେ ଦାମ୍ପତ୍ୟ ଜୀବନ କଳହପୂର୍ଣ୍ଣ ହେବାରେ ଲାଗିଛି। ଏଥିଯୋଗୁଁ ଦିନକୁ ଦିନ ଛାଡ଼ପତ୍ର ମାମଲା ବଢ଼ି ଚାଲିଛି। ଏହା କାରଣ ଜାଣିବା ଏକ ଆର୍ଥିକ ପରାମର୍ଶଦାତା କମ୍ପାନୀ କରିଥିବା ସର୍ଭେରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏଥିରୁ ଜଣାପଡ଼ିଛି ଯେ ବିବାହ ପରେ ୪୨ ପ୍ରତିଶତ ପୁରୁଷ ଛାଡ଼ପତ୍ର ସମ୍ବନ୍ଧିତ ଖର୍ଚ୍ଚ ପାଇଁ ଋଣ ନେଇଛନ୍ତି। ସେହିପରି ୪୬ ପ୍ରତିଶତ ମହିଳା କାମ କରିବା ଛାଡ଼ି ଦେଇଥିଲେ କିମ୍ବା ହ୍ରାସ କରିଥିଲେ। 'ୱାନ ଫାଇନାନ୍ସ ଆଡଭାଇଜର କମ୍ପାନୀ'ର ସର୍ଭେରୁ ଏହା ଜଣାପଡିଛି। ଏଥିରେ ଟିୟର-୧ ଏବଂ ଟିୟର-୨ ସହରର ଛାଡ଼ପତ୍ର ନେଇଥିବା କିମ୍ବା ଆବେଦନ କରିଥିବା ୧୨୫୮ ଦମ୍ପତିଙ୍କ ରାୟ ନିଆଯାଇଥିଲା।

ସର୍ଭେରେ କୁହାଯାଇଛି ଯେ ଭରଣପୋଷଣ ଖର୍ଚ୍ଚ ଦେବା ପରେ ୨୯ ପ୍ରତିଶତ ପୁରୁଷଙ୍କ ଆୟ ନକରାତ୍ମକ ସ୍ଥିତିକୁ ଚାଲି ଯାଇଥିଲା। ଆୟର ୩୮ ପ୍ରତିଶତ ଅଂଶ ଭରଣପୋଷଣ ଦେବାରେ ଖର୍ଚ୍ଚ ହୋଇଥିଲା। ଛାଡ଼ପତ୍ର ସମ୍ବନ୍ଧିତ ଖର୍ଚ୍ଚରେ ୧୯ ପ୍ରତିଶତ ମହିଳା ୫ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ କରିଥିଲେ। ସେହିପରି ୪୯ ପ୍ରତିଶତ ପୁରୁଷ ମଧ୍ୟ ଏତେ ଟଙ୍କା ଖର୍ଚ୍ଚ କରିଥିଲେ।

**ଟଙ୍କାକୁ ନେଇ ଝଗଡ଼ା ହୋଇଥିବା ମାନିଛନ୍ତି ୬୭%**

ବିବାହ ପରେ ଟଙ୍କାକୁ ନେଇ ବିବାଦ ହେଉଥିଲା ବୋଲି ୬୭ ପ୍ରତିଶତ ଲୋକ କହିଥିଲେ। ଆର୍ଥିକ ବିବାଦ ଏବଂ ଅସମାନତା ଯୋଗୁଁ ଛାଡ଼ପତ୍ର ହୋଇଥିବା ୪୩ ପ୍ରତିଶତ ସ୍ୱୀକାର କରିଥିଲେ। ବିବାହ ସମୟରେ ୫୬ ପ୍ରତିଶତ ମହିଳା ନିଜ ସ୍ୱାମୀଙ୍କଠାରୁ କମ୍ ଆୟ କରୁଥିଲେ। କେବଳ ୨ ପ୍ରତିଶତ ମହିଳା ସ୍ୱାମୀଙ୍କଠାରୁ ଅଧିକ ଦରମା ପାଉଥିଲେ।

ୱାନ ଫାଇନାନ୍ସର ସହ ପ୍ରତିଷ୍ଠାତା ତଥା ସିଇଓ କେଭଲ ଭାନଶାଲୀ କହିଛନ୍ତି ଯେ ଟଙ୍କା ହିଁ ଛାଡ଼ପତ୍ରର ମୁଖ୍ୟ କାରଣ ପାଲଟି ଯାଇଛି। ଅନ୍ୟଠାରୁ କମ୍ ଅର୍ଥ ଆୟ କରୁଥିବାର ଭାବନାରୁ ବିବାଦ ସୃଷ୍ଟି ହୋଇଥାଏ। ଏହା ଦାମ୍ପତ୍ୟ ଜୀବନକୁ ଛାରଖାର କରିଦିଏ। ତେଣୁ ବିବାହ ପାଇଁ ଭାବପ୍ରବଣତା ସହିତ ଆର୍ଥିକ ଭାବେ ମଜବୁତ ହେବା ମଧ୍ୟ ଜରୁରୀ। ବିଶେଷଜ୍ଞଙ୍କ ଅନୁଯାୟୀ ବିବାହ ପୂର୍ବରୁ ଟଙ୍କାକୁ ନେଇ ଖୋଲାଖୋଲି ଭାବେ ଆଲୋଚନା କରିବା ଉଚିତ। ବର୍ତ୍ତମାନର ଋଣ, ଭବିଷ୍ୟତର ସଞ୍ଚୟ, ଉଭୟଙ୍କ ମାତାପିତାଙ୍କ ଦାୟିତ୍ୱ, ଆୟରେ ଅନିଶ୍ଚିତତା ଏବଂ ଜୀବନଶୈଳୀକୁ ନେଇ ଥିବା ଆଶା ବିଷୟରେ ପୂର୍ବରୁ ଆଲୋଚନା କରିବା ଜରୁରୀ। ଏହା ଦ୍ୱାରା ସମ୍ବନ୍ଧରେ ସ୍ଥିରତା ଆସିବ ଏବଂ ବିବାଦରୁ ଦୂରେଇ ରହିହେବ।

## ନବରାତ୍ରୀରେ ଗ୍ରହମାନଙ୍କ ଅଦ୍ଭୁତ ସଂଯୋଗ

# ଗଜବାହନରେ ଆସିଲେ ମା'



ଭୁବନେଶ୍ୱର,୨୮।୯(ସମିସ): ଶାରଦୀୟ ପୂଜାରେ ଧରାବତରଣ କରଛନ୍ତି ଜଗତଜନନୀ ମା' ଦୁର୍ଗା। ମା'ଙ୍କ ନବରାତ୍ରି ପୂଜା ଆରମ୍ଭ ହୋଇଯାଇଛି। ହିନ୍ଦୁ ଧର୍ମରେ ନବରାତ୍ରିର ବିଶେଷ ମହତ୍ତ୍ୱ ରହିଛି। ପ୍ରତିବର୍ଷ ଆଶ୍ୱିନ ମାସରେ ପାଳିତ ହେଉଥିବା ଶାରଦୀୟ ନବରାତ୍ରିରେ ମହିଷାମର୍ଦ୍ଦିନୀ ମା' ଦୁର୍ଗା ଓ ତାଙ୍କର ୯ ରୂପର ପୂଜାର୍ଚ୍ଚନା ହୋଇଥାଏ। ଏଥର ନବରାତ୍ରି ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇଛି ଓ ଅକ୍ଟୋବର ୨ ତାରିଖରେ ଦଶହରାରେ ଏହା ଶେଷ ହେବ। ତେବେ ଚତୁର୍ଥୀ ତିଥି ବୃଦ୍ଧି ହେତୁ ଚଳିତବର୍ଷ ନବରାତ୍ରୀ ଦଶଦିନ ପାଳନ ହେଉଛି ଓ ମା' ଦୁର୍ଗା ଗଜ ଅର୍ଥାତ୍ ହାତୀ ବାହନରେ ଧରାବତରଣ କରିଛନ୍ତି।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ ହାତୀ ଉପରେ ବିରଜମାନ କରି ଧରାପୃଷ୍ଠକୁ ଦେବୀଙ୍କ ଆଗମନ ସୁଖ ଓ ସମୃଦ୍ଧି ଆଣିବ। ଅନ୍ୟପକ୍ଷରେ କିଛି ଜ୍ୟୋତିଷଙ୍କ ଆକଳନ ଚଳିତ ବର୍ଷ ୨୦୨୫ ସାଂଖ୍ୟିକ ଅନୁସାରେ ମଙ୍ଗଳଙ୍କ ବର୍ଷ । ଯେଉଁଠାରେ ୨୦୨୫ ସଂଖ୍ୟାକୁ ମିଶାଇଲେ ୯ ହୋଇଥାଏ। ମଙ୍ଗଳ ଯୁଦ୍ଧକାରକ ଓ ଏହା ଶକ୍ତି, ସାହସ ଏବଂ ପରିବର୍ତ୍ତନର ପ୍ରତୀକ । ସେହିପରି ଚଳିତ ବର୍ଷ ରାଶି ଉପରେ ଶନିଙ୍କ ଗତି ପଶ୍ଚାତଭିମୁଖୀ ବା ବକ୍ରୀ ରହିଛି। ଶନିଙ୍କୁ କର୍ମର ଦାତା ବୋଲି ବିବେଚନା କରାଯାଏ ଏବଂ ଏହାର ପଛକୁ ଗତି ସମସ୍ତ ରାଶି ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇବ। କେବଳ ସେତିକି ନୁହଁ ବୃହସ୍ପତି ମଧ୍ୟ ପଛକୁ ଚଳନ କରିସାରିଛନ୍ତି। ଯାହାର ଅର୍ଥ ହେଉଛି ଯେତେବେଳେ ବୃହସ୍ପତି ପଛକୁ ଯାଆନ୍ତି ଏହା ଜଣେ ବ୍ୟକ୍ତିଙ୍କ ଜୀବନରେ ବିଳମ୍ବ, ବାଧା କିମ୍ବା ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ହେଲେ ସବୁଠୁ ବଡ କଥା ହେଲା ଏହି ସବୁ ସଂକେତ ମିଶିଗଲେ ଯୁଦ୍ଧର ସୂଚନା ଦେଇଥାଏ ବୋଲି କିଛି ଜ୍ୟୋତିଷ ମତ ଦେଇଛନ୍ତି। ଏକ ପକ୍ଷରେ ଗଜବାହନରେ ମା'ଙ୍କ ଆଗମନ ସୁଖ ସମୃଦ୍ଧି ଆଣିଥିବାବେଳେ ଶନିଙ୍କ ବକ୍ରୀ ଗତି ଓ ମଙ୍ଗଳଙ୍କ ବର୍ଷ ଯୁଦ୍ଧ ଓ ବିଶୃଙ୍ଖଳା ସୃଷ୍ଟି କରିପାରେ ବୋଲି ଜ୍ୟୋତିଷମାନେ ଆକଳନ କରିଛନ୍ତି।

## ଦୁଇ ଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଉଦ୍‌ଯାପିତ

# ମଧ୍ୟସ୍ଥତା ବର୍ତ୍ତମାନ ସମୟର ଆବଶ୍ୟକତା: ନ୍ୟାୟମୂର୍ତ୍ତି ସୁନ୍ଦରେଶ

ଭୁବନେଶ୍ୱର,୨୮।୯(ସମିସ): ସ୍ଥାନୀୟ ଲୋକସସେବା ଭବନରେ ଆୟୋଜିତ ଦୁଇ-ଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ-୨୦୨୫ର ଉଦଯାପନୀ ସମାରୋହ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ସମ୍ମିଳନୀର ଉଦଯାପନୀ ସମାରୋହରେ ସୁପ୍ରିମକୋର୍ଟର ନ୍ୟାୟମୂର୍ତ୍ତି ଏମ.ଏମ. ସୁନ୍ଦରେଶ ଯୋଗଦେଇ ରାମାୟଣ ଯୁଗର ଉଦାହରଣ ଦେଇ କହିଲେ ଯେ ମହାବୀର ହନୁମାନ ହେଉଛନ୍ତି ଜଣେ ବଡ଼ ମଧ୍ୟସ୍ଥି । କାରଣ ସେ ସତ୍ୟ ଓ ନ୍ୟାୟର ମଧ୍ୟସ୍ଥତା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ତେଣୁ ମଧ୍ୟସ୍ଥତାର ପ୍ରାସଙ୍ଗିକତା ଅତୀବ ପୁରାତନ। ଏହାକୁ ବର୍ତ୍ତମାନ ଉପଯୋଗୀ କରିବାର ଆବଶ୍ୟକତା ରହିଛି ବୋଲି ନ୍ୟାୟମୂର୍ତ୍ତୀ ପ୍ରକାଶ କରିଥିଲେ।

ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ ଯେ ଓଡ଼ିଶା ମାଟି ହେଉଛି ମଧ୍ୟସ୍ଥତାର ମାଟି। ଆମର ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ହେଉଛି ମଧ୍ୟସ୍ଥତାର ଏକ ନିଚ୍ଛକ ପ୍ରଦର୍ଶନ। ଆମ ଦେଶରେ ଏବେ ପ୍ରାୟ ୪ କୋଟି ବିଭିନ୍ନ ମାମଲା ରହିଛି। ଏହାକୁ ସମାଧାନ କରିବାରେ ମଧ୍ୟସ୍ଥତା ଉଲ୍ଲେଖନୀୟ ଯୋଗଦାନ କରିବ । କରୋନା ମହାମାରୀ ଆମକୁ ଅନ୍ ଲାଇନ୍ ମାଧ୍ୟମରେ ମାମଲା ଶୁଣାଣି ପାଇଁ ପଥ ଦେଖାଇଥିଲା। ଏବେ ବୈଷୟିକ ଜ୍ଞାନ କୌଶଳ ବୃଦ୍ଧି ପାଇଛି । କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ ହେଉଛି। ବିଭିନ୍ନ ରାଜ୍ୟରେ ମାତୃଭାଷାରେ ଆଇନଗତ ମାମଲାର ଶୁଣାଣି କରାଯିବା ଉପରେ ସେ ମତ ରଖିଥିଲେ। ବିବାଦ ସୃଷ୍ଟି ନକରାଯିବା, ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରଖିବା, ଶିକ୍ଷା, ସଚେତନତା ମାଧ୍ୟମରେ ମଧ୍ୟସ୍ଥତା ସଂସ୍କୃତି ସୃଷ୍ଟି କରିବା ଉପରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ନିଜ ସମ୍ବୋଧନରେ କହିଲେ ଯେ ମଧ୍ୟସ୍ତତା ବିଭିନ୍ନ କ୍ଷେତ୍ରରେ ରହୁଥିବା ମାମଲାରେ ବିବାଦ ସମାଧାନର ବିକଳ୍ପ ବ୍ୟବସ୍ଥା। ଏହି ସମ୍ମିଳନୀରୁ ଆଲୋଚିତ ନିଷ୍କର୍ଷ ଆଧାରରେ ଦେଶରେ ମଧ୍ୟସ୍ତତା ବ୍ୟବସ୍ଥାରେ ଉନ୍ନତି ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ସେ ମତପ୍ରକାଶ କରିଥିଲେ। ସେହିପରି ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଅହସାନୁଦ୍ଦିନ ଅମାନୁଲ୍ଲାହ ଯୋଗ ଦେଇ କହିଲେ ଯେ ଆଇନ ଗତ ମାମଲାରେ ଜଣେ ଜିତେ ଓ ଜଣେ ହାରେ। ତେଣୁ ଜଣେ ଦୁଃଖ ପାଏ। କିନ୍ତୁ ମଧ୍ୟସ୍ତତା ଜରିଆରେ ହୋଇଥିବା ମାମଲାର ସମାଧାନରେ ଉଭୟ ପକ୍ଷ ସନ୍ତୁଷ୍ଟ ହୋଇଥାନ୍ତି। ସର୍ବୋଚ୍ଚ ନ୍ୟାୟାଳୟର ଅନ୍ୟତମ ବିଚାରପତି ନ୍ୟାୟ ମୂର୍ତ୍ତି ସଞ୍ଜୟ କରୋଲ ଯୋଗ ଦେଇ ଆଇନ ଗତ ମାମଲା ଫଇସଲାରେ ମଧ୍ୟସ୍ତତାର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ସେ କହିଥିଲେ ଯେ ଦେଶରେ ବିଭିନ୍ନ ଆଇନଗତ ମାମଲା ବଢି ଚାଲିଛି। ବିଶେଷ କରି ସମାଜର ଅବହେଳିତ ବର୍ଗର ଲୋକେ ସେମାନଙ୍କର ନ୍ୟାଯ୍ୟ ଅଧିକାର ପାଇବାକୁ ବଞ୍ଚିତ ହେଉଛନ୍ତି। ସମ୍ମିଳନୀରେ ଯୋଗଦେଇଥିବା ବିଚାରପତି, ଆଇନଜୀବୀ ଏବଂ ମହାଧିବକ୍ତା, ପ୍ରଶାସନିକ ଅଧିକାରୀମାନଙ୍କୁ ଏ ସଂପର୍କରେ ଚିନ୍ତା କରିବାର ଆବଶ୍ୟକତା ରହିଛି । ତୃଣମୂଳସ୍ତରରେ ରହୁଥିବା ସମସ୍ୟାକୁ ସମାଧାନ କରିବାରେ ସମସ୍ତଙ୍କର ସମ୍ମିଳିତ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ ରାଜନୈତିକ ହେଉ ବା ଅନ୍ୟ ବିଭିନ୍ନ କ୍ଷେତ୍ରରେ ହେଉ, ବିବାଦ ଉପୁଜିବା ପୂର୍ବରୁ ମଧ୍ୟସ୍ଥତାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ସଙ୍ଗମ ସାହୁ, ନ୍ୟାୟମୂର୍ତ୍ତି କୃଷ୍ଣ ରାମ ମହାପାତ୍ର, ନ୍ୟାୟମୂର୍ତ୍ତି ଡଃ. ସଞ୍ଜୀବ କୁମାର ପାଣିଗାହୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ ଯେ ଆଜିଆଜି ଦିବସବ୍ୟାପୀ ବିଭିନ୍ନ ପ୍ରସଙ୍ଗକୁ ନେଇ ମୋଟ ୫ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା।



ଶିକ୍ଷା, ସଚେତନତା ମାଧ୍ୟମରେ ମଧ୍ୟସ୍ଥତା ସଂସ୍କୃତି ସୃଷ୍ଟି କରିବା ଉପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗୁରୁତ୍ୱାରୋପ

■ ଆସୁଛି ଆଉ ଏକ ଲଘୁଚାପ

# ନବମୀ, ଦଶମୀରେ ବର୍ଷା ଆଶଙ୍କା

ଭୁବନେଶ୍ୱର, ୨୮।୯ (ସମିସ): ଦୁର୍ଗାପୂଜାରେ ଓଡ଼ିଶା ଉପରେ ରହିବ ପୁଣି ଗୋଟିଏ ଲଘୁଚାପର ପ୍ରଭାବ। ଅକ୍ଟୋବର ପହିଲାରେ ପୁଣି ଏକ ଲଘୁଚାପ ଯୋଗୁଁ ରାଜ୍ୟରେ ସୃଷ୍ଟି ହେବ ବର୍ଷା ସ୍ଥିତି। ଫଳରେ ଅନେକ ସ୍ଥାନରେ ପୂଜା ଫିକା ପଡ଼ିବ। ବିଶେଷକରି, ନବମୀ ଓ ଦଶମୀରେ ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଥିବାରୁ ଏଥର ପାର୍ବଣ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ର ଆଶଙ୍କା କରୁଛି ଯେ ସେପ୍ଟେମ୍ବର ୩୦ ତାରିଖ ମଙ୍ଗଳବାର ଦିନ ଉତ୍ତର ଆଣ୍ଡାମାନସାଗରରେ ଏକ ଉପର ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ଅକ୍ଟୋବର ୧ ତାରିଖ (ବୁଧବାର) ପାଖାପାଖି ଉତ୍ତର ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ପ୍ରଭାବରେ ମହାଷ୍ଟମୀଠାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହେବ।

ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୩୦ ତାରିଖ ଦିନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇ ଅକ୍ଟୋବର ୨ ସୁଦ୍ଧା ଏହା ଅବପାତରେ ପରିଣତ ହେବ। ଏହା କ୍ରମଶଃ ଦକ୍ଷିଣ-ଓଡ଼ିଶା ଉପକୂଳ ଆଡ଼କୁ ମୁହାଁଇପାରେ। ତଥାପି ଉପକୂଳରୁ ଦୂରରେ ରହିବ। ସମ୍ଭବତଃ ୩ ତାରିଖରେ ଦକ୍ଷିଣ ଓଡ଼ିଶା ଉପକୂଳ ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ର ଉପକୂଳକୁ ଏହା ସ୍ପର୍ଶ କରିବ। ରାଜ୍ୟରେ ୩୦ ତାରିଖରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ମାତ୍ର ଅକ୍ଟୋବର ୧ (ନବମୀ)ରେ ଉତ୍ତର ଉପକୂଳରେ ବିକ୍ଷିପ୍ତ ଏବଂ ପୁରୀ ଓ ଗଞ୍ଜାମ ଜିଲ୍ଲା, ନୟାଗଡ଼ ଓ ଗଜପତିରେ ସ୍ୱଳ୍ପ ବର୍ଷା ହୋଇପାରେ। ସେହିପରି ଅକ୍ଟୋବର ୨ରେ (ଦଶମୀ) ରେ ମଧ୍ୟାହ୍ନ ପର୍ଯ୍ୟନ୍ତ ପୁରୀ ଓ ଗଞ୍ଜାମ ଜିଲ୍ଲା ଓ ସମୁଦ୍ର ସଂଲଗ୍ନ ଅଞ୍ଚଳରେ ବିକ୍ଷିପ୍ତ ବର୍ଷା ହୋଇପାରେ। ମଧ୍ୟାହ୍ନ ପରେ ବର୍ଷା ବଢ଼ିପାରେ। ଅକ୍ଟୋବର ୩ରେ ରାଜ୍ୟରେ ଅଧିକାଂଶ ସ୍ଥାନରେ ବର୍ଷା ହୋଇପାରେ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି।

ପୂର୍ବଲଘୁଚାପରପ୍ରଭାବକମିବାପରେରାଜ୍ୟରେବର୍ଷାରପରିମାଣହ୍ରାସହୋଇଛି।ତେଣୁ ରାଜ୍ୟରେବନ୍ୟାସ୍ଥିତିନାହିଁବୋଲିଜଳସମ୍ପଦବିଭାଗସ୍ପଷ୍ଟକରିଛି।ଜଳସମ୍ପଦବିଭାଗସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ବର୍ତ୍ତମାନ କୌଣସି ସ୍ଥାନରେ କି କୌଣସି ନଦୀରେ ବନ୍ୟା ଭୟ ନାହିଁ। ବର୍ଷାର ପ୍ରଭାବ କମିଛି। ଗତକାଲି କେବଳ ୩ଟି ବ୍ଲକ ସଦର ମହକୁମାରେ ୫୦ ମିଲିମିଟର ବର୍ଷା ହୋଇଛି। ସମସ୍ତ ନଦୀ ବିପଦ ସଂକେତ ତଳେ ପ୍ରବାହିତ ହେଉଛି।

# ନୂଆପଡ଼ା ଦଖଲ ପାଇଁ ୩ ଦଳର ଦୃଢ଼ୋକ୍ତି

ଭୁବନେଶ୍ୱର, ୨୮।୯(ସମିସ): ବିହାର ନିର୍ବାଚନ ସମୟରେ ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ୍ ପଡ଼ିବ। ଏହି ଆସନକୁ ନେଇ ନିର୍ବାଚନ କମିସନ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ରାଜନୈତିକ ଦଳଗୁଡ଼ିକ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ଏହି ଆସନରେ ତ୍ରିକୋଣୀୟ ଲଢ଼େଇ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କଂଗ୍ରେସ ସମସ୍ତଙ୍କଠାରୁ ପାଦେ ଆଗକୁ ବଢ଼ି ଆମ ଖାତାରେ ୬୫ ହଜାର ଭୋଟ୍ ରହିଛି ବୋଲି କହୁଥିବା ବେଳେ ବିଜେଡି ଏହି ଆସନରେ ବହୁ ଭୋଟ୍‌ରେ ଜିତିବ ଓ ଆସନ ବଜାୟ ରଖିବ ବୋଲି କହିଛି। ଅନ୍ୟପଟେ, ବିଜେପି ଏକାକୀ ସରକାର ଗଠନ କରିବା ପରେ ଏହା ଦଳ ପାଇଁ ପ୍ରଥମ ଉପନିର୍ବାଚନ ହୋଇଥିବାରୁ ଏହି ଆସନ ଜିତି ରାଜ୍ୟରେ ଦଳର ସ୍ଥିତି ମଜଭୁତ କରିବାକୁ ଜୋରଦାର ଉଦ୍ୟମ କରୁଥିବା ଜଣାପଡ଼ିଛି।

■ ଆମ ଖାତାରେ ୬୫ ହଜାର ଭୋଟ: ଭକ୍ତ
■ ଆସନ ଦଖଲ ନେଇ ମନମୋହନଙ୍କ ଦମ୍ଭ
■ ବିପୁଳ ଭୋଟରେ ବିଜୟୀ ହେବୁ: ପ୍ରମିଳା

ନୂଆପଡ଼ା ଆସନକୁ ନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ନୂଆପଡ଼ାରେ ଆମେ ନିଶ୍ଚୟ ଜିତିବୁ, ଯଶସ୍ୱୀ ହେବୁ। ଆମେ ଜିତିବା ପାଇଁ ଲୋକମାନେ ଚାହୁଁଛନ୍ତି। ସେ ଅଞ୍ଚଳରେ ବିକାଶ ବହୁତ ପଛରେ ଅଛି। ବିଜେପି ଜିତିଲେ ସେ ଅଞ୍ଚଳର ଥିବା ସମସ୍ୟାର ସମାଧାନ କରିବାରେ ସମର୍ଥ ହେବ ବୋଲି ମନମୋହନ କହିଛନ୍ତି। ଏହାବ୍ୟତୀତ ଦଳର ପ୍ରାର୍ଥୀ କିଏ ହେବେ, ସେ ସମ୍ପର୍କରେ ସଂସଦୀୟ ଦଳର ନିଷ୍ପତ୍ତି ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ନୂଆପଡ଼ା ଉପନିର୍ବାଚନକୁ ନେଇ ଉତ୍ସାହୀ ଥିବା ପରିଲକ୍ଷିତ ହୋଇଛି। ଏହାସହ ପୂର୍ବଥରର ସ୍ୱାଧୀନ ପ୍ରାର୍ଥୀ ତଥା ବର୍ତ୍ତମାନର ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀ ଏଠାରୁ କଂଗ୍ରେସ ପ୍ରାର୍ଥୀ ହେବା ନେଇ ଏକପ୍ରକାର ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଘାସିରାମ ମାଝୀ ନୂଆପଡ଼ା ମାଟିର ପୁଅ। ମାଟିର ମଣିଷ ଘାସିରାମ ମାଝୀ ହିଁ ଜିତିବେ। ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ୱାର୍ ରୁମ୍ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ୬ଟି ଜୋନ୍‌ରେ ୬ଟି କମିଟି ହୋଇସାରିଲାଣି। ଆସନ୍ତା ୫ କିମ୍ବା ୬ ତାରିଖ ଆଡ଼କୁ ସେ ନୂଆପଡ଼ା ଯିବେ ଏବଂ କଂଗ୍ରେସର ବିଜୟ ପର୍ବ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ୫୦ ହଜାର ଭୋଟ ପାଇଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ୧୫ ହଜାର ଭୋଟ ପାଇଥିଲେ। ବର୍ତ୍ତମାନ ଘାସିରାମ ମାଝୀ ହେଉଛନ୍ତି ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି। ତେଣୁ ଆମ ଖାତାରେ ୬୫ ହଜାର ଭୋଟ ଅଛି ବୋଲି ସେ କହିଛନ୍ତି।

ଦୁଇ ଦଳର ସଭାପତିଙ୍କ ଦାବିକୁ ଖଣ୍ଡନ କରି ବିଜେଡି ଏହି ଆସନରେ ବିପୁଳ ଭୋଟ୍‌ରେ ବିଜୟୀ ହେବ ବୋଲି ବିଜେଡି ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ନିଜର ଭୋଟ୍ ଅନ୍ୟଆଡ଼େ ବିଜେପିକୁ ଦେଇ ଦେଇଛି। ନୂଆପଡ଼ା ଆସନ ବିଜେଡିର ଥିଲା। ଏହା ବିଜେଡିର ରହିବ। ବିଜେପିକୁ ଦେଢ଼ବର୍ଷରେ ଲୋକେ ଘୃଣା କଲେଣି। ନୂଆପଡ଼ାରେ ଲୋକେ ସେମାନଙ୍କୁ ଉଚିତ ଜବାବ ଦେବେ। ସେଠାରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଯିଏ ମଧ୍ୟ ସେଠାକୁ ଆସିଲେ ବିଜେଡି ଓ ଦଳର ସଭାପତି ନବୀନ ପଟ୍ଟନାୟକ ଯାହାକୁ ଟିକଟ ଦେବେ, ସେଠାରେ ତାଙ୍କର ବିଜୟ ହେବ। ଏମିତିକି ସ୍ୱର୍ଗତ ଢୋଲକିଆଙ୍କଠାରୁ ମଧ୍ୟ ଏଥର ପ୍ରାର୍ଥୀ ଅଧିକ ଭୋଟ୍‌ରେ ଜିତିବେ ବୋଲି ପ୍ରମିଳା ଦୃଢ଼ୋକ୍ତି ବାଢ଼ିଛନ୍ତି।

## ରାଜ୍ୟ ବିଜେପି ସରକାର ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବ ବିଜେଡି

# ଗାନ୍ଧୀ ଜୟନ୍ତୀରୁ ସଂକଳ୍ପ, ଗୋପବନ୍ଧୁ ଜୟନ୍ତୀରୁ ଜନ ସଂପର୍କ ପଦଯାତ୍ରା

ଭୁବନେଶ୍ୱର,୨୮।୯(ସମିସ): ଆସନ୍ତା ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଓ ସାର୍ବଜନୀନ ଦଶହରା ପଡୁଥିବାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ବିଜୁ ଜନତା ଦଳ ଜନ ସମ୍ପର୍କ ପଦଯାତ୍ରା ପାଇଁ ସଂକଳ୍ପ ନେବ। ଏହାପରେ ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ପଦଯାତ୍ରା କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି କାର୍ଯ୍ୟକ୍ରମ ଜାରି ରହିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ସହିତ ସମ୍ପର୍କ ସ୍ଥାପନ ସହ ଗତ ୧୫ ମାସର ବିଜେପି ସରକାରଙ୍କ ବିଫଳତାକୁ ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦଳର ପଦଯାତ୍ରା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ପବିତ୍ର ଗାନ୍ଧୀ ଜୟନ୍ତୀରେ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ସଙ୍କଳ୍ପ ନିଆଯିବ। ଏହାପରେ ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ପଦଯାତ୍ରା ସମୟରେ ବିଜେପି ସରକାରଙ୍କ ବିଫଳତାକୁ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରାଯିବ।



■ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ମହିଳା ଅସୁରକ୍ଷିତ
■ ମଦମୁକ୍ତ ଓଡ଼ିଶା ଗଠନ ନାରା ପ୍ରହସନରେ ପରିଣତ
■ ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ଚୋରି କରିଛନ୍ତି ସରକାର

ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ ବିଜେପି ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି। ହେଲେ ଗତ ୧୫ ମାସର ବିଜେପି ସରକାରଙ୍କ କାର୍ଯ୍ୟକଳାପ ଦେଖି ରାଜ୍ୟବାସୀ ଅତିଷ୍ଠ ହେଲେଣି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ରାଜ୍ୟରେ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ରାଜ୍ୟବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ କରାଯାଇଥିବା ବିଏସ୍‌କେୱାଇ ବହୁତ ଉପକାରୀ ହୋଇଥିଲା ବେଳେ ବିଜେପି ସରକାରଙ୍କ ଦ୍ୱାରା ଆୟୁଷ୍ମାନ ଯୋଜନା ଆସିବା ପରେ ଲୋକମାନେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି। ମଦମୁକ୍ତ ଓ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ଏବେ ୭୦ଟି ନୂଆ ମଦ ଦୋକାନ ଓ ଦୁଇଟି ମଦ କାରଖାନା ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ସାର ଅଭାବରୁ ରାଜ୍ୟର ଚାଷୀ ଆଜି ରାଜରାସ୍ତାରେ ଛିଡ଼ା ହୋଇଛନ୍ତି। ପଞ୍ଚାୟତ ସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଙ୍କୁଚିତ କରି ସରକାର ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ତେଣୁ ଏହି ସବୁ ପ୍ରସଙ୍ଗକୁ ନେଇ ବିଜେଡି ରାଜ୍ୟ ବିଜେପି ସରକାରଙ୍କୁ ପଦଯାତ୍ରା ମାଧ୍ୟମରେ ଘେରିବ ବୋଲି ସେ ସୂଚନା ଦେଇଛନ୍ତି।

# ସାପ କାମୁଡ଼ାରେ ମା'-ଝିଅ ମୃତ

ତୁରୁମୁଙ୍ଗା, ୨୮।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବଡ଼ବିଲ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ମା'-ଝିଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଗ୍ରାମସାଥୀ ରଞ୍ଜନ କୁମାର ନାୟକଙ୍କ ସ୍ତ୍ରୀ ଯାତ୍ରୀ ନାୟକ(୩୮) ଏବଂ ତାଙ୍କ ଶାଶୂ ତୁରୁମୁଙ୍ଗା ଥାନା କାଶୀପୁର ଗ୍ରାମର ଫୁଲମଣି ନାୟକ(୭୧)। ଯାତ୍ରୀଙ୍କ ଘରକୁ ବୁଲି ଆସିଥିଲେ ଫୁଲମଣି। ଶୁକ୍ରବାର ରାତିରେ ଖାଇ ସାରି ମା'-ଝିଅ ଘର ଚଟାଣରେ ଶୋଇଥିବା ବେଳେ ଏକ ଚିତିସାପ ଦୁହିଁଙ୍କୁ କାମୁଡ଼ି ଦେଇଥିଲା। କିନ୍ତୁ, ଫୁଲମଣି ଏ ସଂପର୍କରେ ଜାଣି ପାରିନଥିଲେ। ପରିବାରଲୋକ କେବଳ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ନେଇଥିଲେ। ତେବେ ସେମାନେ ତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଗୁଣିଆ ନିକଟକୁ ନେଇଯାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଠାକୁରମୁଣ୍ଡା, ଘଷିପୁରା ଓ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘସିପୁରା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ଫୁଲମଣିଙ୍କୁ ସାପ କାମୁଡ଼ିଥିବା ଜଣାପଡ଼ି ନଥିବାରୁ କିଛି ସମୟ ପରେ ଘରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଚାପିଦେଲା ହାଇୱା; ଦମ୍ପତି ମୃତ

ବରଗଡ଼,୨୮।୯(ସମିସ): ବରଗଡ଼ ଜିଲ୍ଲାରେ ରବିବାର ଏକ ହୃଦୟ ବିଦାରକ ଦୁର୍ଘଟଣାରେ ଆଖି ପିଛୁଳାକେ ପୂରା ପରିବାର ଛାରଖାର ହୋଇଯାଇଛି। ବରଗଡ଼ ଗୁରୁଦ୍ୱାରା ଛକଠାରେ ଏକ ସ୍କୁଟି ଉପରେ ହାଇୱା ଚଢ଼ିଯିବାରୁ ଘଟଣାସ୍ଥଳରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଏହାସହ ସେମାନଙ୍କ ସାଙ୍ଗରେ ଥିବା ଦୁଇ ଶିଶୁଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।



■ ଦୁଇ ଆହତ ଶିଶୁ ହସ୍ପିଟାଲକୁ ସ୍ଥାନାନ୍ତର
■ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ସୂଚନାନୁସାରେ, ଆଜି ଗୁରଦ୍ୱାରା ଛକଠାରେ ଏକ ହାଇୱା ସ୍କୁଟି ଉପରେ ଚଢ଼ିଯାଇଥିଲା। ଏଥିରେ ସ୍କୁଟିରେ ଥିବା ଦମ୍ପତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ଅମ୍ବାଭୋନାର ଅଞ୍ଚଳର ହରେକୃଷ୍ଣ ଡୁଙ୍ଗୁରୀ ଓ କୁନ୍ତଳା ଡୁଙ୍ଗୁରୀ। ହରେକୃଷ୍ଣ ବରଗଡ଼ ତହସିଲ ଅଫିସରେ ଅସ୍ଥାୟୀ ପିଅନ ଭାବେ କାର୍ଯ୍ୟ କରନ୍ତି।

ଦୁର୍ଘଟଣା ପରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ। ସେଠାରେ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଜନତାଙ୍କୁ ନିୟନ୍ତ୍ରଣ କରିଥିଲା। ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ହାଇୱା ଭିତରୁ ଡ୍ରାଇଭରକୁ କଡ଼ା ସୁରକ୍ଷା ମଧ୍ୟରେ ଉଦ୍ଧାର କରି ଟାଉନ୍ ଥାନାକୁ ନେଇଥିଲା। ସହରର ହଳଦୀପାଲି ଛକଠୁ ବିକାଶ ସ୍କୁଲ ଛକ ପର୍ଯ୍ୟନ୍ତ ସକାଳ ୮ରୁ ସନ୍ଧ୍ୟା ୮ ମଧ୍ୟରେ କୌଣସି ଭାରୀଯାନ ସହର ମଧ୍ୟକୁ ପ୍ରବେଶ କରିପାରିବନି ବୋଲି ପୂର୍ବତନ ଜିଲ୍ଲାପାଳ ମନିଷା ବାନାର୍ଜୀ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲ୍ଲାପାଳଙ୍କ ବଦଳି ପରେ ସେ ସବୁ ନୀତି ନିୟମକୁ କେହି ଖାତିର୍ କରୁନାହାନ୍ତି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାର ପ୍ରତିକାର କିପରି ଭାବେ ହୋଇପାରିବ, ସେ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ବାପ-ଝିଅଙ୍କୁ ପୋଡ଼ି ହତ୍ୟା ଉଦ୍ୟମ

ଅନୁଗୋଳ,୨୮।୯(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ ଯାଉଥିବା ଭାଗୀରଥିପୁର ଗ୍ରାମର ରବି ସାହୁ ଓ ତାଙ୍କ ଝିଅ ରିଙ୍କି ସାହୁଙ୍କୁ ଆଠମଲ୍ଲିକ ଥାନା ଯଦପୁର ଗ୍ରାମର ବୀରେନ୍ଦ୍ର ସାହୁ, ବିଜୁ ସାହୁ, ଜିତେନ୍ଦ୍ର ସାହୁ ପେଟ୍ରୋଲ ପକାଇ ପୋଡ଼ି ହତ୍ୟା ଉଦ୍ୟମ କରିଥିବା ଶନିବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବି ଓ ରିଙ୍କି ଘରକୁ ଯାଉଥିବା ବେଳେ ୩ ଅଭିଯୁକ୍ତ ସେମାନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ପରେ ଠେଙ୍ଗାରେ ଆକ୍ରମଣ କରି ରିଙ୍କିଙ୍କ ସୁନା କାନଫୁଲ ନେଇଯାଇଥିଲେ। ରିଙ୍କି ଓ ରବି ପ୍ରତିବାଦ କରିବାରୁ ସେମାନଙ୍କୁ ପେଟ୍ରୋଲ ପକାଇ ନିଆଁ ଲଗାଇଦେବାକୁ ଉଦ୍ୟମ କରିଥିଲେ। ତେବେ ବାପ-ଝିଅ ଅଳ୍ପକେ ବର୍ତ୍ତିଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଉଭୟ ଆଠମଲ୍ଲିକ ମେଡିକାଲରେ ଚିକିତ୍ସିତ ହେବା ପରେ ରବି ଥାନାରେ ଅଭିଯୋଗ କରିଛନ୍ତି।

# ୩ ହାତୀଦାନ୍ତ ଜବତ, ୪ ଗିରଫ



କେନ୍ଦୁଝର, ୨୮।୯ (ସମିସ): ପୁଲିସ ଏବଂ ବନ ବିଭାଗ ମିଳିତ ଚଢ଼ଉ କରି ଏକ ହାତୀଦାନ୍ତ ରାକେଟ୍‌ର ପର୍ଦ୍ଦାଫାସ କରିବା ସହ ୪ ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୩ଟି ହାତୀଦାନ୍ତ ଜବତ ହୋଇଛି। ଗିରଫ ଅଭିଯକ୍ତମାନେ ହେଲେ, କଟକ ଆଲିଶା ବଜାର ଅଞ୍ଚଳର ବୀରକିଶୋର ବେହେରା (୫୩), ଅନୁଗୋଳ ଜିଲ୍ଲା ପାରାବିଲ ଅଞ୍ଚଳର ଅରୁଣ ସାହୁ (୩୫), ଅନୁଗୋଳ ଜିଲ୍ଲା ଭଗାମୁଣ୍ଡା ଅଞ୍ଚଳର ପ୍ରଦୀପ ସିଂ, ପାଇକସାହି ଅଞ୍ଚଳର ପ୍ରତାପ ବେହେରା (୩୬)। ଏହି ରାକେଟ୍‌ର ମୁଖ୍ୟ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଜବତ ହାତୀ ଦାନ୍ତଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ରାପ୍ତବୟସ୍କ ଦନ୍ତା ହାତୀର ହୋଇଥିବା ବେଳେ ଅନ୍ୟ ୨ଟି ମଧ୍ୟ ବୟସ୍କ ହାତୀର ବୋଲି ଜଣାପଡ଼ିଛି। ଆଠମଲ୍ଲିକ ଫରେଷ୍ଟ ଡିଭିଜନ୍‌ରେ ଏହି ହାତୀଗୁଡ଼ିକୁ ଶିକାର କରାଯାଇଥିବା ସନ୍ଦେହ କରାଯାଉଛି। କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଗତ ୨୬ ତାରିଖ ରାତି ପ୍ରାୟ ୯ଟାରେ ପୁଲିସ ଓ ବନ ବିଭାଗ ଟିମ୍ ସଦର ଥାନା ଅନ୍ତର୍ଗତ ତଳକାଇପୁର କ୍ରସର୍ ନିକଟରେ ଚଢ଼ଉ କରି ବୀରକିଶୋର ଓ ଅରୁଣକୁ ଗିରଫ କରିଥିଲେ। ପରେ ସେମାନଙ୍କୁ ପଚରାଉଚରା କରି ୨୭ ତାରିଖରେ ପ୍ରଦୀପ ଏବଂ ଆଜି ପ୍ରତାପକୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୫୧ ସେମି ଲମ୍ବ ୨କେଜି ୨୬ ଗ୍ରାମ, ୨୮ ସେମି ଲମ୍ବ ୬୦୦ ଗ୍ରାମ ଏବଂ ୨୦ ସେମି ଲମ୍ବ ୩୮୭ ଗ୍ରାମର ମୋଟ ୩ଟି ହାତୀଦାନ୍ତ ଜବତ ହୋଇଛି। ଏଥିସହ ସେମାନଙ୍କ ନିକଟରୁ ୩ଟି ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ମାମଲା ରୁଜୁ କରିଛି।

### ମନ୍ଥର ଗତିରେ ଚାଲିଛି ବାଲୁଗାଁ ସହର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ

# ରାସ୍ତାସାରା ଖାଲଖମା ଭର୍ତ୍ତି; ବିପଦପୂର୍ଣ୍ଣ ଯାତାୟାତ

ବାଲୁଗାଁ,୨୮।୯ (ସମିସ)



- ଲାଗିରହିଛି ଟ୍ରାଫିକ୍ ସମସ୍ୟା; ନାକେଦମ୍ ହେଉଛନ୍ତି ଲୋକେ
- ଡ୍ରେନ୍ ଖୋଲା ଯୋଗୁଁ ନିଜ ଘରକୁ ଯିବାଆସିବା କରିପାରୁନାହାନ୍ତି

ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ସହ ବାଣିଜ୍ୟ ପେଣ୍ଠସ୍ଥଳୀ ରୂପେ ବେଶ୍ ପରିଚିତ। ଦୈନନ୍ଦିନ ଏଠାକୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସହ ବହୁ ଯାନବାହନ ଯାତାୟାତ ଲାଗି ରହିଥିବାରୁ ଜନଗହଳି ବଜାର ରାସ୍ତାଘାଟରେ ସର୍ବଦା ଟ୍ରାଫିକ୍ ସମସ୍ୟା ଲାଗି ରହୁଛି। ସେଥିଲାଗି ବାଲୁଗାଁ ସହରକୁ ସରସ ସୁନ୍ଦର କରିବା ସହ ଟ୍ରାଫିକ୍ ସମସ୍ୟା ଦୂରୀକରଣ ନିମନ୍ତେ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ କରି ଚାରିଥାକିଆ ରାସ୍ତା ନିର୍ମାଣ ଲାଗି ପୂର୍ବ ବିଜେଡି ସରକାରଙ୍କ ସମୟରେ ହାଟବରଡ଼ିଠାରୁ ବଡ଼କୂଳ ନୂଆଗଡ଼ ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ଲାଗି ଅନୁମୋଦନ ହୋଇ ଦୁଇଟି ପର୍ଯ୍ୟାୟରେ ଟେଣ୍ଡର କରାଯାଇ ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ହାଟବରଡ଼ିଠାରୁ ମାମୁ-ଭଣଜା ପାହାଡ଼ ପର୍ଯ୍ୟନ୍ତ କାମ ମନ୍ଥର ଗତିରେ ଚାଲି ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ନୂଆଗଡ଼ ଛକଠାରୁ ଇଞ୍ଜିନପୁର ପର୍ଯ୍ୟନ୍ତ ରାସ୍ତା କାମ ପ୍ରାୟତଃ ଶେଷ ହୋଇଛି। ଇଞ୍ଜିନପୁରଠାରୁ ବାଲୁଗାଁ ମୁଖ୍ୟ ବଜାର ରାସ୍ତା ଦେଇ ମାମୁ-ଭଣଜା ପାହାଡ଼ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବହୁ ମନ୍ଥର ଗତିରେ ଚାଲିଥିବା ସହ ବହୁ ଅବ୍ୟବସ୍ଥା ଭିତରେ ରାସ୍ତା କାମ ଚାଲିଛି। ଫଳରେ ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଥିବା ଅଭିଯୋଗ କରିଛନ୍ତି। ଇଞ୍ଜିନପୁରଠାରୁ ବାଲୁଗାଁ ବଜାର ଦେଇ ମାମୁ-ଭଣଜା ପାହାଡ଼ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ବହୁଦିନ ଧରି ମନ୍ଥର ଗତିରେ ଚାଲିଥିବାରୁ ବାଲୁଗାଁ ବଜାର ସାରା ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଖାଲଖମାରେ ପରିପୂର୍ଣ୍ଣ ହୋଇ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। କେତେକ ସ୍ଥାନରେ ଡ୍ରେନ୍ ନିର୍ମାଣ ପାଇଁ ବିରାଟ ଗର୍ତ୍ତମାନ ଖୋଳାଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ିରହି ଯାତାୟାତ ନିମନ୍ତେ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼ି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବାରୁ ବଜାର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି।

ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସିନତା ତଥା ବିଭାଗୀୟ ଅଧିକାରୀଙ୍କ ଠିକାଦାରଙ୍କୁ ଆହେତୁକ ଅନୁକମ୍ପା ଫଳରେ ଏବେ ମୁଖ୍ୟ ବଜାର ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଦିନେ କାମ ହେଲେ ୪ଦିନ ବନ୍ଦ ରହି ଅବ୍ୟବସ୍ଥା ମଧ୍ୟରେ କାମ ସମ୍ପୂର୍ଣ୍ଣ ମନ୍ଥର ଗତିରେ ଚାଲିଥିବା ସହ ରାସ୍ତା ସାରା ଖାଲଖମା ହୋଇ ପାଣି ଜମି ରହି ବିପଦସଂକୁଳ ହୋଇପଡ଼ି ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟି ବହୁ ଧନଜୀବନ ହାନି ହେଉଛି। ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନ୍ ନିର୍ମାଣ ଲାଗି ରାସ୍ତା ଖୋଳି ମାସ ମାସ ଧରି ପକାଇ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ି ରହିଛି। ଡ୍ରେନ୍ ନିର୍ମାଣ ଲାଗି ବଜାର ରାସ୍ତାର ଉଭୟ ପାଶ୍ୱର୍ ତଥା ବିଭିନ୍ନ ଦୋକାନ, ବାସଗୃହ ଓ ଗ୍ରାମ ଛକ ସମ୍ମୁଖ ରାସ୍ତାକୁ ୫ଫୁଟ୍ ଗଭୀରର ଗର୍ତ୍ତମାନ ଖୋଳି ଦେଇ ବହୁ ଦିନ ଧରି ପକାଇ ରଖୁଥିବାବେଳେ ଘର ତଥା ଗ୍ରାମକୁ ଯାତାୟାତ ପାଇଁ ଅନ୍ୟ କୌଣସି ସୁବନ୍ଦୋବସ୍ତ କରା ନ ଯାଇ ବହୁ ଦିନ ଧରି ଖୋଳି ପକାଇ ରଖିଥିବାରୁ ଲୋକେ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। ମୁଖ୍ୟତଃ ବାଲୁଗାଁ ସହରର ମୁଖ୍ୟ ବଜାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଖୋଳାଯାଇଥିବା ସ୍ଥାନରେ ସଙ୍ଗେ ସଙ୍ଗେ ଡ୍ରେନ୍ ନିର୍ମାଣ କରାଯାଉ ନ ଥିବାରୁ ଉକ୍ତ ଗର୍ତ୍ତରେ ପଡ଼ି ବହୁ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଥିବାର ବହୁ ନଜିର ରହିଛି। ବହୁ ଦିନ ଧରି ଏପରି ଘର ଓ ଦୋକାନ ସମ୍ମୁଖରେ ଖୋଳି ପକାଇ ରାସ୍ତା ଅବରୋଧ କରି ପକାଇଥିବାରୁ ଲୋକେ ନିଜେ ଏବଂ ନିଜର ଯାନବାହନ ଘର ବାହାରକୁ ବାହାର କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଶେଷ କରି ଶିଙ୍ଗେଶ୍ୱର ଗ୍ରାମ ଛକ ସଂଲଗ୍ନ ମୁଖ୍ୟ ରାସ୍ତାକୁ ଖୋଳି ସୁବ୍ୟବସ୍ଥା ନ କରି ରାସ୍ତାକୁ ଅବରୋଧ କରି ପ୍ରାୟ ସପ୍ତାହେ ହେବ ପକାଇଥିବାବେଳେ ଗ୍ରାମର ଲୋକେ ବହୁ ହଇରାଣ ହରକତ ହୋଇ ଗତ ବୁଧବାର ଗ୍ରାମର ଲୋକେ ଏହାର ଦୃଢ଼ ପ୍ରତିବାଦ କରିବାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ସେଠାରେ ପହଞ୍ଚି ୫ଦିନ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ପ୍ରତିଶ୍ରୁତି ଦେବାରେ ପରିସ୍ଥିତି ସ୍ୱାଭାବିକ ହେବା ସହ ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଅନ୍ୟପକ୍ଷେ ପ୍ରାୟ ଦୀର୍ଘ ୧ ବର୍ଷ ହେବ ଏହି ରାସ୍ତାଟିର ନବୀକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଠିକାଦାରଙ୍କ ସହ ସଲାସୁତରାରେ ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ସମସ୍ୟାର କୌଣସି ସମାଧାନ ହେଉନାହିଁ। ଏ ସମ୍ପର୍କରେ ବିଭାଗୀୟ ବାଲୁଗାଁ ଏସ୍‌ଡିଓଙ୍କୁ ଯୋଗାଯୋଗ କରିବାରେ ସେ ଫୋନ୍ ଉଠାଇ ନ ଥିଲେ। ତେବେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ନେଇ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସୁବ୍ୟବସ୍ଥା ମଧ୍ୟରେ ଦୃତଗତିରେ ଶେଷ କରିବା ନିମନ୍ତେ ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।



କଣାସ ବ୍ଲକ୍ ଜଳିଆପଡ଼ା ଗ୍ରାମ ମା' ମଙ୍ଗଳାଙ୍କ କାତ୍ୟାୟନୀ ବେଶ

## ଅଳିଆ ପକାଇବାକୁ ନେଇ ବୃଦ୍ଧାଙ୍କୁ ଆକ୍ରମଣ

ବଲଙ୍ଗା,୨୮।୯ (ସମିସ): ଅଳିଆ ପକାଇବାକୁ କେନ୍ଦ୍ରକରି ବଲଙ୍ଗା ଥାନା ଅନ୍ତର୍ଗତ ଚକସୋଲଣା ଗ୍ରାମରେ ଜଣେ ୭୫ ବର୍ଷୀୟା ବୃଦ୍ଧାଙ୍କୁ ଆକ୍ରମଣ କରାଯାଇଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଲଙ୍ଗା ପୁଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ, ଗ୍ରାମର କୃଷ୍ଣଚନ୍ଦ୍ର ଜେନା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଶନିବାର ଅପରାହ୍ଣରେ ଘରେ କେହି ନ ଥିବା ସମୟରେ ପବିତ୍ର ଜେନା ଓ ତାଙ୍କ ଭଉଣୀ ତାଙ୍କ ବାରିରୁ ଘାସ ଓପାଡ଼ି କୃଷ୍ଣଚନ୍ଦ୍ରଙ୍କ ବାରିକୁ ପକାଇଥିଲେ। ଏହାଦେଖି କୃଷ୍ଣଚନ୍ଦ୍ରଙ୍କ ବୋଉ ସୁନାମଣୀ ଜେନା ଉକ୍ତ ଘାସକୁ ନେଇ ପବିତ୍ରଙ୍କ ବାରିରେ ଥିବା ନଡ଼ିଆ ଗଛ ମୂଳେ ପକାଇଥିଲେ। ଏହା ଦେଖି ପବିତ୍ର ଓ ତାଙ୍କ ଭଉଣୀ ସୁନାମଣୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତଳେ ପକାଇ ମାଡ଼ ମାରିଥିଲେ। ସୁନାମଣୀ ଚିତ୍କାର କରିବାରୁ ଗ୍ରାମର କେତେକ ଲୋକ ଆସି ସୁନାମଣୀଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ କୃଷ୍ଣଚନ୍ଦ୍ର ଘରକୁ ଆସି ସୁନାମଣୀଙ୍କୁ ସାକ୍ଷୀଗୋପାଳ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ଯୁବକଙ୍କୁ ଧମକ ନେଇ ଥାନାରେ ଅଭିଯୋଗ

ଗୋପ,୨୮।୯ (ସମିସ): ଯୁବକଙ୍କୁ ଧମକ ଦେଇଥିବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗୋପ ଥାନା ଅଧୀନ ବୀର୍ତ୍ତୁଙ୍ଗ ପଞ୍ଚାୟତ ଗଡ଼କରମଳା ଗ୍ରାମର ବିଚିତ୍ର ମହାପାତ୍ର ବିଭିନ୍ନ ସମୟରେ ପଞ୍ଚାୟତ ସମସ୍ୟା ନେଇ ସୋସିଆଲ ମିଡିଆରେ ପୋଷ୍ଟ କରନ୍ତି। ମାତ୍ର ଏହାକୁ ନେଇ ସେହି ପଞ୍ଚାୟତର ଜଗମୋହନ ମଳିକ ତାଙ୍କୁ ଟେଲିଫୋନ୍ ମାଧ୍ୟମରେ ଧମକ ଦେବା ସହ ଲାଞ୍ଚ ନେଇ ଦୁର୍ନୀତି ବିରୋଧରେ ପୋଷ୍ଟ ନ କରିବା ପାଇଁ ଧମକ ଦେଇଥିଲେ। ବାରମ୍ବାର ଧମକ ଦେବାପରେ ବିଚିତ୍ର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ପୁଲିସ ଏହି ଘଟଣାକୁ ନେଇ ତଦନ୍ତ ଜାରି ରଖିଛି।

## ପ୍ଲାଷ୍ଟିକ୍ ଫୁଲର ଅବାଧ କାରବାର; ପରିବେଶ ଦୂଷିତ

ନୟାହାଟ,୨୮।୯ (ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ ଅଞ୍ଚଳରେ ପ୍ଲାଷ୍ଟିକ୍ ଫୁଲର ଅବାଧ କାରବାର ଯୋଗୁଁ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ପ୍ଲାଷ୍ଟିକ୍ ଓ ପଲିଥିନ ଉପରେ ସରକାର କଟକଣା ଜାରି କରିଥିବାବେଳେ ନୟାହାଟ ଅଞ୍ଚଳର କେତେକ ବ୍ୟକ୍ତି କୋଲକାତା ଅଞ୍ଚଳରୁ ପ୍ଲାଷ୍ଟିକ୍ ଫୁଲ ଓ ସାମଗ୍ରୀ ଶସ୍ତାରେ ଆଣି ନୟାହାଟ ଅଞ୍ଚଳରେ ଚଢ଼ା ଦରରେ ବିକ୍ରି କରି ମାଲାମାଲ୍ ହେଉଥିବାବେଳେ ଲୋକ ଶୋଷଣର ଶିକାର ହେଉଛନ୍ତି। ପ୍ଲାଷ୍ଟିକ୍ ସାମଗ୍ରୀ ଆଣୁଥିବା ବ୍ୟକ୍ତି ସରକାରଙ୍କୁ ରାଜସ୍ୱ ଫାଙ୍କୁଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ଠାବ କରାଯାଇ ଚଢ଼ଉ ପାଇଁ ଦାବି ହେଉଛି।

## ଗୁହାଳରୁ ୧୨ ମେଣ୍ଢା ଓ ୨ ଛେଳି ଚୋରି

ବଲଙ୍ଗା,୨୮।୯ (ସମିସ): ଶନିବାର ବିଳମ୍ବିତ ରାତିରେ ବଲଙ୍ଗା ଥାନା ଅନ୍ତର୍ଗତ ସୁନିନ୍ଦା ଓ ବେରବୋଇ ଗ୍ରାମର ୨ଜଣ ଛେଳିଚାଷୀଙ୍କ ଗୁହାଳରୁ ୧୨ଟି ମେଣ୍ଢା ଓ ୨ଟି ଛେଳି ଚୋରି କରିନେଇଛନ୍ତି। ସୂଚନା ମୁତାବକ, ସୁନିନ୍ଦା ଗ୍ରାମର ଟିକା ଗୋବିନ୍ଦ ଚନ୍ଦ୍ର ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ଗୁହାଳରେ ଥିବା ମୋଟ୍ ୨୦ଟି ମେଣ୍ଢା ମଧ୍ୟରୁ ଦୁର୍ବୃତ୍ତମାନେ ୪ଟି ବୋଦା ସହ ୮ଟି ମେଣ୍ଢା ଚୋରି କରିନେଇଥିଲେ। ବିଳମ୍ବିତ ରାତିରେ ଗୋବିନ୍ଦ ବାହାରକୁ ଆସିବାରେ ଗୁହାଳରେ ବନ୍ଧାଯାଇଥିବା ଜରିପାଲ ଚିରାଯାଇଥିବା ଦେଖି ଗୁହାଳ ଭିତରକୁ ଯିବାରେ ୧୨ଟି ମେଣ୍ଢା ନ ଥିବା ଦେଖିଥିଲେ। ଏନେଇ ରବିବାର ଥାନାରେ ଅଭିଯୋଗ କରିବା ପରେ ବଲଙ୍ଗା ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି। ସେହିଭଳି ଦୁର୍ବୃତ୍ତମାନେ ବେରବୋଇ ଗ୍ରାମର ପହଲା ବାରିକଙ୍କ ଗୁହାଳରୁ ୨ଟି ଛେଳି ଚୋରି କରିନେଇଛନ୍ତି।

## କଣାସରେ ବିଶ୍ୱ ନଦୀ ଦିବସ ପାଳିତ



କଣାସ,୨୮।୯ (ସମିସ): କଣାସ ବ୍ଲକ୍ ବଡ଼ାସ ଗ୍ରାମପଞ୍ଚାୟତର ବଡ଼ାସ ଗ୍ରାମରେ ପ୍ରତିଷ୍ଠିତ ପଞ୍ଚମୁଖୀ କଲ୍ୟାଣ ମଣ୍ଡପଠାରେ ରବିବାର ବିଶ୍ୱ ନଦୀ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ସମିତିସଭ୍ୟ ପବିତ୍ର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନଦୀ ଆମର ମା', ମାନବ ସଭ୍ୟତା ଗଢ଼ିଉଠିଲା ନଦୀକୂଳରେ ପାଣି ଯେଉଁଠି ଜୀବନ ସେଇଠି। ସମସ୍ତ ନଦୀ ପ୍ରଦୂଷିତ। ମହାନଦୀ ଛତିଶଗଡ଼ ସରକାରଙ୍କ ସ୍ୱାର୍ଥପରତା ଯୋଗୁଁ ମୃତପ୍ରାୟ। ଭୁବନେଶ୍ୱର ମହାନଗର ନିଗମର ବର୍ଜ୍ୟବସ୍ତୁ ଦ୍ୱାରା ଦୟାନଦୀ ପ୍ରଦୂଷିତ। ଭୁବନେଶ୍ୱରର ସମସ୍ତ ସ୍ୱେରେଜ୍ ପାଣି ମଞ୍ଚେଶ୍ୱର ଓ ଚନ୍ଦକା ଶିଳ୍ପାଞ୍ଚଳର ପ୍ରଦୂଷିତ ପାଣି ନୟାନଦୀକୁ ଗଙ୍ଗୁଆ ନାଳ ଦେଇ ଆସୁଥିବାରୁ ଦୟାନଦୀ ପାଣି ପ୍ରଦୂଷିତ। ଆଗାମୀ ଦିନରେ ଦୟାନଦୀକୁ ପ୍ରଦୂଷଣମୁକ୍ତ କରିବାକୁ ବଡ଼ଗୋଠଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଜନଗଣଙ୍କ ପଦଯାତ୍ରା ଆରମ୍ଭ ହୋଇ ମୁଖ୍ୟମନ୍ତ୍ରୀ ବାସଭବନ ସମ୍ମୁଖରେ ଧାରଣା ଦିଆଯିବା ପାଇଁ ସଭାରେ ନିଷ୍ପତ୍ତି ହୋଇଥିଲା। ଏଥିରେ ସମସ୍ତ କ୍ଷତିଗ୍ରସ୍ତ ଚାଷୀ, ମତ୍ସ୍ୟଜୀବୀ ଓ ସାଧାରଣ ଜନତା ଯୋଗଦେବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଅଖିଳ ଭାରତ କୃଷକ ମହାସଂଘ ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନ, ପୂର୍ବତନ ସରପଞ୍ଚ ବଳରାମ ପଲେଇ, ଜମ୍ବେଶ୍ୱର ଜେନା, ସୁବୋଧ କୁମାର ଦାଶ, ସନ୍ତୋଷ ପଟ୍ଟନାୟକ, ଗଙ୍ଗାଧର ମହାପାତ୍ର, ଧବଳେଶ୍ୱର ପରିଡ଼ା ପ୍ରମୁଖ ନଦୀ ପ୍ରଦୂଷିତ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପୂର୍ବତନ କ୍ରୀଡ଼ା ଶିକ୍ଷକଙ୍କ ପରଲୋକ

ପିପିଲି,୨୮।୯ (ସମିସ): ପିପିଲି ଅଞ୍ଚଳର ଜଣାଶୁଣା କ୍ରୀଡ଼ା ଶିକ୍ଷକ ତଥା ଶିକ୍ଷାବିତ୍ ରାଜକିଶୋର ପ୍ରଧାନଙ୍କର ଶନିବାର ୮୫ ବର୍ଷ ବୟସରେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କ ପାର୍ଥିବ ଶରୀର ତାଙ୍କ



ଜନ୍ମମାଟି ତେଇଶିପୁର ପଞ୍ଚାୟତ ପୋଡ଼ାଙ୍ଗ ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ମୃତଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ, ଦୁଇ ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି-ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ପ୍ରଧାନ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଜଣେ ଭଲ ବନ୍ଧୁ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଗଭୀର ଶୋକ ପ୍ରକାଶ କରିବା ସହିତ ପରିବାରକୁ ସମବେଦନା ଜଣାଇଛନ୍ତି। ପୁରୀ ନିମାପଡ଼ା ସମବାୟ ବ୍ୟାଙ୍କର ସଭାପତି କିଶୋର ଛୋଟରାୟ, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗଦାଧର ଦାସ, ଫଗୁ ଭୂଷଣ ପରିଡ଼ା, ପୂର୍ବତନ ସରପଞ୍ଚ ନରେନ୍ଦ୍ର ଦାସ, ବାବନ ପ୍ରଧାନ, କଂଗ୍ରେସ ନେତା ଟୁଟୁ ପରିଡ଼ାଙ୍କ ସମେତ ଶତାଧିକ ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକ ମାତ୍ର ପୁଅ ବିଶ୍ୱରଞ୍ଜନ ମୁଖାଗ୍ନି ଦେଇଥିଲେ।

## ନିମାପଡ଼ା ବ୍ଲକ୍ ପାଚିକା ସଂଘର ୩ୟ ସମ୍ମିଳନୀ

ନିମାପଡ଼ା,୨୮।୯ (ସମିସ): ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଦେବୀ ମଣ୍ଡପଠାରେ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ସଂଘର ୩ୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଚିକା ସଂଘ ପୁରୀ ଜିଲ୍ଲା ସଭାପତି ପୀତବାସ ବେହେରା, ସଭାନେତ୍ରୀ ନିରୁପମା ରଥ, ବ୍ଲକ୍ ସଭାନେତ୍ରୀ ଭାରତୀ ପରିଜା, ଶାନ୍ତିଲତା ସାହୁ, ମମତା ଭୋଇ, ନିହାରିକା ମିଶ୍ର, ସୁଷମା ବାରିକ, ରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ସମ୍ମିଳନୀରେ ଗତ ୩ ବର୍ଷର କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଆଗାମୀ ତିନି ବର୍ଷ ପାଇଁ ଏକ ୨୫ ଜଣିଆ କମିଟି ସର୍ବସମ୍ମତି କ୍ରମେ ଗଠନ କରାଯାଇ ସଭାନେତ୍ରୀ ଭାବେ ନିରୁପମା ରଥ, ସମ୍ପାଦିକା ଭାବେ ଭାରତୀ ପରିଜା, ଉପସଭାନେତ୍ରୀ ଭାବେ କୁନି ନାୟକ, ସହସମ୍ପାଦିକା ନିହାରିକା ମିଶ୍ର, କୋଷାଧ୍ୟକ୍ଷ ଭାବେ ବିଶ୍ୱଜିତ୍ ବେହେରା, ନୟନା ସାହୁ, ସତ୍ୟଭାମା ଭଞ୍ଜ, ସର୍ମିଷ୍ଠା ଲେଙ୍କା, ନମିତା ରାଉତ, ରିନାଲତା ସିଂ, ଲିଲି ପାତ୍ର, ଅନୁସୟା ସାହୁ, ମମତା ପାତ୍ର, କବିତା ଦାଶ, ପଦ୍ମିନୀ ବାରିକ, ମିନତୀ ଘୋଷାଲ, ସୁଷମା ବାରିକ, ଗୀତା ସ୍ୱାଇଁ, ମମତା କାଣ୍ଡି, ଗୀତାଞ୍ଜଳି ବାରିକ ପ୍ରମୁଖଙ୍କୁ ଚୟନ କରାଯାଇଛି। ଏହି ସମ୍ମିଳନୀରେ ବ୍ଲକର ୮୭ ଜଣ ପାଚିକା ଯୋଗଦେଇଥିଲେ।




## ସାପ କାମୁଡ଼ାରେ ମହିଳା ମୃତ

ଗୋପ,୨୮।୯ (ସମିସ): ଗୋପ ଥାନା ଅଧୀନ ଏରବଙ୍ଗ ପଞ୍ଚାୟତରେ ଜନୈକା ମହିଳାଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଏରବଙ୍ଗ ପଞ୍ଚାୟତର ସୌଦାମିନୀ ମହାନ୍ତି (୫୫) ଘରେ ଶୋଇଥିବାବେଳେ ତାଙ୍କୁ କୌଣସି ଏକ ବିଷାକ୍ତ ଜନ୍ତୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୋପ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସା ପରେ ସେ ଶନିବାର ରାତିରେ ଘରକୁ ଫେରିଥିଲେ। ମାତ୍ର ରବିବାର ଅସୁସ୍ଥତା ଅନୁଭବ କରିବା ପରେ ପରିବାର ଲୋକେ ପୁଣି ଡାକ୍ତରଖାନାକୁ ଆଣିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସୌଦାମିନୀଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ନେଇ ତାଙ୍କ ଭାଇ ବଂଶୀଧର ଗୋପ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।


# ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ପାଲଟିଛି ନର୍ଦ୍ଦମା

ସାକ୍ଷୀଗୋପାଳ,୨୮।୯ (ସମିସ)



ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ କାର୍ଯ୍ୟାଳୟ ସମ୍ମୁଖରେ ପୂତିଗନ୍ଧମୟ ପରିବେଶରେ ପରିପୂର୍ଣ୍ଣ ହୋଇଯାଇଛି। ଯାହାଫଳରେ କାର୍ଯ୍ୟାଳୟକୁ ଯିବା ପାଇଁ ରାସ୍ତାରେ ମାଟି କାଦୁଅ, ନର୍ଦ୍ଦମା ଓ ଅପରିଷ୍କାର ପାଣିରେ ପଶି ଯିବାକୁ ପଡୁଛି। ସାକ୍ଷୀଗୋପାଳ ବଜାରର ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡଠାରୁ ସାକ୍ଷୀଗୋପାଳ ଗେଟ୍ ବଜାର ପର୍ଯ୍ୟନ୍ତ ବର୍ଷା ଜଳ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ମୁଖ୍ୟ ଫାଟକ ରାସ୍ତା ଦେଇ ନିୟନ୍ତ୍ରିତ ବଜାର କମିଟି ପରିସରକୁ ପ୍ରବେଶ କରୁଛି। ସାକ୍ଷୀଗୋପାଳ ବଜାରର ବର୍ଷା ଜଳ ନିଷ୍କାସନ ନିମନ୍ତେ ଡ୍ରେନ୍ ନିର୍ମାଣ ହୋଇପାରି ନାହିଁ। ବଜାର ରାସ୍ତା ସମ୍ପ୍ରସାରଣ ଓ ରେଳ ଫାଟକ ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁଁ ରାସ୍ତା ଓ ଡ୍ରେନ୍ ନିର୍ମାଣ ହୋଇ ନ ପାରିବା କାରଣରୁ ରାସ୍ତାରେ ଜମି ରହୁଥିବା ଅପରିଷ୍କାର ପାଣି ନିୟନ୍ତ୍ରିତ ବଜାର ପ୍ରାଙ୍ଗଣକୁ ସମ୍ମୁଖ ମୁଖ୍ୟ ରାସ୍ତା ଦେଇ ପ୍ରବେଶ କରିବା ଦ୍ୱାରା କାର୍ଯ୍ୟାଳୟ ସମ୍ମୁଖ ଏହିପରି ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏଥି ସହିତ କାର୍ଯ୍ୟାଳୟ ସମ୍ମୁଖରେ ରହୁଥିବା ତିନିଟି ଆମ ବସ୍‌କୁ ସେହି ସ୍ଥାନରେ ଧୂଆଯାଉଥିବା କାରଣରୁ ଗାଡ଼ିଧୂଆ ପାଣି ଏବଂ ଚକରେ ଲାଗୁଥିବା ପଙ୍କ କାଦୁଅ ପଡ଼ି ପାଗ ଶୁଖିଲା ରହୁଥିବା ସମୟରେ ମଧ୍ୟ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ଯାହା ଫଳରେ କାର୍ଯ୍ୟାଳୟ ମଧ୍ୟକୁ ସାଧାରଣ ଲୋକ କିମ୍ବା ଚାଷୀ ଯାତାୟାତରେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।


ସେହିପରି ନିୟନ୍ତ୍ରିତ ବଜାର କମିଟି ପରିସରରେ ଥିବା ଏକମାତ୍ର ପୁଷ୍କରିଣୀରେ ଏହି ବର୍ଜ୍ୟ ଜଳ ପ୍ରବେଶ କରୁଛି। ଫଳରେ ଏହି ପୁଷ୍କରିଣୀଟି ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଅନୁପଯୁକ୍ତ ହୋଇପଡ଼ିଛି। ଆର୍‌ଏମ୍‌ସି ବଜାର ପ୍ରାଙ୍ଗଣରେ ବିସ୍ତିର୍ଣ୍ଣ ଜାଗା ରହିଛି। ତେଣୁ ଗାଡ଼ିଗୁଡ଼ିକ କାର୍ଯ୍ୟାଳୟ ସମ୍ମୁଖରେ ନ ରଖି ବଜାର ପ୍ରାଙ୍ଗଣରେ ରଖିବା ସହିତ ସେହି ସ୍ଥାନରେ ଧୂଆ ସଫା କରିବା ପାଇଁ କାର୍ଯ୍ୟାଳୟ ସହିତ ସମ୍ପୃକ୍ତ ବ୍ୟବସାୟୀ ଓ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରୁଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟାଳୟଟି ଦୀର୍ଘ ବର୍ଷ ତଳର ପୁରୁଣା ହୋଇଥିବାରୁ ରାସ୍ତାଠାରୁ ତଳୁଆ ହୋଇଗଲାଣି। ଏଥି ସହିତ କିଛି ବର୍ଷ ପୂର୍ବେ ଆର୍‌ଏମ୍‌ସି ବଜାର ପ୍ରାଙ୍ଗଣ ରାସ୍ତା ନିର୍ମାଣ ପରେ ରାସ୍ତାଟି ମଧ୍ୟ ଉଚ୍ଚ ହୋଇଯିବା ଦ୍ୱାରା କାର୍ଯ୍ୟାଳୟ ସମ୍ମୁଖରୁ ଏହି ଅପରିଷ୍କାର ପାଣି ଏବଂ ଜମି ରହୁଥିବା କାଦୁଅ ପଙ୍କ ଅନ୍ୟତ୍ର ଯାଇପାରୁ ନାହିଁ। ସମସ୍ୟାର ସମାଧାନ ପାଇଁ କାର୍ଯ୍ୟାଳୟକୁ ପ୍ରବେଶ କରୁଥିବା ଅପରିଷ୍କାର ପାଣି ବାଟ ବନ୍ଦ କରାଯିବା ସହିତ ସମ୍ମୁଖରେ ରହୁଥିବା ବସ୍‌କୁ ବଜାର ପ୍ରାଙ୍ଗଣ ମଧ୍ୟକୁ ସ୍ଥାନାନ୍ତର କରାଯିବା ପାଇଁ ସାଧାରଣରେ ଦାବି ହେଉଛି।










୨୮/୯/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୮୫,୨୨୫/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୩୦.୩୦୦ ଗ୍ରାମ୍





# ଅସୁରକ୍ଷିତ ଅସ୍ତରଙ୍ଗ ସମୁଦ୍ର ଉପକୂଳ ଓ ଜଳପଥ

ଅସ୍ତରଙ୍ଗ,୨୮।୯ (ସମିସ)



ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଅସ୍ତରଙ୍ଗ ସମୁଦ୍ର ଉପକୂଳ ଅନ୍ୟତମ। ବର୍ଷକ ବାର ମାସ ଗଙ୍ଗାଦେବୀ ମୁହାଣ, କେଳୁଣୀ ମୁହାଣ, ପୀର୍‌ଜାହାନିଆ ବେଳାଭୂମିଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବାବେଳେ ଏଠାରେ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ। ଜମା ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ପାକିସ୍ତାନୀ, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ

**ସାମୁଦ୍ରିକ ଥାନା ପାଟ୍ରୋଲିଂ ଭ୍ୟାନ୍‌ରେ ଡ୍ରାଇଭର, ଆବଶ୍ୟକ କର୍ମଚାରୀ ନାହାନ୍ତି**

ଉପରେ ରୋକ୍ ଲଗାଇବା ପାଇଁ ସରକାରଙ୍କ ତରଫରୁ ସମସ୍ତ ସାମୁଦ୍ରିକ ଥାନାକୁ ଆଲର୍ଟ କରାଯାଇଥିବା ବେଳେ ନୂଆଗଡ଼ ସାମୁଦ୍ରିକ ଥାନା ଏଥିପ୍ରତି କେତେ ସତର୍କ ତାହା ଥାନାର ଭିତ୍ତିଭୂମିରୁ ସ୍ପଷ୍ଟ ଅନୁମେୟ।

ମେରାଇନ୍ ଥାନା ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ମୁତାବକ, ଏଠାରେ ଜଣେ ଇନ୍ସପେକ୍ଟର, ୩ ଜଣ ଏସ୍‌ଆଇ, ୩ ଜଣ ଏଏସ୍‌ଆଇ, ୮ଜଣ ହାବିଲ୍‌ଦାର, ୨୪ଜଣ କନେଷ୍ଟବଳ, ୧୫ଜଣ ହୋମ୍‌ଗାର୍ଡ ରହିବା କଥା। କିନ୍ତୁ ସେହି ଅନୁସାରେ ଏଠି କର୍ମଚାରୀ ନିଯୁକ୍ତ ହୋଇନାହାନ୍ତି। ଏଠାରେ ଜଣେ ଇନ୍ସପେକ୍ଟର, ଏସ୍‌ଆଇ କେହିନାହାନ୍ତି, ଜଣେ ଏଏସ୍‌ଆଇ, ହାବିଲ୍‌ଦାର ଶୂନ୍, ୧୦ କନେଷ୍ଟବଳ, ୯ ହୋମ୍‌ଗାର୍ଡ କାମ କରୁଛନ୍ତି। ସବୁଠାରୁ ସମ୍ବେଦନଶୀଳ କଥା ହେଲା ଥାନାରେ ଥିବା ପାଟ୍ରୋଲିଂ ଗାଡ଼ିର ଡ୍ରାଇଭର ନ ଥିବାରୁ ଗାଡ଼ି କାମରେ ନ ଲାଗି ଥୁଆ ହେଇଥାଏ। ଏହି ଥାନା ଅଧୀନରେ ସମ୍ପୂର୍ଣ୍ଣ ଜଳପଥର ସୁରକ୍ଷା ଦାୟିତ୍ୱ ଥିବାବେଳେ ବର୍ତ୍ତମାନ ପରିସ୍ଥିତିରେ ଅଭାବୀ କର୍ମଚାରୀଙ୍କୁ ନେଇ ଅସ୍ତରଙ୍ଗ ଜଳପଥ କେତେ ସୁରକ୍ଷିତ ତାହା ଚିନ୍ତାର ବିଷୟ। ପାକିସ୍ତାନୀ ଆତଙ୍କବାଦୀଙ୍କ ଆତଙ୍କରାଜ ବାଂଲାଦେଶର ଦଙ୍ଗା ଯେମିତି ସମ୍ପୂର୍ଣ୍ଣ ଅନ୍ତର୍ଜାତୀୟସ୍ତରରେ ଚିନ୍ତାର ବିଷୟ ହୋଇଥିଲା। ପୂର୍ବରୁ ଅନେକ ସମୟରେ ଅନେକ ବାଂଲାଦେଶୀ ଅନୁପ୍ରବେଶକାରୀ ଜଳପଥ ଦେଇ ଆମ ଅଞ୍ଚଳକୁ ପ୍ରବେଶ କରି ମାଛ ଜାଆଁଳ ଚୋରା ଚାଲାଣ କରୁଥିବା ନଜିର ରହିଛି। କିନ୍ତୁ ଏହି ସ୍ଥିତିରେ ଅଳ୍ପସଂଖ୍ୟକ ଆମ ମେରାଇନ୍ ପୁଲିସ ଅସ୍ତରଙ୍ଗ ଉପକୂଳକୁ କିପରି ସୁରକ୍ଷା ଦେବ ତାହା ଚିନ୍ତାର ବିଷୟ ପାଲଟିଛି। ଏପରିକି ଶତ୍ରୁ ଅନୁପ୍ରବେଶକାରୀଙ୍କ ସହିତ ଜରୁରୀକାଳୀନ ପରିସ୍ଥିତିରେ ଲଢ଼ିବା ପାଇଁ ମେରାଇନ୍ ପୁଲିସଙ୍କ ପାଖରେ ସେହିଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବି ନାହିଁ। ଯଦି ବର୍ତ୍ତମାନ ପରିସ୍ଥିତିରେ ଅନୁପ୍ରବେଶକାରୀ ଅସ୍ତରଙ୍ଗ ଜଳପଥକୁ ତାଙ୍କ ମାଧ୍ୟମ କରିବେ ସେଥିପାଇଁ କିପରି ଅସ୍ତରଙ୍ଗ ମେରାଇନ ପୁଲିସ ତାଙ୍କୁ ମୁକାବିଲା କରିବ ତାହା ଚିନ୍ତାର କାରଣ। ସେଥିପାଇଁ ରାଜ୍ୟ ସରକାର ବର୍ତ୍ତମାନ ଅସ୍ତରଙ୍ଗ ଜଳପଥ ଏବଂ ଉପକୂଳ ସୁରକ୍ଷିତ ରଖିବା ପାଇଁ ସାମୁଦ୍ରିକ ଥାନାରେ ଆବଶ୍ୟକ ମୁତାବକ କର୍ମଚାରୀ, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇଦେବା ସହିତ ପାଟ୍ରୋଲିଂ ଗାଡ଼ିରେ ଡ୍ରାଇଭର ନିଯୁକ୍ତି କରି କିପରି ଥାନାର ଭିତ୍ତିଭୂମି ସୁଦୃଢ଼ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମା'ଙ୍କ ଆବାହନୀରେ ଉତ୍ସବମୁଖର ଶ୍ରୀକ୍ଷେତ୍ର

**ଆଜି ମଣ୍ଡପରେ ମହାସପ୍ତମୀ ପୂଜା**

ପୁରୀ,୨୮।୯ (ସମିସ): ଶାରଦୀୟ ଦଶହରାକୁ ନେଇ ଉତ୍ସବମୁଖର ଧରାପୃଷ୍ଠ। ଗାଁଠୁ ସହ ସବୁଆଡ଼େ ମହକୁଛି ପାର୍ବଣର ମହକ। ମା' ଦଶଭୁଜାଙ୍କ ଆବାହନୀ ମନ୍ତ୍ରରେ ଚଳଚଞ୍ଚଳ ହୋଇପଡ଼ିଛି ପୁରୀ ସହର। ଶାରଦୀୟ ଦୁର୍ଗୋତ୍ସବର ସ୍ୱାତନ୍ତ୍ର୍ୟତା ବହନ କରୁଥିବା ଶ୍ରୀକ୍ଷେତ୍ର ନବବଧୂଟିଏ ଭଳି ସଜେଇ ହୋଇଛି। ରଙ୍ଗୀନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ ଓ ବିଭିନ୍ନ ଦେବୀ ପୀଠ। ବିଭିନ୍ନ ଗଳିକନ୍ଦିରେ ଶୋଭା ପାଉଛନ୍ତି ଦେବୀ ମୂର୍ତ୍ତି, ଗୋସାଣୀ, ନାଗା ଏବଂ ଭିନ୍ନ ପରମ୍ପରାରେ ସମ୍ପାତି ଚଢ଼େଇ। ଅନ୍ୟପକ୍ଷରେ ପ୍ରତ୍ୟେକ ଦେବୀ ମୂର୍ତ୍ତିଙ୍କ ଉପାସନା ସହିତ ସାହିର ଜାଗା ଆଖଡ଼ା ସମ୍ପୃକ୍ତ ରହିଛି। ସେଥିଲାଗି ସମସ୍ତ ଜାଗା ଆଖଡ଼ା ମଧ୍ୟ ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି। ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠରେ ରବିବାର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଶ୍ରୀମନ୍ଦିର ଭିତର ବେଢ଼ା ପରିସର ମା' ଭୁବନେଶ୍ୱରୀ, ବଟମଙ୍ଗଳା, ଉତ୍ତରାୟଣୀ ଏବଂ ଶ୍ରୀକ୍ଷେତ୍ରର ଦକ୍ଷିଣକାଳୀ, ଆଲାମଚଣ୍ଡୀ, କପିଳେଶ୍ୱରପୁର ଶାସନ ପଞ୍ଚମୁଖୀ ଠାକୁରାଣୀ, ମା' ବାସେଳୀ, ମା' ମଙ୍ଗଳା, ମା' ମରିଚିକା, ମା' ବାଟମଙ୍ଗଳା, ବାଙ୍କୀମୁହାଣ ରାମଚଣ୍ଡୀ, ମା' ବାଟକାଳୀ, ଜେନାରୀ ଛକ ରାମଚଣ୍ଡୀ, ଦକ୍ଷିଣକାଳୀ, ଶ୍ୟାମାକାଳୀ ପ୍ରଭୃତି ପୀଠରେ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ମା' କାକୁଡ଼ିଖାଇ (ମୃଣ୍ମୟୀ ପ୍ରତିମା)ଙ୍କ ମଧ୍ୟ ସପ୍ତମୀ ପୂଜା କରାଯାଇଛି। ଅନ୍ୟପକ୍ଷରେ ସୋମବାରଠାରୁ ମଣ୍ଡପରେ ଆରମ୍ଭ ହେବ ସପ୍ତମୀ ପୂଜା। ବିଭିନ୍ନ ସାହି ପୂଜା ମଣ୍ଡପରେ ନିର୍ମିତ ବାରବାଟୀ, ଜହ୍ନିଖାଇ, ଶୂନ୍ୟ ଗୋସାଣୀ, ହରଚଣ୍ଡୀ, ଗେଲବାଇ, ବନଦୁର୍ଗା, ଚକ୍ରକୋଟ, ଭୋଗଜାଗା, କରତିଖାଇ ପ୍ରଭୃତି ଦେବୀ ମୂର୍ତ୍ତିଙ୍କୁ ଦୁର୍ଗାମନ୍ତ୍ର ଏବଂ ନାଗାଙ୍କୁ ବନଦୁର୍ଗା ମନ୍ତ୍ରରେ ଆବାହନ କରାଯିବ। ପୁରୀ ଗୋବର୍ଦ୍ଧନ ପୀଠରେ ଭଗବତ୍‌ପାଦ ଶଙ୍କରାଚାର୍ଯ୍ୟଙ୍କ ଇଷ୍ଟଦେବୀ ବିମଳାଙ୍କର ମଧ୍ୟ ଷୋଡ଼ଶ ଦିନାତ୍ମକ ପୂଜା ଚାଲିଛି।

## ଘରେ ପଶି ଟଙ୍କା ଓ ମୋବାଇଲ୍ ଚୋରି, ୩ ଗିରଫ

ପୁରୀ,୨୮।୯ (ସମିସ): ଘରେ ପଶି ଟଙ୍କା ଓ ମୋବାଇଲ୍ ଫୋନ୍ ଚୋରି କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମାଟିମଣ୍ଡପ ସାହି ଭୋଗ ଜାଗା ନିକଟର ଶ୍ରୀରାମ ପ୍ରଧାନ, ରାମ ମନ୍ଦିର ଛକ ନିକଟ ସାଲବେଗ ସାହିର ସୁନୀଲ ଜାଲି ଏବଂ ଗୌଡ଼ବାଡ଼ ସାହି କେତକୀଝରର ବରେନ୍ଦ୍ର ମହାରଣା। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତମାନେ ବଳିଆପଣ୍ଡା ଥାନା ଅନ୍ତର୍ଗତ ମଦନ ଭିଲ୍ଲା ଲେନ୍‌ର ସାଗର ମଲ୍ଲିକଙ୍କ ଘରେ ଶନିବାର ରାତିରେ ପଶି ୨ଟି ମୋବାଇଲ୍ ଫୋନ୍ ଏବଂ ଗୋଟିଏ ବାକ୍ସରୁ ୨୦ ହଜାର ଟଙ୍କା ଚୋରି କରିଥିବା ରବିବାର ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୁଲିସ ଏକ ମାମଲା (ନଂ.୧୮୫/୨୫) ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ୍ ଫୋନ୍ ଏବଂ ୧,୫୦୦ ଟଙ୍କା ଜବତ କରାଯାଇଛି।

## ୪୬ତମ କୁମାର ଉତ୍ସବ ପ୍ରସ୍ତୁତି

ପୁରୀ,୨୮।୯ (ସମିସ): ପୁରୀର ଅନ୍ୟତମ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦର ସାଧାରଣ ବୈଠକ ମୋଚିସାହିସ୍ଥିତ ମ୍ୟୁନିସିପାଲିଟି କ୍ଲବ୍ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅକ୍ଟୋବର ୫ରେ ହେବାକୁ ଥିବା ଜିଲ୍ଲା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା, ୬ ଓ ୭ ତାରିଖ ଦୁଇଦିନ ଧରି ପୌରସଦନ (ଟାଉନ୍ ହଲ୍)ଠାରେ ଅନୁଷ୍ଠିତ ହେବାକୁ ଥିବା ୪୬ତମ କୁମାର ଉତ୍ସବ ପାଳନ ନିମନ୍ତେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସଭାପତି ବିରେନ୍ଦ୍ର ନାରାୟଣ ଗୋଛିକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ ସମ୍ପାଦକ ଭାବରେ ସନ୍ତୋଷ ଶତପଥୀ ଓ କୋଷାଧ୍ୟକ୍ଷ ଭାବେ ଜିତେନ୍ଦ୍ର ଦାସମହାପାତ୍ରଙ୍କୁ ଚୟନ କରାଯାଇଛି। ବୈଠକରେ ଚଳିତ ବର୍ଷ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଯଥା- ମ୍ୟାଜିକ୍ ମ୍ୟାଥ୍, ଚିତ୍ରାଙ୍କନ, ଝୋଟି, ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର, ମ୍ୟୁଜିକ୍ ଚେୟାର ଆଦି ସ୍ଥାନୀୟ ପୌରସଦନଠାରେ ଆସନ୍ତା ଅକ୍ଟୋବର ୫ ତାରିଖ ସକାଳ ୯ଟାରୁ ଅପରାହ୍ଣ ୪ଟା ମଧ୍ୟରେ ଅନୁଷ୍ଠିତ ହେବ। ସେଦିନ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଗୋପବନ୍ଧୁ ଆର୍ଯ୍ୟୁବେଦ ହସ୍ପିଟାଲରେ କରାଯିବ। ୬ ଓ ୭ ପୌର ସଦନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶା, ଲୋକନୃତ୍ୟ ସହ ଓଲିଉଡ୍ ଓ ବଲିଉଡ୍ ନାଇଟ୍ ଅନୁଷ୍ଠିତ ହେବା ନେଇ ବୈଠକରେ ସ୍ଥିର କରାଯାଇଛି।

## ଧର୍ମନିରପେକ୍ଷ ଭାରତ ଗଢ଼ିବା ଭଗତ ସିଂହଙ୍କ ଲକ୍ଷ୍ୟ ଥିଲା

ପୁରୀ,୨୮।୯ (ସମିସ): ସ୍ୱାଧୀନତା ପରେ ଭାରତକୁ ଏକ ସମାଜବାଦୀ, ଧର୍ମନିରପେକ୍ଷ ଓ ସାଧାରଣତନ୍ତ୍ର ଭାବେ ଗଢ଼ିବା ପାଇଁ ଭଗତ ସିଂହ ଓ ତାଙ୍କ ସାଥୀ ବିପ୍ଳବୀମାନେ ମୁକ୍ତି ଆନ୍ଦୋଳନ କାଳରେ ଖସଡ଼ା ପ୍ରସ୍ତୁତ କରିଥିଲେ ବୋଲି ଭାରତର ଛାତ୍ର ଫେଡେରେସନ ମତ ପ୍ରକାଶ କରିଛି। ଏସ୍‌ଏଫ୍‌ଆଇ ପୁରୀ ସହର କମିଟି ପକ୍ଷରୁ କୁଳମଣୀ ଭବନ ସମ୍ମିଳନୀ କକ୍ଷରେ ଛାତ୍ରନେତା ଅନିଲ୍ ବେହେରାଙ୍କ ସଭାପତିତ୍ୱରେ ଭଗତ ସିଂହଙ୍କ ଜୟନ୍ତୀ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଆଲୋଚନା ବିଷୟବସ୍ତୁ "ଭଗତ ସିଂହ ଓ ସାଥୀଙ୍କ ସ୍ୱପ୍ନର ଭାରତ ବର୍ଷ ଓ ସାମ୍ପ୍ରତିକ ପରିସ୍ଥିତିରେ ଆମର ଦାୟିତ୍ୱ' ଶୀର୍ଷକ ବିଷୟ ଉପରେ ବକ୍ତବ୍ୟ ରଖି ରାଜ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା କହିଲେ ଯେ ଭଗତ ସିଂହ ଓ ତାଙ୍କ ସହଯୋଦ୍ଧା ମିଶି ମୁକ୍ତି ଆନ୍ଦୋଳନ କାଳରେ ହିନ୍ଦୁସ୍ତାନ ସମାଜବାଦୀ ସାଧାରଣ ତନ୍ତ୍ର ସଂଘ ଗଠନ କରିଥିଲେ। ଏହି ସଂଗଠନର ଇସ୍ତାହାରରେ ଉଲ୍ଲେଖ କରାଯାଇଥିଲା ଯେ, ଦେଶ ସ୍ୱାଧୀନତା ପରେ ପୁଞ୍ଜିବାଦୀ ବ୍ୟବସ୍ଥାର ବିଲୋପ କରି ସମାଜବାଦୀ ସମାଜ ଗଢ଼ିବା ଓ ଏଥିପାଇଁ ସୁବିସ୍ତୃତ ଯୋଜନା ପ୍ରସ୍ତୁତ କରିଥିଲେ। ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ପାଇଁ କାର୍ଯ୍ୟରତ ଶକ୍ତି ଓ ବୃହତ୍ କର୍ପୋରେଟ୍ ଲୁଣ୍ଠନ ଯୋଗୁଁ ଭଗତ ସିଂହ ଓ ତାଙ୍କ ସାଥୀଙ୍କ ସ୍ୱପ୍ନ ଧୂଳିସାତ୍ ହେବାକୁ ବସିଛି ବୋଲି ସେ ମତ ଦେଇଥିଲେ। ବିଗତ ୧୦ ବର୍ଷ ମଧ୍ୟରେ ପୁଞ୍ଜିପତିଙ୍କ ହାତରେ ବିପୁଳ ସମ୍ପତ୍ତି ଠୁଳ ହେବା, ଶ୍ରମିକ ଓ କୃଷକମାନଙ୍କ ଜୀବନ ଜୀବିକା ଉପରେ ଆକ୍ରମଣ ଓ ଗଣତାନ୍ତ୍ରିକ ଅଧିକାର ଅପହରଣ ଦେଶର ବିପନ୍ନ ସ୍ଥିତିର ଅସଲ ଚିତ୍ର ବୋଲି ସେ କହିଥିଲେ।

ଭାରତର ଛାତ୍ର ଫେଡେରେସନ୍, ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ଚନ୍ଦନ ସାହୁ ଦେଶର ସମ୍ବିଧାନ ଓ ଗଣତନ୍ତ୍ର ଉପରେ ବଢୁଥିବା ହିନ୍ଦୁତ୍ୱବାଦୀ ଶକ୍ତିଙ୍କ ଆକ୍ରମଣକୁ ଯୁବଛାତ୍ରମାନେ ଏକାଠି ହୋଇ ଆନ୍ଦୋଳନ କରିବାକୁ ନିବେଦନ କରିଥିଲେ। ରାଜ୍ୟ କୋଷାଧ୍ୟକ୍ଷ ରାକ୍ଷୀ ସ୍ୱାଇଁ କହିଲେ ଯେ ଦେଶରେ ବଢୁଥିବା ନାରୀ ନିର୍ଯାତନାର ଘଟଣା ସବୁ ଶିକ୍ଷାନୁଷ୍ଠାନ ହତାରେ ମଧ୍ୟ ପ୍ରତିଫଳିତ ହେଉଛି। ଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାର ଓ ଶିକ୍ଷାନୁଷ୍ଠାନ ହତାର ନିରାପତ୍ତା ପାଇଁ ଲଢ଼େଇ କରିବାକୁ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ମାନସ ରଞ୍ଜନ ଦଳବେହେରା, ପ୍ରଭାତ କୁମାର ପତି ଦେଶରେ ବଢୁଥିବା ଜାତିଗତ ନିର୍ଯାତନା ଯୋଗୁଁ ସାମାଜିକ ନ୍ୟାୟ ହାସଲର ଲକ୍ଷ୍ୟ ପରାହତ ହେଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଏଫ୍‌ଆଇର ପୁରୀ ସହର ଆବାହକ ରାଜେଶ୍ କୁମାର ମହାନ୍ତି, ଛାତ୍ରୀ ନେତ୍ରୀ ଦୀପାଞ୍ଜଳି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଏଏସ୍ ପାଇଲେ ପୁରୀର ହିମାଂଶୁ

ପୁରୀ,୨୮।୯ (ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ପୁରୀ ମୁକୁନ୍ଦମିଶ୍ର ନଗରର ହିମାଂଶୁ ମହାନ୍ତି। ମୃତ୍ୟୁଞ୍ଜୟ ମହାନ୍ତି ଓ ଗୀତାଞ୍ଜଳିଙ୍କ ପୁଅ ହିମାଂଶୁ ୧୪୪ତମ ରାଙ୍କ୍ ସହ ଏହି ସଫଳତା ହାସଲ କରିଛନ୍ତି। ହିମାଂଶୁ ଏବେ ରାଉରକେଲାରେ ଏକ ଘରୋଇ ଅନୁଷ୍ଠାନ ଆଇଏଫ୍‌ଜିଏଲ୍‌ରେ ବରିଷ୍ଠ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଜଣେ ପ୍ରଶାସନିକ ଅଧିକାରୀ ହୋଇ ସେବା କରିବା ପାଇଁ ସେ ଛୋଟବେଳୁ ମନସ୍ଥ କରିଥିଲେ। ସେଇ ଲକ୍ଷ୍ୟ ନେଇ ସେ ନିଜକୁ ପ୍ରସ୍ତୁତ କରୁଥିଲେ। ପୁରୀ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମ ଶ୍ରେଣୀରୁ ଅଧ୍ୟୟନ କରିଥିବାବେଳେ ୨୦୧୦ରେ ଦଶମ ବୋର୍ଡ ପରୀକ୍ଷାରେ ପ୍ରଥମ ଡିଭିଜନରେ ପାସ୍ କରିଥିଲେ। ପରେ ଭୁବନେଶ୍ୱର ବିଜେବି କଲେଜରେ ଯୁକ୍ତ ୨ ପଢ଼ିବା ପରେ ରାଉରକେଲା ଏନ୍‌ଆଇଟିରୁ ୨୦୧୭ରେ



ବିଟେକ୍ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଜାମ୍‌ସେଦପୁରରେ ଏକ ଘରୋଇ ସଂସ୍ଥାରେ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ। ହେଲେ ପ୍ରଶାସନିକ ସେବା ପରୀକ୍ଷା ପାଇଁ ମଧ୍ୟ ପ୍ରସ୍ତୁତି ଚଳାଇଥିଲେ। ଲୋକମାନଙ୍କ ପାଇଁ ସେବା କରିବାର ଇଚ୍ଛା ରଖିଥିବା ହିମାଂଶୁଙ୍କର ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳୁଛି।

## ଶୌଚ ହେବାକୁ ଯାଇ ନଦୀରେ ଭାସିଗଲେ

ପୁରୀ,୨୮।୯ (ସମିସ): ଶୌଚ ହେବାକୁ ଯାଇ ନୂଆ ନଈରେ ଭାସିଗଲେ ପୁରୀ ସଦର ବ୍ଲକ୍ ଅଧୀନ ଗଡ଼ମୃଗଶିରା ପଞ୍ଚାୟତ ନୂଆଗାଁର ନବା ଭୋଇ(୫୦)। ରବିବାର ସକାଳ ପ୍ରାୟ ସାଢ଼େ ୬ଟାରେ ଏଭଳି ଅଭାବନୀୟ ଘଟଣା ଘଟିଛି। ନିକଟରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ନଦୀରେ ପ୍ରବଳ ସୁଅ ଯୋଗୁଁ ବିଫଳ ହୋଇଥିଲେ। ପରେ ଏ ନେଇ ଜିଲ୍ଲା ଅଗ୍ନିଶମ କେନ୍ଦ୍ରକୁ ଯୋଗାଯୋଗ କରାଯାଇଥିଲା। ଅଗ୍ନିଶମ ବାହିନୀର ୭ଜଣ କର୍ମଚାରୀ ରବର ବୋଟ୍ ସହିତ ନୂଆନଈ ନିକଟରେ ପହଞ୍ଚି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜେଶ କୁମାର ସ୍ୱାଇଁ ଏହି ଟିମ୍‌ର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ନୂଆଗାଁ ବ୍ରିଜ୍‌ଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ପ୍ରବଳ ସୁଅରେ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରିଥିଲେ। କିନ୍ତୁ ନବାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ସନ୍ଧ୍ୟା ହୋଇଯିବାରୁ ସର୍ଚ୍ଚ ଅପରେସନ ବନ୍ଦ କରାଯାଇଛି ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ଶ୍ରୀ ରାଉତ ସୂଚନା ଦେଇଛନ୍ତି। ସୋମବାର ସକାଳେ ପୁନର୍ବାର ସର୍ଚ୍ଚ ଅପରେସନ କରାଯିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

## ବିମଳାଙ୍କ ପୀଠରେ ତ୍ରିଦିନାତ୍ମକ ପୂଜା ଆରମ୍ଭ

ପୁରୀ,୨୮।୯ (ସମିସ): ଶାରଦୀୟ ପୂଜା ଅବସରରେ ଶ୍ରୀମନ୍ଦିର ପରିସର ମା' ବିମଳାଙ୍କ ପୀଠରେ ତ୍ରିଦିନାତ୍ମକ ପୂଜା ଆରମ୍ଭ ହୋଇଛି। ରବିବାର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିବାବେଳେ ସୋମବାର ଅଷ୍ଟମୀ ଏବଂ ମଙ୍ଗଳବାର ନବମୀ ପୂଜା ଅନୁଷ୍ଠିତ ହେବ। ଏହାକୁ ତ୍ରିଦିନାତ୍ମକ ପୂଜା କୁହାଯାଇଥାଏ। ସପ୍ତମୀଠାରୁ ଏହି ତ୍ରିଦିନାତ୍ମକ ପୂଜା ପାଳନ ନିମନ୍ତେ ସଂକଳ୍ପ କରାଯାଏ। ଏହି ସଂକଳ୍ପିତ କର୍ମରେ ତର୍ପଣ, ମାଜଣା ଆଦି ସହ ବଳି, ଜପ ଓ ହୋମାଦି କର୍ମ କରାଯାଇଥାଏ। ମହାପ୍ରଭୁଙ୍କ ପହୁଡ଼ ହେବା ପରେ ଭିତରଶୋଧ କରାଯାଇ ମା' ବିମଳାଙ୍କ ନିକଟରେ ଶଙ୍ଖୁଡ଼ି ଓ ଆମିଷ ଭୋଗ ହୁଏ। ଏହି ଭୋଗ ପ୍ରସ୍ତୁତି ନିମନ୍ତେ ବିମଳାଙ୍କ କୂଅ ନିକଟରେ ଏକ ଅସ୍ଥାୟୀ ପାକଶାଳା ନିର୍ମିତ ହୋଇଛି। ଏଥିରେ ମା' ବିମଳାଙ୍କ ପୂଜା ନିମନ୍ତେ ଶଙ୍ଖୁଡ଼ି ଓ ଆମିଷ ଭୋଗ ପ୍ରସ୍ତୁତି କରାଯିବା ସହ କେତେକ ଗୁପ୍ତ ପୂଜା ବିଧି ମଧ୍ୟ ସମ୍ପନ୍ନ କରାଯାଇଛି। ଭିତରେ କୌଣସି ମାନସିକ ବଳି ପଡ଼ିବାର ବ୍ୟବସ୍ଥା ନ ଥିବାରୁ ମନ୍ଦିର ବାହାରେ ଥିବା କାକୁଡ଼ିଖାଇଙ୍କ ନିକଟରେ ମାନସିକ ବଳି ପକାଯାଇଥାଏ।

## ଭକ୍ତଙ୍କୁ ପୁଲିସ ବାଣ୍ଟିଲା ଦହି ପାଣି

ପୁରୀ,୨୮।୯ (ସମିସ): ରବିବାର ପୁରୀ ସହରରେ ତୀବ୍ର ଉଷ୍ମତା ପରିଲକ୍ଷିତ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଗରମରେ ଅତିଷ୍ଠ ହୋଇପଡୁଥିଲେ। ନୀତି ସମୟରେ ବ୍ୟାରିକେଡ୍‌ରେ ଅପେକ୍ଷା କରିବା କଷ୍ଟକର ହୋଇପଡୁଥିଲା। ତେଣୁ ଶ୍ରଦ୍ଧାଳୁମାନଙ୍କୁ ଖରାରୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶରେ ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶଙ୍କ ନେତୃତ୍ୱରେ ଭକ୍ତମାନଙ୍କୁ ଦହି ପାଣି ବଣ୍ଟନ କରାଯାଇଥିଲା। ପୁଲିସ ପକ୍ଷରୁ ଆଗାମୀ ଦିନରେ ଏହିପରି କାର୍ଯ୍ୟକ୍ରମ କରାଯିବ। ଏଭଳି ପ୍ରୟାସ ମାଧ୍ୟମରେ ଭକ୍ତମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହିତ ସେମାନଙ୍କ ଆଧ୍ୟାତ୍ମିକ ଯାତ୍ରାକୁ ସହଜ କରିବାରେ ପୁରୀ ପୁଲିସ୍ କାର୍ଯ୍ୟ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




## ବେଦଧ୍ୟାୟୀଙ୍କୁ ଓଡ଼ିଆ ଭାଗବତ ପ୍ରଦାନ

ପୁରୀ,୨୮।୯ (ସମିସ): ବିଭିନ୍ନ ମଠ-ମନ୍ଦିରରେ ବେଦ ଉପନିଷଦ ପାଠ କରୁଥିବା ବେଦାଧ୍ୟାୟୀମାନଙ୍କୁ ଓଡ଼ିଆ ଭାଗବତ ପ୍ରଦାନ ସହ ସମୂହ ଭାଗବତପାଠ କରାଯାଇଛି। ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ପୁରୀର ସତ୍ୟନାରାୟଣ ମନ୍ଦିର ବେଦ ପାଠଶାଳାଠାରେ ଏଥିନିମନ୍ତେ ଦୁର୍ଗାଷ୍ଟକମ୍ ଓ ବିଷ୍ଣୁ ସହସ୍ରନାମ ଗାନ କରାଯାଇଥିଲା। ଅନୁଷ୍ଠାନର ରାଜ୍ୟ ସଭାପତି ବଦ୍ରି ମିଶ୍ର, ପଣ୍ଡିତ ରାମହରି ମିଶ୍ର, ପଣ୍ଡିତ ସୁକାନ୍ତ ରଥ ଓ ଅଧ୍ୟାପକ ସୁରେଶ ଦ୍ୱିବେଦୀ ଏଥିରେ ଯୋଗଦେଇ ଛାତ୍ରମାନଙ୍କୁ ଶ୍ରୀମଦ୍ ଭାଗବତ ଓ ଓଡ଼ିଆ ଭାଗବତର ବିଭିନ୍ନ ଅଧ୍ୟାୟ ଉପରେ ଆଲୋକପାତ କରିଥିଲେ।

**ଜୁନିୟର ଜାତୀୟ ଥ୍ରୋ ବଲ୍ ଚାମ୍ପିଅନସିପ୍**

# ଓଡ଼ିଶା ବାଳକ ଦଳକୁ ବ୍ରୋଞ୍ଜ

ପୁରୀ,୨୮।୯ (ସମିସ): କର୍ଣ୍ଣାଟକ ବେଙ୍ଗାଲୁରୁସ୍ଥିତ ନାଳନ୍ଦା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଚାରିଦିନିଆ ୩୫ତମ ଜୁନିୟର ଜାତୀୟ ଥ୍ରୋ ବଲ୍ ଚାମ୍ପିଅନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ବାଳକ ଦଳ ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛି। କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ କେରଳକୁ ୨-୦ ଗୋଲ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଥିଲା। ସେମି ଫାଇନାଲରେ ଓଡ଼ିଶା ୬ ଥରର ଚାମ୍ପିଅନ ଦିଲ୍ଲୀ ସହ ଖେଳି ୧-୨ ସେଟ୍‌ରେ ପରାସ୍ତ ହୋଇଥିଲା। ଏହାପରେ ବ୍ରୋଞ୍ଜ ପଦକ ପାଇଁ ତାମିଲନାଡୁ ସହ ମୁକାବିଲା କରିଥିଲା। ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଶେଷରେ ତାମିଲନାଡୁକୁ ୨-୧ରେ ପରାସ୍ତ କରି ବିଜୟୀ ହୋଇଥିଲା ଓଡ଼ିଶା। ଏହି ବ୍ରୋଞ୍ଜ ପଦକ ହାସଲ କରିବାରେ ଓଡ଼ିଶା ବାଳକ ଦଳର ଉପ ଅଧିନାୟକ ଶୁଭମ୍ ସାହୁ ସର୍ଭିସ୍‌ରେ ୫ ପଏଣ୍ଟ ଓ ଶିବଶଙ୍କର ମାଣ୍ଡୋଇ ସର୍ଭିସ୍‌ରେ ୭ ପଏଣ୍ଟ ଆଣି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦଳର ଏହି ସଫଳତା ପାଇଁ ବିଭାଗୀୟ କମିଶନର ସଚିନ ରାମଚନ୍ଦ୍ର ଯାଦବ, ଡାଇରେକ୍ଟର ଡ. ବିଜୟ ଯେଦୁଲା ଓ ଥ୍ରୋ ବଲ୍ ସଂଘର ସଭାପତି ଭୂପିନ୍ଦର ସିଂ ଦଳର ଖେଳାଳି ଏବଂ କୋଚ୍ ସୁଶାନ୍ତ କୁମାର ଦାସଙ୍କୁ ଅଭିନନ୍ଦନ ଜଣାଇଥିବା ସଂଘର ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ସୂଚନା ଦେଇଛନ୍ତି।




# ସାର ନେବା ପାଇଁ ଚାଷୀଙ୍କ ମଧ୍ୟରେ ଠେଲାପେଲା

କଣାସ,୨୮।୯ (ସମିସ)



କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ପ୍ରଗତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ଗଣମାଧ୍ୟମରେ ଡେଙ୍ଗୁରା ପିଟୁଥିବାବେଳେ ଚାଷୀମାନଙ୍କ ପ୍ରଗତି ପାଇଁ ବିଭିନ୍ନ ଯୋଜନାମାନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଚାଷୀମାନଙ୍କୁ ଠିକ୍ ସମୟରେ ସାର ଯୋଗାଇପାରୁ ନ ଥିବାରୁ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ଚାଷୀମାନେ ୟୁରିଆ ସାର ପାଇଁ ହଟହଟା ହେଉଥିବା ଦେଖିବାକୁ ମିଳିଛି। କଣାସଠାରେ ଥିବା ପଞ୍ଚୁପଦ୍ମା ମହିଳା ସମିତି ସାର ବିକ୍ରି କରିବା ପାଇଁ ସରକାରଙ୍କଠାରୁ ସ୍ୱୀକୃତି ପାଇଥିବାବେଳେ ଆଜି ମାତ୍ର ୬୬୬ ବସ୍ତା ସାର ପହଞ୍ଚିଥିବାରୁ କଣାସ, ସିରେଇ, ତ୍ରିଲୋଚନପୁର, ଦୋକନ୍ଦା, ବଡ଼ାସ, ପାଣ୍ଡିଆକେରା, ଗଡ଼ବଡ଼ପୁଟ, ଗଡ଼ସାନପୁଟ ଗ୍ରାମର ଶହଶହ ଚାଷୀ ସାର ନେବା ପାଇଁ ଭିଡ଼ ଜମାଇବା ସହିତ ଠେଲାପେଲା ହେଉଥିବା ଦେଖିବାକୁ ମିଳିଥିଲା। ସାର ସମ୍ପର୍କରେ ପଞ୍ଚୁପଦ୍ମାର କର୍ମକର୍ତ୍ତାଙ୍କୁ ପଚାରିବାରୁ ସେ କୁହନ୍ତି ୨ହଜାର ୫ଶହ ବସ୍ତା ସାରା ପାଇଁ ଦୀର୍ଘ ଏକ ମାସ ହେଲା ଲେଖି ଜଣାଇବା ପରେ ଆଜି ମାତ୍ର ୬୬୬ ବସ୍ତା ସାର ଆସିଥିବାରୁ ଚାଷୀମାନଙ୍କ ମଧ୍ୟରେ ସାରା ନେବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଆଉ କେତେକ ସ୍ଥାନରେ ସାରର ନିର୍ଦ୍ଦିଷ୍ଟ ମୂଲ୍ୟଠାରୁ ଚଢ଼ା ଦରରେ ସାର ବିକ୍ରି ହେଉଥିଲେ ମଧ୍ୟ କଣାସଠାରେ ନିଯୁକ୍ତି ପାଇଥିବା କୃଷି ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ରାଜ୍ୟ ସରକାର ଚାଷୀମାନଙ୍କ ଆବଶ୍ୟକ ମୁତାବକ ସାର ଯୋଗାଇଦେବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

ସମ୍ପାଦକୀୟ



ଜ୍ଞାନ ଯଦି ଶକ୍ତି ହୁଏ, ସୂଚନା ହେଉଛି ସ୍ୱାଧୀନତାର ସୋପାନ।
-କୋଫି ଆନନ୍

ସକାଳ THE SAKALA

# ଟ୍ରମ୍ପଙ୍କ 'ମାଗା' ସ୍ୱପ୍ନ?

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଆମଦାନୀ ଶୁଳ୍କ ବୃଦ୍ଧି ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆସନ୍ତା ଅକ୍ଟୋବର ୧ ତାରିଖରୁ ଆମେରିକାରେ ବ୍ରାଣ୍ଡେଡ୍ ଔଷଧର ଆମଦାନୀ ଉପରେ ଶତପ୍ରତିଶତ ଶୁଳ୍କ ଲାଗୁ ହେବାକୁ ଯାଉଥିବା ବେଳେ ରୋଷେଇ ଉପକରଣ ଉପରେ ୫୦ ପ୍ରତିଶତ, କେତେକ ନିର୍ଦ୍ଦିଷ୍ଟ ଧରଣର ଆସବାବପତ୍ର ଉପରେ ୩୦% ଏବଂ ଗୁରୁଯାନ ଉପରେ ୨୫% ଆମଦାନୀ ଶୁଳ୍କ ଲାଗୁ ହେବ। ଏହି ନିର୍ଦ୍ଦେଶନାମା ସବୁରାଷ୍ଟ୍ର ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ ଭାରତୀୟ ଔଷଧ ରପ୍ତାନୀ ଶିଳ୍ପ ସବୁଠାରୁ ଅଧିକ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ମୁଖ୍ୟତଃ ଭାରତର ଜେନେରିକ୍ ଔଷଧ ଶିଳ୍ପ ଆମେରିକୀୟ ବଜାର ଉପରେ ନିର୍ଭରଶୀଳ ଥିବା ବେଳେ ବ୍ରାଣ୍ଡେଡ ଔଷଧର ରପ୍ତାନୀ ପରିମାଣ ମଧ୍ୟ କିଛି କମ୍ ନୁହେଁ। ଆଶ୍ୱସ୍ତିର ବିଷୟ ଯେ ଭାରତରେ ପ୍ରସ୍ତୁତ ଜେନେରିକ୍ ଔଷଧ ଏ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ରୋଷର ଶିକାର ହୋଇନାହିଁ। ଅପରପକ୍ଷରେ ଅସହିଷ୍ଣୁ ଓ ଅବିମୃଶ୍ୟକାରୀ ଟ୍ରମ୍ପ ଯଦି ଭାରତୀୟ ଜେନେରିକ୍ ଔଷଧ ଉପରେ ଆମଦାନୀ ଶୁଳ୍କ ବଢ଼ାଇ ଦିଅନ୍ତି ତେବେ ଭାରତୀୟ ଜେନେରିକ୍ ଔଷଧ ଶିଳ୍ପ ମଧ୍ୟ ଗୁରୁତର କ୍ଷତିଗ୍ରସ୍ତ ହେବ। ଗତ ଆର୍ଥିକ ବର୍ଷରେ ଭାରତ ୩୧, ୬୨୬ କୋଟି ଟଙ୍କାର ଜେନେରିକ୍ ଔଷଧ ଆମେରିକାକୁ ରପ୍ତାନି କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅମାସ ସୁଦ୍ଧା ରପ୍ତାନି ପରିମାଣ ୩୨, ୫୦୫ କୋଟି ଟଙ୍କା ଛୁଇଁଛି। ବାସ୍ତବତା ହେଉଛି ଭାରତ ଯଦି ଆମେରିକାକୁ ଜେନେରିକ୍ ଔଷଧ ରପ୍ତାନି ବନ୍ଦ କରିଦିଏ ତେବେ ଆମେରିକାର ଜନସ୍ୱାସ୍ଥ୍ୟ ପରିସ୍ଥିତି ବିଗିଡ଼ିଯିବ। ତେଣୁ ଟ୍ରମ୍ପ ଔଷଧ ବିକଳରେ ତାଟିଆ କାମୁଡ଼ିବା ନ୍ୟାୟରେ ଏବେ ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦% ଶୁଳ୍କ ଲାଗୁ କରିଛନ୍ତି।

ଏହି କ୍ରମବର୍ଦ୍ଧିଷ୍ଣୁ ତାରିଫ୍ ବୃଦ୍ଧି ପଛରେ ଟ୍ରମ୍ପ ଆମେରିକାର ଶିଳ୍ପ ଆତ୍ମନିର୍ଭରଶୀଳତା ବୃଦ୍ଧି ଏବଂ ମାଗା(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ନାରାକୁ ସଫଳ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଆମଦାନୀ ଆତ୍ମନିର୍ଭରଶୀଳ ଆମେରିକା ଏତେ ଶୀଘ୍ର ସ୍ୱାବଲମ୍ବୀ ହେବା ଆଶା କମ୍। ଟ୍ରମ୍ପଙ୍କ 'ମାଗା' ସ୍ୱପ୍ନ ସାକାର ହେବା ବେଳକୁ ତାଙ୍କ କାର୍ଯ୍ୟକାଳ ସରିଯାଇଥିବ। ଏଭଳି ଅଦୂରଦର୍ଶୀ ଚପଳମତି ନିଷ୍ପତ୍ତିମାନଙ୍କର ପରାଭବ ଆମେରିକାବାସୀ ଭୋଗିବା ହିଁ ସାର ହେବ। ଭାରତ ରୁଷ୍‌ରୁ ଇନ୍ଧନ ନ କିଣିଲେ ରୁଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ହୋଇଯିବ ନାହିଁ; ବରଂ ୟୁକ୍ରେନ୍‌କୁ ନାଟୋର ସହାୟତା ବନ୍ଦ ହେଲେ ଯାଇ ଏହି ଯୁଦ୍ଧ ସମାପ୍ତ ହେବ। ଆମେରିକା ଚାହିଁଲେ ନାଟୋର ୟୁକ୍ରେନ୍ ସହାୟତା ବନ୍ଦ ହୋଇପାରିବ। ତା' ନ କରି ଅଯଥା ଭାରତ ଉପରେ ରାଗ ଶୁଝାଇଲେ କିଛି ଲାଭ ହେବ ନାହିଁ। ବିଶ୍ୱରେ ଏବେ ଯେଉଁଠାରେ ଯୁଦ୍ଧର ଘନଘଟା ଲାଗିଛି ତା'ସହିତ ଭାରତର ଇନ୍ଧନ କିଣା ନୁହେଁ, ବରଂ ଆମେରିକାର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଦାୟୀ। ଟ୍ରମ୍ପ ନୋବେଲ୍ ଶାନ୍ତି ପୁରସ୍କାର ଆଶାରେ ବିଶ୍ୱକୁ ଆହୁରି ଯୁଦ୍ଧର ଘନଘଟା ମଧ୍ୟକୁ ଠେଲି ଦେଲେ ତା'ର ପରାଭବ ଆମେରିକାବାସୀ ଭୋଗିବା ସାର ହେବ।

# ବିଦାୟ ମିଗ୍

ଭାରତୀୟ ବାୟୁସେନାର ପୂର୍ବତନ ନାୟକ ତଥା ପାକିସ୍ତାନ ବିପକ୍ଷ ଯୁଦ୍ଧର ନିର୍ଣ୍ଣାୟକ ମିଗ୍-୨୧ ଭାରତମାତାର ସେବାରୁ ବିଦାୟ ନେଇଛି। ୧୯୬୩ ମସିହାରେ ରୁଷ୍ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧଜାହାଜ ଭାରତୀୟ ବାୟୁସେନାରେ ସାମିଲ୍ ହେବା ପରେ ପରେ ଅନେକ ଯୁଦ୍ଧର ସାମ୍ନା କରିଛି। ୧୯୬୫ ଓ ୧୯୭୧ରେ ପାକିସ୍ତାନ ବିରୋଧୀ ଯୁଦ୍ଧରେ ମିଗ୍-୨୧ର ପରାକ୍ରମ ଯୁଦ୍ଧକୁ ଭାରତ ସପକ୍ଷରେ ନିର୍ଣ୍ଣାୟକ କରିଛି। ଏହାଛଡ଼ା ୧୯୯୧ କାରଗିଲ୍ ଯୁଦ୍ଧ ଏବଂ ପରିଣତ ବୟସରେ ୨୦୧୯ ବାଲାକୋଟ୍ ସର୍ଜିକାଲ୍ ଷ୍ଟ୍ରାଇକ୍‌ରେ ମଧ୍ୟ ଅପୂର୍ବ ପରାକ୍ରମ ପ୍ରଦର୍ଶନ କରିଛି। ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେବା ପ୍ରଦାନ ପରେ ୬୨ ବର୍ଷ ବୟସରେ ଭାରତୀୟ ବାୟୁସେନା ଏକ ଭାବଗମ୍ଭୀର ପରିବେଶରେ ମିଗ୍-୨୧କୁ ଅବସରକାଳୀନ ସମ୍ବର୍ଦ୍ଧନାରେ ବିଦାୟ ଦେଇଛି।

ମିଗ୍-୨୧ କେବଳ ଭାରତୀୟ ବାୟୁସେନାର ଶକ୍ତି ନଥିଲା, ଏହା ଥିଲା ଭାରତ-ରୁଷ୍ ବନ୍ଧୁତ୍ୱ ଏବଂ ଦ୍ୱିପାକ୍ଷିକ ସମ୍ପର୍କର ନିଦର୍ଶନ। ମିଗ୍-୨୧ ସହିତ ଆହୁରି ଅନେକ ଦେଶପ୍ରେମର ଇତିହାସ ଯୋଡ଼ି ହୋଇ ରହିଛି। ମିଗ୍ ୨୧ର ପ୍ରଥମ ସ୍କ୍ୱାର୍ଡନ୍ ଲିଡର ଦିଲ୍‌ବାଗ୍ ସିଂହ ଭାରତୀୟ ବାୟୁସେନାର ମୁଖ୍ୟ ଭାବେ ପଦୋନ୍ନତି ପାଇଥିଲେ। ଗତ କିଛି ବର୍ଷ ଧରି ଦୁର୍ଘଟଣା ଓ ଯାନ୍ତ୍ରିକ ତ୍ରୁଟିର ଅପବାଦ ଓ ବିବାଦ ଏହା ସହିତ ଯୋଡ଼ି ହୋଇଯାଇଥିଲା। କିନ୍ତୁ ଶେଷଥର ପାଇଁ ରାଜସ୍ଥାନର ବିକାନେର ସ୍ଥିତ ନାଲ୍ ବାୟୁ ସେନା ଘାଟିରେ ଉଡ଼ାଣ ସହିତ ନିଜର କାର୍ଯ୍ୟଦକ୍ଷତା ବଜାୟ ରଖିଥିବା ପ୍ରମାଣ କରିଥିଲା।

ଏହି ସୁପରସୋନିକ୍ ଯୁଦ୍ଧ ବିମାନ ସହିତ ଓଡ଼ିଶାର ସମ୍ପର୍କ ମଧ୍ୟ ଅତୁଟ। ରୁଷ୍ ଜ୍ଞାନକୌଶଳରେ ଭାରତରେ ମିଗ୍ ୨୧ ବିମାନ ନିର୍ମାଣ ଯୋଜନା ସାକାର ହେବା ପରେ କୋରାପୁଟ୍ ଜିଲ୍ଲାର ସୁନାବେଡ଼ାଠାରେ ଦେଶର ପ୍ରଥମ କାରଖାନା ସ୍ଥାପନ ହେଲା। ଏଥିସହିତ ସୁନାବେଡ଼ା ଅନ୍ତର୍ଜାତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏକ ମର୍ଯ୍ୟାଦାପୂର୍ଣ୍ଣ ପରିଚୟ ସୃଷ୍ଟି କରିବା ସହିତ ଅନୁନ୍ନତ ଓ ଆଦିବାସୀ ଅଧ୍ୟୁଷିତ କୋରାପୁଟ୍ ଜିଲ୍ଲାର ସାମାଜିକ-ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହାପଛରେ କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ। ମିଗ୍-୨୧ର ଅବସର ସହିତ ସେହି ସବୁ ସ୍ୱର୍ଣ୍ଣିମ ଅଧ୍ୟାୟ ଇତିହାସର ଅଲିଭା ସ୍ମୃତି ହୋଇ ଚିରକାଳ ରହିଗଲା।

ଗୌରବାବହ ମିଗ୍-୨୧ - ଭାରତ ଓ ଭାରତୀୟଙ୍କ ତରଫରୁ ସଶ୍ରଦ୍ଧ ସଲାମ୍!

# ଜନତା ମାତିଲେଣି

ଗୌରୀ ପ୍ରସାଦ ମହାପାତ୍ର

ଶାସନତନ୍ତ୍ରରେ ଭ୍ରଷ୍ଟାଚାର, ସ୍ୱୈରାଚାର ଓ ଅହଂକାର ଗଣବିପ୍ଳବକୁ ଜନ୍ମଦିଏ। କ୍ରମେ ତାହା ହିଂସାର ରୂପ ନେଇ ଇତିହାସରେ କଳଙ୍କିତ ଅଧ୍ୟାୟଟିଏ ଲେଖିଦିଏ, ଅଥଚ କ୍ଷମତା ପରିବର୍ତ୍ତନ ସହିତ ସମ୍ଭାବନାର ନୂଆ ସୂର୍ଯ୍ୟୋଦୟ ହୁଏ। ଇତିହାସ ଏବେ କଡ଼ ଲେଉଟାଇଛି। ଏକଛତ୍ରବାଦ ଓ ସ୍ୱୈରାଚାର ଆକ୍ରାନ୍ତ ରାଜତନ୍ତ୍ର ଶାସନ ବ୍ୟବସ୍ଥାରେ ଜନବିପ୍ଳବର ଧାରା ସମ୍ପ୍ରତି ଗଣତନ୍ତ୍ର ଶାସନରେ ଆତ୍ମପ୍ରକାଶ କରୁଛି। ଚଳିତ ଦଶନ୍ଧିରେ ଗଣବିପ୍ଳବ ଓ ଶାସନ ପରିବର୍ତ୍ତନର ଏକାଧିକ ଘଟଣା କେବଳ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଘଟିବା ଏକ ସଂଯୋଗ ହୋଇ ନ ପାରେ। 'ଯଦି ସେମାନେ ପାରିଲେ ଆମେ କାହିଁକି ନୁହେଁ?' ଆକ୍ରୋଶଜଡ଼ିତ ଅବଚେତନ ମନରେ ଏହି ପ୍ରଶ୍ନଟି ଯେତେବେଳେ ବିବେକ ସହିତ ବାରମ୍ବାର ସଂଘାତ ସୃଷ୍ଟି କରୁଛି ସେତେବେଳେ ସ୍ୱତଃପ୍ରବୃତ୍ତ ଭାବେ ସମଭାବାପନ୍ନ ଜନତା ଅତ୍ୟାଚାର ବିରୋଧରେ ଏକାଠି ହେଉଛନ୍ତି। ତେଣୁ ଚଳିତ ଦଶନ୍ଧିର ପ୍ରାରମ୍ଭରେ ଗଣତାନ୍ତ୍ରିକ ରାଷ୍ଟ୍ର ଶ୍ରୀଲଙ୍କାରେ ଗଣବିପ୍ଳବ ଜନିତ ଶାସନ ପରିବର୍ତ୍ତନର ଯେଉଁ ସଫଳ ପ୍ରୟାସ ଆରମ୍ଭ ହେଲା ତାହା ଅଚିରେ ବାଂଲାଦେଶ, ଇଣ୍ଡୋନେସିଆ ଓ ନେପାଳରେ ପହଞ୍ଚିଗଲା।

ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ଅନୁନ୍ନତ ଓ ବିକାଶଶୀଳ ରାଷ୍ଟ୍ରରେ ବେକାରୀ, ମୁଦ୍ରାସ୍ଫୀତି, ଖାଦ୍ୟାଭାବ, ଅପରାଧ, ଭ୍ରଷ୍ଟାଚାର, ନିଶା କାରବାର, ବାହ୍ୟଶକ୍ତି ଭଳି କେତେକ କାରକର ପ୍ରଭାବରେ ଜନବିପ୍ଳବ ଏକ ସ୍ୱାଭାବିକ ତତ୍ତ୍ୱ, ଯାହା ଉପରୋକ୍ତ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଘଟିଛି। ଏହା କେତେକାଂଶରେ ସତ ହୋଇପାରେ। କିନ୍ତୁ ଏହି ତତ୍ତ୍ୱ ବା ଧାରଣା ଭୁଲ୍ ପ୍ରମାଣିତ ହେବାକୁ ବାଧ୍ୟ, ଯେତେବେଳେ ଆମେରିକା, ଫ୍ରାନ୍ସ, ଇଂଲଣ୍ଡ, ଜାପାନ୍ ଭଳି ବିକଶିତ ରାଷ୍ଟ୍ର ଜନଆକ୍ରୋଶ ପ୍ରଭାବିତ ଶାସନ ପରିବର୍ତ୍ତନର ଉଦାହରଣମାନ ସୃଷ୍ଟି କରୁଛନ୍ତି। ଅଭିନବତାପ୍ରବଣ, ସମୟ-ଅପଚୟକୁଣ୍ଠ ଫ୍ରାନ୍ସର ଯୁବଗୋଷ୍ଠୀ ଯେତେବେଳେ ସୁଶାସନର ପ୍ରତିଷ୍ଠା ପାଇଁ ରାଜରାସ୍ତାକୁ ଓହ୍ଲାଇ ସବୁକିଛି ବନ୍ଦ କରିଦେବା ପାଇଁ ଡାକରା ଦେଉଛନ୍ତି ଛନ୍ତି କିମ୍ବା ଜାପାନର ପ୍ରଧାନମନ୍ତ୍ରୀଙ୍କୁ ଦୁର୍ନୀତିର ଆଶ୍ରୟଦାତା ଅଭିଯୋଗରେ ସର୍ବସାଧାରଣରେ ହତ୍ୟା କରାଯାଉଛି, ସେତେବେଳେ ସ୍ୱତଃ ଏକ ଧାରଣା ସୃଷ୍ଟି ହେଉଛି ଯେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମଧ୍ୟ କ୍ଷମତା ପରିବର୍ତ୍ତନ ପାଇଁ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାର ଧୈର୍ଯ୍ୟ ଆଉ ଜନତାଙ୍କର ନାହିଁ। ତେବେ ଆମେ କ'ଣ କହିପାରିବା ଯେ ରାଜତନ୍ତ୍ରର ବିକଳ୍ପ ରୂପେ ଜନ୍ମ ନେଇଥିବା ଗଣତନ୍ତ୍ର ଏକ ବିଫଳ ପ୍ରୟୋଗ?

କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଉପରୋକ୍ତ ଗଣବିପ୍ଳବମାନଙ୍କର ପୃଷ୍ଠଭୂମି ସମ୍ପର୍କରେ କିଞ୍ଚିତ ଆଲୋଚନା କରିବା ପ୍ରାସଙ୍ଗିକ ହେବ। ଶାସକ ଓ ଶାସିତର ସମ୍ପର୍କର ସେତୁ ହେଉଛି ଗଣତନ୍ତ୍ର। ଏହି ସେତୁର ଢାଞ୍ଚା ଭୁଶୁଡ଼ି ଗଲେ ଶାସିତର ମୌଳିକ ଅଧିକାର ଓ ସ୍ୱାଧୀନତା କ୍ଷୁଣ୍ଣ ହୁଏ। କ୍ରମବର୍ଦ୍ଧିଷ୍ଣୁ ବୈଷମ୍ୟ ଗଣତନ୍ତ୍ର-ମୋହରିକ୍ତ ପରିବେଶଟିଏ ସୃଷ୍ଟି କରିବାକୁ ଇନ୍ଧନ ଯୋଗାଏ। ଉପରୋକ୍ତ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ତାହା ହିଁ ହୋଇଛି।

ଶ୍ରୀଲଙ୍କାରେ ଗଣତନ୍ତ୍ର ଏକପ୍ରକାର ପରିବାରତନ୍ତ୍ରରେ ପରିଣତ ହୋଇ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷଙ୍କ ପରିବାରର ଛଅଜଣ ସଦସ୍ୟଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଶାସନ ଚାଲିଥିଲା। ପରିବାର-ସ୍ୱାର୍ଥକେନ୍ଦ୍ରିକ ଶାସନରେ ବିଶେଷଜ୍ଞ, ପରାମର୍ଶଦାତା, ବୁଦ୍ଧିଜୀବୀଙ୍କ ଭୂମିକା ଗୌଣ ହୋଇଯାଇ ନୀତି ନିର୍ଦ୍ଧାରଣ ବାଟ ହୁଡ଼ିଥିଲା। ଅଦୂରଦର୍ଶୀ ଓ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ବୈଦେଶିକ ମୁଦ୍ରାଭଣ୍ଡାର ଶୂନ୍ୟ ହୋଇଗଲା। ଜନତାଙ୍କୁ ଅତ୍ୟାବଶ୍ୟକ ଜୀବନଧାରଣ ସାମଗ୍ରୀ ଯୋଗାଇବାରେ ସରକାର ବ୍ୟର୍ଥ ହେଲେ। ଅର୍ଥନୈତିକ-ସାମାଜିକ- ମାନବିକ ସଙ୍କଟ ଜନିତ ଆକ୍ରୋଶ ଜନତାଙ୍କୁ ଧୈର୍ଯ୍ୟଚ୍ୟୁତ କରିବାକୁ ବାଧ୍ୟ କଲା। ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା ନ କରି ସେମାନେ ଆଇନ ହାତକୁ ନେଇ ଶାସନ ପରିବର୍ତ୍ତନ କଲେ। ନେପାଳରେ ମଧ୍ୟ ଅନ୍ବେବହୁତ ସମାନ ଥିଲା 'ଜେନ୍ ଜେଡ୍' କୁହାଯାଉଥିବା ଯୁବବର୍ଗଙ୍କ ଆକ୍ରୋଶର ପୃଷ୍ଠଭୂମି। କାମଧନ୍ଦା ଅଭାବରୁ ନେପାଳ ନାଗରିକ ରୋଜଗାର ଅନ୍ୱେଷଣରେ ଦେଶାନ୍ତର ହେଉଥିବା ବେଳେ ଶାସକ ବର୍ଗଙ୍କ ପରିବାର ରାଜକୀୟ ବହ୍ୱାଡ଼ମ୍ବରରେ ବିଳାସପୂର୍ଣ୍ଣ ଜୀବନ ଜିଉଁଥିଲେ। ଏହି ଗୁରୁତର ଶାସକ-ଶାସିତ ବୈଷମ୍ୟକୁ ଲୋକଲୋଚନକୁ ଆଣୁଥିବା ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ ଘୋଷଣା କରିବା ପରେ ଛାତ୍ରବର୍ଗଙ୍କ ଅସନ୍ତୋଷ ହିଂସ୍ର-ଆନ୍ଦୋଳନର ରୂପ ନେଲା। ନିର୍ବାଚନୀ ଗଣତନ୍ତ୍ରକୁ ଉପେକ୍ଷା କରି ଜନତା ନିଜ ପସନ୍ଦର ଶାସକ ଚୟନ କଲେ। ବାଂଲାଦେଶରେ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ମନମୁଖି ସଂରକ୍ଷଣ ରାଜନୀତି ଛାତ୍ରସମାଜକୁ ଉତ୍‌କ୍ଷିପ୍ତ ଓ ହିଂସ୍ର କରିବାକୁ ଯଥେଷ୍ଟ ଥିଲା। ନିର୍ବାଚନ ପ୍ରକ୍ରିୟା ଉପରେ ସେଠାକାର ଜନତା ଭରସା କରିପାରିଲେ ନାହିଁ। ଅପ୍ରତିଦ୍ୱନ୍ଦ୍ୱୀ ଶେଖ ହସିନାଙ୍କୁ ଜନତା ହିଂସାତ୍ମକ ପନ୍ଥାରେ ଗାଦିଚ୍ୟୁତ କରି ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ହାତରେ କ୍ଷମତା ସମର୍ପି ଦେଲେ। ନିର୍ବାଚିତ ସରକାର ତୁଳନାରେ ମନୋନୀତ ସରକାରକୁ ବାଂଲାଦେଶୀମାନେ ବାଛି ନେଲେ। ଏହି ତିନି ଘଟଣାରେ ଗଣତାନ୍ତ୍ରିକ ଶାସନର ଆଧାର ନିର୍ବାଚନ ପ୍ରକ୍ରିୟା ସ୍ୱତଃ ସନ୍ଦେହ ଓ ଅବିଶ୍ୱାସର ଘେରକୁ ଆସିଗଲା। ଗଣତନ୍ତ୍ରର ନୂଆ ନୂଆ ସ୍ୱାଦ ଚାଖିଥିବା ଇଣ୍ଡୋନେସିଆରେ ନିର୍ବାଚିତ ଜନପ୍ରତିନିଧିମାନେ ବେରୋଜଗାରୀ ଓ ଦରଦାମ ବୃଦ୍ଧି ସମସ୍ୟାର ସମାଧାନ ବଦଳରେ ନିଜ ପାଉଣା ବଢ଼ାଇବା ପାଇଁ ତତ୍ପର ହୋଇପଡ଼ିଲେ। ଗଣତନ୍ତ୍ରରେ ଜନମଙ୍ଗଳ ତୁଳନାରେ ଜ୍ଞାତିପ୍ରୀତିତୋଷଣ ଗୁରୁତ୍ୱ ପାଇବାରୁ ଜନଆକ୍ରୋଶ ଅଧିକ ଉଗ୍ର ହୋଇ ହିଂସାର ରୂପ ନେଲା।

ବିକଶିତ ରାଷ୍ଟ୍ର ଫ୍ରାନ୍ସରେ ଆତ୍ମକେନ୍ଦ୍ରିକ ନୀତି ଯୋଗୁଁ ଋଣପାହାଡ଼ ସହିତ ବିତ୍ତୀୟ ନିଅଣ୍ଟ ବଢ଼ିଚାଲିଲା। ରାଷ୍ଟ୍ର ଓ ରାଷ୍ଟ୍ରବାସୀଙ୍କ ସ୍ୱାଧୀନତା ଓ ଭବିଷ୍ୟତ ବିପନ୍ନ ହେଉଥିବା ଅନୁଭବ କରି ଫରାସୀମାନେ ରାଜରାସ୍ତାକୁ ଓହ୍ଲାଇଲେ। ୨୦ ମାସରେ ଚାରିଥର ପ୍ରଧାନମନ୍ତ୍ରୀ ପରିବର୍ତ୍ତନ ହେଲା। ଗଣତାନ୍ତ୍ରିକ ରାଷ୍ଟ୍ର ଜାପାନରେ ୧୯୫୫ରୁ କ୍ରମାଗତ କ୍ଷମତାସୀନ 'ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି'ର ଆର୍ଥିକ ପରିଚାଳନାରେ ଅନିୟମିତତା, ନିଯୁକ୍ତି ଓ ମଜୁରୀ ବୃଦ୍ଧିରେ ସ୍ଥାଣୁତା, ମାନବ ସମ୍ବଳ ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି, ଜନସାଂଖ୍ୟିକ ବୈଷମ୍ୟ ଓ ଦୁର୍ନୀତି ନାଗରିକଙ୍କୁ ଏତେ ଅତିଷ୍ଠ କଲା ଯେ ୨୦୨୨ ଜୁଲାଇରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କୁ ଏକ ସାଧାରଣ ସଭାରେ ଗୁଳି କରି ହତ୍ୟା କରାଗଲା। ଶାସକ ଦଳର ୪୫ ଜଣ ନୀତି ନିର୍ଦ୍ଧାରକଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି ଏବଂ ଦୁର୍ନୀତି ଯୋଗୁଁ ଜାପାନ୍ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତିର ମାନ୍ୟତା ହରାଇଛି। ତେଣୁ ଜନବିପ୍ଳବ ପାଇଁ ଗଣତନ୍ତ୍ରକୁ ଦୋଷ ନ ଦେଇ ଗଣତନ୍ତ୍ର ଆଳରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଦୋଷ ଦେବା ଅଧିକ ପ୍ରାସଙ୍ଗିକ ହେବ।

ଉପରୋକ୍ତ ପୃଷ୍ଠଭୂମିରେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତର ସ୍ଥିତି ଓ ଭବିଷ୍ୟତକୁ ଅନୁଶୀଳନ କଲେ ଦୃଢ଼ ଆଶାର ଆଲୋକରେଖା ମଝିରେ ସଂଶୟର ଛାଇଟିଏ ବେଳେବେଳେ ଆତ୍ମପ୍ରକାଶ କରେ। ଭାରତୀୟ ଗଣତନ୍ତ୍ରର ଆତ୍ମା ହେଉଛି ଏହାର ସମ୍ବିଧାନ, ଯାହା ଅହିଂସାରେ ଅଭିମନ୍ତ୍ରିତ ଏବଂ ଐକ୍ୟ, ସାମ୍ୟ, ଧର୍ମନିରପେକ୍ଷ, ଭ୍ରାତୃତ୍ୱ ଓ ସଂହତି ଅମୋଘ କବଚରେ ସୁରକ୍ଷିତ। ତେଣୁ ଭାରତରେ ଗଣତନ୍ତ୍ରର ଭବିଷ୍ୟତକୁ ନେଇ ଆଶଙ୍କିତ ହେବାର କୌଣସି କାରଣ ନାହିଁ। ଏହି ଅବଧାରଣା ବିଜଡ଼ିତ ଆତ୍ମବୋଧ ଆହୁରି ଦୃଢ଼ ହେଉଛି ଯେତେବେଳେ ଭାରତର ସ୍ୱାଧୀନତା ସହିତ ସମାନ ସମୟରେ ଜନ୍ମ ନେଇଥିବା ପାକିସ୍ତାନ ଗଣତନ୍ତ୍ରର ଦୁରବସ୍ଥାକୁ ଆମେ ତୁଳନା କରୁଛୁ। ତଥାପି କେଉଁଠି ନା କେଉଁଠି 'କିନ୍ତୁ' ଟିଏ ରହିଯାଉଛି ଏବଂ ସଂଶୟର ପ୍ରଶ୍ନଟିଏ ଆଙ୍କି ହୋଇଯାଉଛି।

ଉପରୋକ୍ତ ଆଶା ଓ ଆଶଙ୍କା ମଧ୍ୟରେ ନିଷ୍କର୍ଷଟିଏ ଖୋଜିବା ବେଳେ ଆମେରିକା ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ତଥା ଦ୍ୱିତୀୟ ରାଷ୍ଟ୍ରପତି ଜନ୍ ଆଦାମ୍ ସ୍ମରଣକୁ ଆସନ୍ତି। ତାଙ୍କ ମତରେ ଗଣତନ୍ତ୍ର ପ୍ରତି ୪୦/୫୦ବର୍ଷରେ କଡ଼ ଲେଉଟାଏ। ଭାରତୀୟ ଗଣତନ୍ତ୍ର ଶେଷଥର ପାଇଁ କଡ଼ ଲେଉଟାଇଥିଲା ୧୯୭୭ ମସିହାରେ ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହାର ଘୋଷଣା ପରବର୍ତ୍ତୀ ସାଧାରଣ ନିର୍ବାଚନ ସହିତ। ୨୦୨୭ରେ ଏହାର ୫୦ ବର୍ଷ ପୂରିବାକୁ ଯାଉଛି। ତେଣୁ ଆଗାମୀ ଦୁଇବର୍ଷ ଭାରତୀୟ ଗଣତନ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର। ୨୦୨୭ ଜନଗଣନା ସହିତ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ(ଡିଲିମିଟେସନ୍), ଲୋକସଭାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ପରି ଯୁଗାନ୍ତକାରୀ ବିବର୍ତ୍ତନ ଭାରତୀୟ ଗଣତନ୍ତ୍ରର ଏହି ସନ୍ଧିକ୍ଷଣରେ ଘଟିବାକୁ ଯାଉଛି। ଡିଲିମିଟେସନ୍ ପ୍ରଭାବର ପୂର୍ବାଭାସ କେତେକାଂଶରେ ଅନୁଭୂତ ହୋଇସାରିଛି। ଆଗାମୀ ଜନଗଣନା ଜାତିଭିତ୍ତିକ ହେଉଥିବାରୁ ଜାତିଗତ ସଂରକ୍ଷଣ ଦାବି ଆହୁରି ଜୋରଦାର ହେବା ସ୍ୱାଭାବିକ। ସଂରକ୍ଷଣ ପ୍ରସଙ୍ଗ ସହିତ ବିଗତ ଶତାବ୍ଦୀର ୯୦ଦଶକର ମଣ୍ଡଳ ଆୟୋଗ ସୁପାରିସ୍ କାର୍ଯ୍ୟକାରୀ ଘୋଷଣା ଜନିତ ଦୁଃସ୍ଥିତି ସ୍ମରଣକୁ ଆସିଯାଉଛି। କ୍ଷମତା ରାଜନୀତି ଓ ନିର୍ବାଚନୀ ରଣନୀତିରେ 'ସଂରକ୍ଷଣ-ଅସ୍ତ୍ର' କିଭଳି ନାରକୀୟ ହୋଇପାରେ ମଣିପୁରର ଧୂଆଁ ଆମକୁ ଅହୋରାତ୍ର ଚେତାଇ ଦେଉଛି। ନିର୍ବାଚନୀ ପ୍ରତିଶ୍ରୁତି ଓ ପ୍ରତାରଣା କିଭଳି ଗଣଆନ୍ଦୋଳନର ରୂପ ନିଏ, ତାହାର ଝଲକ୍ ଲଦାଖରେ ଦେଖିବାକୁ ମିଳିଛି। ସ୍ୱାଧୀନ ଭାରତରେ ପ୍ରଥମ ଥର ପାଇଁ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରା ସନ୍ଦେହ ଘେରକୁ ଆସିଛି, ତିନିଶହରୁ ଊର୍ଦ୍ଧ୍ୱ ସାଂସଦ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ସ୍ୱାଧୀନତାର ଅମୃତକାଳର ଯାତ୍ରାରେ ଜନବିପ୍ଳବର ଅବାଞ୍ଛିତ ବିଷ ଜ୍ୱାଳାରୁ ଭାରତୀୟ ଗଣତନ୍ତ୍ରକୁ ମୁକ୍ତ ରଖିବାକୁ ହେଲେ ଆତ୍ମଶ୍ରେୟର ଆତୁରତା ପରିହାର କରି ଜନତା, ବିଶେଷକରି ଯୁବବର୍ଗର ଅସନ୍ତୋଷର ଅନ୍ତଃସ୍ରୋତକୁ ସଯତ୍ନଶୀଳ ଅନୁଶୀଳନରେ ତତ୍ପରତା ଆବଶ୍ୟକ। ସାରା ବିଶ୍ୱରେ ଜନତା ମାତିଲେଣି - ଏଥିପ୍ରତି ହେୟଜ୍ଞାନ କିମ୍ବା ଅବହେଳା ଇତିହାସରେ 'ଅକ୍ଷମଣୀୟ' ପରି ଶବ୍ଦଟିଏ ସ୍ୱତଃ ଲେଖି ହୋଇଯିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦


# ପୁସ୍ତକ ପଠନ ଓ ସୁସ୍ୱାସ୍ଥ୍ୟ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ବିବ୍ଲିଓଫିଲା! କ'ଣ ଏହାର ଅର୍ଥ? ଏହାର ଅର୍ଥ 'ପୁସ୍ତକ ପ୍ରତି ପ୍ରେମ'। ତା'ହେଲେ ବିବ୍ଲିଓଫାଇଲ'ର ଅର୍ଥ ପୁଣି କ'ଣ? ଏହାର ଅର୍ଥ ପୁସ୍ତକପ୍ରେମୀ'। ଗ୍ରନ୍ଥ ବୋଇଲେ କେବଳ ଜ୍ଞାନର ଆଧାରକୁ ବୁଝାଏ ନାହିଁ।। ଗ୍ରନ୍ଥ ପ୍ରକୃତରେ ଏକ ବଶୀକୃତ କରିଦେଇ ପାରୁଥିବାର ଗ୍ରନ୍ଥିର ନାମ। ଏହା ଗ୍ରନ୍ଥଟିଏ ସହିତ ସଂଯୁକ୍ତ ହୋଇପାରିଲେ ହିଁ ଏହି ଦୃଶ୍ୟମାନ ଜଗତରେ ଖୋଲିଯାଏ ବିସ୍ମୟରେ ଦ୍ୱାର। ସେଠାରେ କିଛି ଆଉ ଅସମ୍ଭବ ପ୍ରତୀୟମାନ ହୁଏନି।

ବହିକୁ ନେଇ ଭାବନା ଭାରତୀୟମାନଙ୍କଠାରେ କିଛି କମ ନୁହେଁ। ଅଥଚ ପାଠକ? ଭାରତୀୟମାନେ କ'ଣ ସତରେ ବିଦଗ୍ଧ ପାଠକ ହୋଇପାରିଛନ୍ତି? ନହେଲେ କାହିଁକି ପ୍ରଖ୍ୟାତ ସାହିତ୍ୟିକ ମୁଲକ ରାଜ ଆନନ୍ଦ ଆକ୍ଷେପ କରି କହିଥା'ନ୍ତେ – ଭାରତୀୟମାନେ ବହି ପଢ଼ିବାରେ ବଡ଼ ବିମୁଖ! କଥାଟା ଆଂଶିକ ସତ। ଭାରତୀୟମାନେ ପଢ଼ିବା ପାଇଁ ନୁହେଁ, ବରଂ ଗପ ଶୁଣିବା ପାଇଁ ଭଲ ପାଆନ୍ତି। ତେବେ ଶୁଣିବାର ଯଦି କ୍ଷୁଧା ଅଛି, ସେତେବେଳେ ପଢ଼ିବାର ଧୈର୍ଯ୍ୟଟିକୁ ଅବଶ୍ୟ ତିଆରି କରାଯାଇପାରିବ। କିନ୍ତୁ ଏହି ଲାଭକ୍ଷତିର ଦୁନିଆରେ ବହି ପଢ଼ି କି ଫାଇଦା, ତାହା ଟିକିଏ ଆଲୋଚନା କରାଯାଉ।

ବହି ପଢ଼ିଲେ ବୃଦ୍ଧିପାଏ ମନୋଯୋଗ, ସ୍ମୃତିଶକ୍ତି। ବହିଟିର ପ୍ରତିଟି ଧାଡ଼ି ମସ୍ତିଷ୍କରେ ତିଆରି କରି ପକାଏ ନୂଆ ନୂଆ ଛବି। ଫଳରେ କଳ୍ପନା ଶକ୍ତି ବଢ଼େ। ସଂପ୍ରତି ଦୈନନ୍ଦିନ ଜୀବନର ନାନା ଚାପ ଯୋଗୁଁ ଏକ ଅଦ୍ଭୁତ ଜୀବନ୍ତ କଳରେ ମଣିଷର ଜୀବନ ନିରନ୍ତର ପେଷି ହେବାରେ ଲାଗିଛି। ତା'ରି ଭିତରେ ଟିକିଏ ସମୟ ବାହାର କରି ବହିର ଅକ୍ଷରଗୁଡ଼ିକର ଭିଡ଼ ଭିତରେ ଟିକିଏ ହଜି ଯାଇ ପାରିଲେ ହିଁ ଅର୍ଦ୍ଧେକ ଯୁଦ୍ଧରେ ବିଜୟ। କାରଣ ତାହା ଉଦ୍ଦୀପିତ କରେଇ ଦେବ ପାରାସିମ୍ପାଥେଟିକ ନର୍ଭକୁ। ପାରାସିମ୍ପାଥେଟିକ ନର୍ଭ ଉଦ୍ଦୀପତ ହେଲେ ତାହା ମାନସିକ ଭାବରେ ଶାନ୍ତ କରିଦେବାରେ ସହାୟକ ହୋଇଥାଏ। ଫଳରେ



ଦୂରୀଭୂତ ହୋଇଯାଏ ଉଦ୍‌ବେଗ ଓ ଉତ୍କଣ୍ଠା। ମୃଦୁ ଧରଣର ମାନସିକ ଅବସାଦଗ୍ରସ୍ତ ଥିଲେ ବହି ପଢ଼ିବା ଦ୍ୱାରା ବିଶେଷ ଉପକାର ମିଳେ। ଅନିଦ୍ରା ଭୋଗୁଥିଲେ ରାତିରେ ଶୋଇବାକୁ ଯିବା ପୂର୍ବରୁ ବିନୋଦନମୂଳକ ବହି ପଢ଼ିଲେ ନିଦ ଆସିବା ସୁଗମ ହୋଇଯାଏ। ବହି ପଢ଼ିଲେ ନୂତନ ନୂତନ ଶବ୍ଦ ସଞ୍ଚିତ ହୋଇପଡ଼େ ସ୍ମୃତି ଭଣ୍ଡାରରେ। ଏହି ପ୍ରକ୍ରିୟା ଆଲଜିମରସ, ଡିମେନସିଆ ଭଳି ସ୍ମୃତି ଭ୍ରଂଶରେ ଆକ୍ରାନ୍ତ ହୋଇପଡ଼ିବାର ଆଶଙ୍କାକୁ ହ୍ରାସ କରିଦେବାରେ ସାହାଯ୍ୟ କରେ।

ଏସବୁ ଗଲା ଶରୀର ଓ ମନର ଫାଇଦା। ଏବେ ଆସିବା ଦର୍ଶନଗତ ଦିଗକୁ। ଆମେ ସମସ୍ତେ ଜୀବନରେ ବିବିଧ ପର୍ଯ୍ୟାୟ ମଧ୍ୟ ଦେଇ ଗତିକରୁ। ବେଳେ ବେଳେ ପୁଣି ଏପରି କଠିନ ସମୟ ଆସିପହଞ୍ଚିଯାଏ, ଯେତେବେଳେ କ'ଣ କରିବା ପାଇଁ ପଡ଼ିବ ଆମକୁ କୌଣସି ବୁଦ୍ଧିବାଟ ଦିଶେନି। ସେତେବେଳେ କିନ୍ତୁ ବହି ହୋଇଉଠେ ପଦପ୍ରଦର୍ଶନର ମଶାଲ ସ୍ୱରୂପ। ଜୀବନର ବିରାଟ ପ୍ରେକ୍ଷାପଟରେ 'ମୁଁ' ନାମକ ଜୀବଟିର ଉଦ୍ଦେଶ୍ୟକୁ ପରିଷ୍କାର କରିଦେଇପାରେ ବହି। ଜୀବନ ସଂପର୍କରେ ଆମର ଉପଲବ୍ଧିକୁ ବଦଳେଇ ଦେଇ ଅବତୀର୍ଣ୍ଣ ହୋଇପଡ଼େ ସାନ୍ତ୍ୱନା ପ୍ରଦାନକାରୀ ଭୂମିକାରେ। ବହି ଆମକୁ କରେ ସହାନୁଭୂତିଶୀଳ, ସମାନୁଭୂତିଶୀଳ। ଆମର ମନୋଭୂମିକୁ ଉର୍ବର କରିବାରେ ବହିର ବିକଳ୍ପ ନାହିଁ।

ପୁନଶ୍ଚ ଶିକ୍ଷାର୍ଥୀମାନଙ୍କ କ୍ଷେତ୍ରରେ ଉତ୍କୃଷ୍ଟମାନର ରୋମାଞ୍ଚକର ପୁସ୍ତକ ପଠନ ବୃଦ୍ଧି କରିଥାଏ ବିଶ୍ଳେଷଣ କରିପାରିବାର ମନୋଭାବ ଓ ଦକ୍ଷତା। ଏପରିକି ଅନୁମାନ କରିପାରିବାର କ୍ଷମତା ବଢ଼େଇବାରେ ବି ସହାୟକ ହୋଇଥାଏ ପୁସ୍ତକ ପଠନ। ମସ୍ତିଷ୍କକୁ ରଖିପାରେ ସକ୍ରିୟ। ଭଲ ଭଲ ବହି ପଢ଼ିବାର ଅଭ୍ୟାସ ଥିଲେ ବିଭିନ୍ନ ଆଲୋଚନାର ଆସରରେ ତାହା ପାଠକକୁ କରିଦିଏ ଆକର୍ଷଣର କେନ୍ଦ୍ରବିନ୍ଦୁ। ନିରସ ଆଲୋଚନାକୁ କରିଦେଇ ହୁଏ ସରସ ତଥା ଚିତ୍ତାକର୍ଷକ।

ଏବେ ଛାତ୍ରଛାତ୍ରୀମାନେ ପୁସ୍ତକ ପଠନ ପରିବର୍ତ୍ତେ ବେଶୀ ପସନ୍ଦ କରୁଛନ୍ତି ପିଡିଏଫରୁ ତଥ୍ୟ ସଂଗ୍ରହ କରିବା ପାଇଁ। ପୁସ୍ତକ ପଠନରୁ ମିଳେ ଏକ ସ୍ୱର୍ଗୀୟ ସ୍ପର୍ଶ, ସ୍ୱାଦ, ପୁସ୍ତକର ଗନ୍ଧ ଓ ଆବେଗ। ଏହା ପିଡିଏଫରୁ ମିଳିନ ଥାଏ। ତା'ଛଡ଼ା ପିଡିଏଫ ତୁଳନାରେ ବହିରେ ଲେଖା ତଥ୍ୟ ଦୀର୍ଘ ଦିନ ଧରି ମନେ ରହେ।

ମୋବାଇଲରେ ସ୍କ୍ରିନ ପ୍ରଦତ୍ତ ଭିଡିଓ ତଥ୍ୟ ପ୍ରଦାନ କରିଥାଏ ଭସାଭସା ଜ୍ଞାନ। କିନ୍ତୁ ପୁସ୍ତକ ପଠନରୁ ଆହରଣ କରିଥିବା ଜ୍ଞାନ ପ୍ରବେଶ କରିଥାଏ ମସ୍ତିଷ୍କର ଖୁବ୍ ଗଭୀରତାକୁ। ସେଥିପାଇଁ ସନ୍ତାନକୁ ପ୍ରକୃତ ଶିକ୍ଷିତ କରିବା ପାଇଁ ଚାହିଲେ ତା' ହାତରେ ମୋବାଇଲ ଧରେଇ ନ ଦେଇ ବରଂ ଧରେଇ ଦିଅନ୍ତୁ ବହି।

କଟକ, ମୋ: ୯୪୩୭୭୬୬୧୧୭

# ଆମ ବୃକ୍ଷଲତା ଆମ ଜୀବନ

## ପ୍ରକୃତି-ପରିବେଶ

## ଅଶ୍ୱଗନ୍ଧା

ସୌଭାଗ୍ୟସୁନ୍ଦର

ଅଶ୍ୱଗନ୍ଧା ହେଉଛି ଭାରତୀୟ ଉପମହାଦେଶ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଦକ୍ଷିଣ ୟୁରୋପର ଏକ ଚିରହରିତ ଉଦ୍ଭିଦ। ଏହା ଭାରତର ଶୁଷ୍କ ଅଞ୍ଚଳରେ ବିତରିତ। 'ଅଶ୍ୱଗନ୍ଧା' ନାମଟି ସଂସ୍କୃତ ଶବ୍ଦ 'ଅଶ୍ୱ'ର ମିଶ୍ରଣ, ଯାହାର ଅର୍ଥ 'ଘୋଡ଼ା' ଏବଂ 'ଗନ୍ଧା', ଯାହାର ଅର୍ଥ 'ଗନ୍ଧ'। ଏହା ପ୍ରତିଫଳିତ କରେ ଯେ ଏହାର ମୂଳରେ ଏକ ତୀବ୍ର, ଘୋଡ଼ା ମୂତ୍ର ପରି ଗନ୍ଧ ଅଛି। କିନ୍ତୁ ସାଧାରଣତଃ ଏହି ନାମର ଅର୍ଥ ହେଉଛି - 'ଘୋଡ଼ାର ଶକ୍ତି ଓ ଯୌନ ଜୀବନ ଶକ୍ତି ପ୍ରଦାନ'।

ଅଶ୍ୱଗନ୍ଧା ଉଭିଦ ଏକ ମଧ୍ୟମ ଆକାରର ବହୁବର୍ଷୀୟ ବୁଦା ବା ଗୁଳ୍ମ, ୧ ରୁ ୨ ମିଟର ଉଚ୍ଚ ଓ ସିଧା। ଡାଳଗୁଡ଼ିକ ଧୂସର ମାଟିଆ ଗାଢ଼ ରଙ୍ଗ। ପତ୍ରଗୁଡ଼ିକ ୫-୧୦ ସେମି ଲମ୍ବା, ଫିକା ସବୁଜ, ସରଳ, ବିକଳ୍ପ, ଅଣ୍ଡାକାର। ସାଧାରଣତଃ ସମ୍ପୂର୍ଣ୍ଣ ଗଛଟି ସୂକ୍ଷ୍ମ ଲୋମ ଦ୍ୱାରା ଆଚ୍ଛାଦିତ। ଏହାର ମୂଳ ଲମ୍ବା ମାଂସଳ କନ୍ଦମୂଳ ଭଳି। ଏହି ଗଛଟିର ପତ୍ର ଅକ୍ଷରେ ପୁଷ୍ପୋଦଗମ ୪-୨୫ ଟି ଫିକା ସବୁଜ ଫୁଲ ଏକ ସାଇମୋଜ୍ ବା ସ୍ତବକ ସସୀମ ଗୁଚ୍ଛ ଧାରଣ କରେ। ଏହାର ଫୁଲଗୁଡ଼ିକ ସାଧାରଣତଃ ଛୋଟ ଏକକ କିମ୍ବା ଦ୍ୱୈତଲିଙ୍ଗୀ। କୋରୋଲା ବା ଦଳ ମଣ୍ଡଳ ୫ ଟି ପାଖୁଡ଼ାକୁ ନେଇ ଗଠିତ ଯାହା ଘଣ୍ଟି ଆକୃତିର, ୫-୮ ମିମି ଲମ୍ବା ଏବଂ ହାଲୁକା ହଳଦିଆରୁ ହଳଦିଆ-ସବୁଜ ରଙ୍ଗର। ଅଶ୍ୱଗନ୍ଧା ଫଳ ସାଧାରଣତଃ ଏକ ଗୋଲାକାର କେଶହୀନ ବେରି, ୫-୮ ମିମି ବ୍ୟାସ ଏବଂ ବର୍ଦ୍ଧିତ କ୍ୟାଲିକ୍ସ ବା ବୃତି ମଣ୍ଡଳ ଦ୍ୱାରା ଆଚ୍ଛାଦିତ ଥାଏ। ବିହନଗୁଡ଼ିକ ସାଧାରଣତଃ ଅନେକ, ଗୋଲାକାର ବା ବୃକକ୍ ଆକୃତିର ଏବଂ ହଳଦିଆ। ଫୁଲ ଫୁଟିବା ଏବଂ ଫଳ ଧରିବା ସମୟ ସାଧାରଣତଃ ଅକ୍ଟୋବରରୁ ଆରମ୍ଭ ହୋଇଥାଏ।

ଅଶ୍ୱଗନ୍ଧା ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ, ଯାହା ପାରମ୍ପରିକ ଏବଂ ଆଧୁନିକ ଚିକିତ୍ସା ପଦ୍ଧତିରେ ଅପାର ଚିକିତ୍ସା ଉପଯୋଗୀ। ଏହାକୁ ବେଦରେ ଏକ ଔଷଧୀୟ ଟନିକ୍ ଓ ସ୍ୱାସ୍ଥ୍ୟ ଖାଦ୍ୟ ଭାବରେ ବର୍ଣ୍ଣନା କରାଯାଇଛି ଏବଂ ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତିରେ 'ଭାରତୀୟ ଜିନସେଙ୍ଗ' ଭାବରେ ବିବେଚିତ କରାଯାଇଛି। ଉଭିଦ, ବିଶେଷକରି ଏହାର ମୂଳ ପାଉଡର, ପାରମ୍ପରିକ ଭାରତୀୟ ଔଷଧରେ ଶତାବ୍ଦୀ ଧରି ବ୍ୟବହୃତ ହୋଇଆସୁଛି। ଏହା 'ନିଦ୍ରା ଆଣିଥାଏ' ଔଷଧ ଭାବରେ ଜଣାଶୁଣା ଏବଂ ଅନିଦ୍ରାରୋଗ ଚିକିତ୍ସାରେ ବ୍ୟବହାର କରାଯାଏ। ଏହା ସାଧାରଣ ଚିନ୍ତା ବ୍ୟାଧିର ଚିକିତ୍ସାରେ ଉପଯୋଗୀ। ଅଶ୍ୱଗନ୍ଧା ସାଧାରଣତଃ ମୂଳ କିମ୍ବା ପତ୍ର ପାଉଡର କିମ୍ବା ନିର୍ଗମ ଧାରଣ କରି ଏକ ଖାଦ୍ୟ ପରିପୂରକ ଭାବରେ ବିକ୍ରି ହୁଏ। ସବୁଠାରୁ ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟରେ ପତଳା ଝାଡ଼ା, ମୁଣ୍ଡବିନ୍ଧା, ମାନ୍ଦା ଓ ବାନ୍ତି ଅନ୍ତର୍ଭୁକ୍ତ। ଗର୍ଭାବସ୍ଥାରେ କିମ୍ବା ହରମୋନ-ସମ୍ବେଦନଶୀଳ ଅବସ୍ଥା ଥିବା ଲୋକଙ୍କଠାରେ ଏହାକୁ ଏଡ଼ାଇ ଦିଆଯିବା ଉଚିତ। ବିଶେଷକରି ଯକୃତ ରୋଗୀ ଏବଂ ହରମୋନ-ସମ୍ବେଦନଶୀଳ ପ୍ରୋଷ୍ଟେଟ୍ କର୍କଟ ଥିବା ଲୋକଙ୍କ ଦ୍ୱାରା ଅଶ୍ୱଗନ୍ଧାର ବ୍ୟବହାର ଏଡ଼ାଇ ଦିଆଯିବା ଉଚିତ। ଅଶ୍ୱଗନ୍ଧାର ମୁଖ୍ୟ ଫାଇଟୋକେମିକାଲ୍ ବା ଜୈବ ରସାୟନିକ ଉପାଦାନ, ମୁଖ୍ୟତଃ ମୂଳରେ ଫ୍ଲାଭନ୍, ଅଏଡ୍ସ, ଆଲକାଲଏଡ୍ସ, ଷ୍ଟେରଏଡ୍ ଏବଂ ଅନେକ ସକ୍ରିୟ କାର୍ଯ୍ୟକ୍ଷମ ଉପାଦାନ ରହିଛି, ଯେଉଁଥିରେ ୱିଥାନୋଲାଇଡ୍ସ, ଟ୍ରାଇଟରପିନ୍ ଲାକ୍ଟୋନ୍‌ର ଏକ ଗୋଷ୍ଠୀ ଯେଉଁଥିରେ ୱିଥାଫେରିନ୍ ଏ, ଆଲକାଲଏଡ୍ସ, ଷ୍ଟେରଏଡାଲ୍ ଲାକ୍ଟୋନ୍, ଟ୍ରୋପାଇନ୍ ଓ କସ୍କୋହାଇଗ୍ରୀନ୍ ଅନ୍ତର୍ଭୁକ୍ତ।

ଅଶ୍ୱଗନ୍ଧା ରାସ୍ତା ପାର୍ଶ୍ୱରେ ଏବଂ ଖୋଲା ଅଳିଆ ସ୍ଥାନରେ ଅନାବନା ଉଭିଦ ଭାବରେ ବଢ଼ିଥାଏ। ଏହା ସାଧାରଣତଃ ଭାରତରେ ଏବଂ ଅନ୍ୟାନ୍ୟ ଅନେକ ସ୍ଥାନରେ ଔଷଧୀୟ ଫସଲ ଭାବରେ ଶୁଷ୍କ ଅଞ୍ଚଳରେ ଚାଷ କରାଯାଏ, ସମ୍ଭବତଃ ଏହାର ମାଂସଳ ମୂଳ ପାଇଁ। ଏହା ସୂର୍ଯ୍ୟ କିମ୍ବା ଆଂଶିକ ଛାଇ ସହିତ ଶୁଷ୍କ, ପଥୁରିଆ ମାଟିକୁ ପସନ୍ଦ କରେ। ଏହାକୁ ବସନ୍ତ ଋତୁର ପ୍ରାରମ୍ଭରେ ବିହନରୁ କିମ୍ବା ବସନ୍ତ ଋତୁର ଶେଷ ଭାଗରେ ସବୁଜ କାଣ୍ଡ କଟିଙ୍ଗରୁ ବଂଶବିସ୍ତାର କରାଯାଇପାରିବ। ଅଶ୍ୱଗନ୍ଧା ଅନେକ କୀଟପତଙ୍ଗ ଓ ରୋଗର ଶିକାର ହୁଏ। ଅଶ୍ୱଗନ୍ଧା କ୍ଷତିକାରକ ଏକ ଆକ୍ରମଣାତ୍ମକ ମିଲିବଗ୍ (ଫେନାକୋକସ୍ ସୋଲେନୋପ୍ସିସ୍) ବାହକ ମଧ୍ୟ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିରଜା ପୀଠରେ ନବରାତ୍ର ପୂଜା

# ସପ୍ତମ ଦିନରେ ମା'ଙ୍କ ରଥଯାତ୍ରା

ଯାଜପୁର, ୨୮।୯(ସମିସ): ଯାଜପୁରର ଅଧିଷ୍ଠାତ୍ରୀ ମା' ବିରଜାଙ୍କ ପୀଠରେ ଚାଲିଥିବା ନବରାତ୍ର ପୂଜା ଆଜି ସପ୍ତମ ଦିନରେ ରଥଯାତ୍ରା ଓ ପାଦସ୍ପର୍ଶ ଶାନ୍ତିଶୃଙ୍ଖଳାର ସହିତ ସମାପନ କରାଯାଇଛି। ପଞ୍ଚମୀ ଠାରୁ ଆରମ୍ଭ ହୋଇଥିବା ଯଜ୍ଞ କାର୍ଯ୍ୟକୁ ସକାଳ ୪.୩୦ ମିନିଟ୍‌ରେ ବିରାମ କରାଯିବା ପରେ ନୀତି, ଜଳପାନ ଓ ଆଳତି କରାଯାଇ ୫ଟାରେ ପହୁଡ଼ କରାଯାଇଥିଲା। ୬ଟାରେ ପହୁଡ଼ ଖୋଲାଯିବା ପରେ ସ୍ନାନର ଆୟୋଜନ କରାଯାଇଥିଲା। ୭ଟାରେ ସ୍ନାନ ପରେ ଅପେକ୍ଷାରତ ଭକ୍ତମାନେ ଗର୍ଭ ଗୃହକୁ ପ୍ରବେଶ କରି ମା'ଙ୍କ ପାଦ ସ୍ପର୍ଶ କରି ଆଶିଷ ଲାଭ କରିଥିଲେ। ଶାସନ ବ୍ରାହ୍ମଣ ମାନଙ୍କ ଦ୍ୱାରା ଦୈନିକ ଆସୁଥିବା ବୈତରଣୀ ଜଳରେ ପୂଜକ ପୂର୍ଣ୍ଣଚନ୍ଦ୍ର କର ସ୍ନାନ କରାଇବା ପରେ ଶାସନ ବ୍ରାହ୍ମଣମାନେ ନିଜ ନିଜର ଭୋଗ ଲାଗି କରିଥିଲେ। ଆଜି ମଧ୍ୟ ଭକ୍ତମାନଙ୍କ ସଂଖ୍ୟା ଅଧିକ ଥିବାରୁ ଦିନ ୯ଟା ୩୦ ମିନିଟ ପର୍ଯ୍ୟନ୍ତ ପାଦସ୍ପର୍ଶ କାର୍ଯ୍ୟ ଚାଲିଥିଲା। ତାପରେ ପାଳିଆ ସେବାୟତ ମା'ଙ୍କ ସମସ୍ତ ବେଶ କାର୍ଯ୍ୟ ସାରି ସିଂହାସନରୁ ଓହ୍ଲାଇଥିଲେ। ଦିନ ୧୧.୩୦ ମିନିଟରେ ବଡ଼ ଶୃଙ୍ଗାର ବେଶ ଆରମ୍ଭ କରାଯିବା ପରେ ଦିନ ୧୨ଟା ସମୟରେ ପୂଜକ ପୁରୋଧା ଉପସ୍ଥିତ ହୋଇ ଆଜିର ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ଦିନ ୨ଟାରେ ମା'ଙ୍କ ନୀତି, ଆଳତି କଳସ ପୂଜା କରାଯାଇ ପହୁଡ଼ କରାଯାଇଥିଲା। ତା'ପରେ ପୂଜକ ପୁରୋଧା ରଥ ଉପରେ ପୂଜା କାର୍ଯ୍ୟ ସାରି ଫେରିଥିଲେ। ଅପରାହ୍ନ ୪ଟାରେ ପହୁଡ଼ ଖୋଲାଯିବା ପରେ ଆଜିର ରଥଯାତ୍ରା ଆୟୋଜନ କରାଯାଇଥିଲା। ୫ଟା ରଥ ଉପରେ ସମସ୍ତେ ଉପସ୍ଥିତ ହେବା ପରେ ରଥଯାତ୍ରାର ଆରମ୍ଭ କରାଯାଇଥିଲା। ରଥରୁଢ଼ା ମା'



ବିରଜାଙ୍କୁ ଦର୍ଶନ କରିବା ଓ ରଥ ଟାଣିବା ପାଇଁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ରଥ ଚାଲିବାର ସଂକେତ ମିଳିବା ପରେ ଭକ୍ତମାନେ ରଥକୁ ଟାଣିବା ଆରମ୍ଭ କରିଥିଲେ। ଆଜି ରଥ ୨ ବେଢ଼ାରୁ ଅଧିକ ପରିକ୍ରମା କରାଯାଇ ପୂର୍ବ ଦକ୍ଷିଣ କୋଣରେ ରଖାଯାଇଛି। ରଥରୁ ମା'ଙ୍କ ଆର୍ଶା ଦଣ୍ଡ ଅବତରଣ ପୂର୍ବରୁ ମନ୍ଦିରର ଗର୍ଭଗୃହ ଧୂଆ କରାଯାଇ ଆଳତିର ଆୟୋଜନ କରାଯାଇଥିଲା। ଆର୍ଶା ଦଣ୍ଡକୁ ଗର୍ଭ ଗୃହରେ ରଖିବା ପରେ ପୂଜକ ଆତଳୀ ଆରମ୍ଭ କରିଥିଲେ। ଆଜି ରଥଯାତ୍ରା ସମୟରେ ମାଜିଷ୍ଟ୍ରେଟ ଭାବରେ ଦଶରଥପୁର ଅତିରିକ୍ତ ତହସିଲଦାର ରଶ୍ମୀରଞ୍ଜନ ମଲ୍ଲିକ ଓ ସକାଳ ସମୟରେ ଦଶରଥପୁର ଅତିରିକ୍ତ ତହସିଲଦାର ବାବୁରମା ମୁର୍ମୁ ଉପସ୍ଥିତ ଥିବା ବେଳେ ଟାଉନ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପୁଲିସ କାର୍ଯ୍ୟ ପରିଚାଳନା କରାଯାଇଥିଲା। ରାତି ୮.୩୦ ମିନିଟ୍‌ରେ ବଡ଼ ଶୃଙ୍ଗାର ବେଶ ପରେ ରାତ୍ରି ପୂଜା ଆୟୋଜନ କରାଯାଇ ୧୧ଟା ୩୦ ମିନିଟରେ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଅଛି। ଯଜ୍ଞ କାର୍ଯ୍ୟକୁ ବିରାମ କରାଯାଇ ନିତି, ଆଳତି କରାଯିବ। ଆସନ୍ତାକାଲି ମା' ବିରଜାଙ୍କର ମହାଷ୍ଟମୀ ଥିବାରୁ ଦିନରେ ହଜାର ହଜାର ଭକ୍ତମାନଙ୍କ ସମାବେଶ ରହିବ। କାଲି ସନ୍ଧ୍ୟା ୮.୧୫ ମିନିଟ୍ ପରେ ମହାସ୍ନାନ କରାଯାଇ ମହାଷ୍ଟମୀ ବିହିତ ବିଶେଷ ପୂଜା କରାଯାଇ ଯଜ୍ଞର ପୂର୍ଣ୍ଣାହୁତି କରାଯିବ। ଆସନ୍ତା କାଲି ଷୋଡ଼ଶୋପଚାର ପୂଜାର ଶେଷ ଦିନରେ ପୁଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# ଏନ୍‌କାଉଣ୍ଟର୍‌ରେ ୩ ମାଓବାଦୀ ନିହତ



ମାଲକାନଗିରି, ୨୮।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ଛିନ୍ଦଖରକ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଯବାନଙ୍କ ଗୁଳିରେ ତିନି ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ, ସୀତାନଦୀ ଏରିଆ କମିଟି କମାଣ୍ଡର ସର୍ବାନ ମାଡକମ୍ ଓରଫ ବିଶ୍ୱନାଥ, ଡେପୁଟି କମାଣ୍ଡର୍ ରାଜେଶ ଏବଂ ମାଓବାଦୀ ବାସନ୍ତୀ। ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି କାଙ୍କେର ପୁଲିସ ଅଧୀକ୍ଷକ ଆଇ. କଲ୍ୟାଣ ଏଲିସେଲା କହିଛନ୍ତି। ସୂଚନାନୁଯାୟୀ, କାଙ୍କେର୍ ଜିଲ୍ଲାର ତିରିଆରପାଣି ପାହାଡ଼ରେ ନକ୍ସଲବାଦୀ ଗତିବିଧି ବିଷୟରେ ପୁଲିସ ସୂଚନା ପାଇଥିଲା। କାଙ୍କେରରୁ ଏକ ମିଳିତ ଡିଆରଜି ଏବଂ ବିଏସଏଫ୍ ଦଳ ସେହି ଅଞ୍ଚଳକୁ ଘେରାବନ୍ଦୀ କରିବା ଆରମ୍ଭ କରିଥିଲା। ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହେବା ପରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ଯବାନଙ୍କୁ ସାମ୍ନା କରି ନପାରି ଅଞ୍ଚଳରୁ ଲୁଚି ପଳାଇଥିଲେ। ଯବାନମାନେ ଅଞ୍ଚଳରୁ ୩ ଜଣ ମାଓବାଦୀଙ୍କ ଶବ ଜବତ କରି ତଲାସି ଅଭିଯାନକୁ ଜାରି ରଖିଛନ୍ତି।

# ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍

ପୁରୀ,୨୮।୯(ସମିସ): ବାରମ୍ବାର ଶ୍ରୀମନ୍ଦିର ଉପରେ ଉଡୁଛି ଡ୍ରୋନ୍। ଚଳିତ ମାସରେ ୩ଥର ଡ୍ରୋନ୍ ଉଡ଼ିଥିବାବେଳେ ଥରେ କମ୍ ଉଚ୍ଚତାରେ ଉଡ଼ିଛି ବିମାନ। ଏହା ଉପରେ କିପରି ଅଙ୍କୁଶ ଲାଗିପାରିବ ସେ ନେଇ ବାରମ୍ବାର ତାଗିଦ୍ କରାଯାଉଛି। ଘଟଣା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛିଦିନ ପରେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟିଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ଉଡ଼ାଣ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଏଯାଏଁ ଏହି ବ୍ୟବସ୍ଥା ଲାଗିଲା ନାହିଁ। ଅପରପକ୍ଷେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?



**ବଡ଼ଦେଉଳର ସୁରକ୍ଷାକୁ ଅଣଦେଖା**

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଥିବାବେଳେ ଏବେ ଚିନ୍ତା ବଢ଼ାଇଦେଲାଣି ଡ୍ରୋନ୍ ଉଡ଼ାଣ। ଚଳିତ ମାସରେ ୩ ଥର ଡ୍ରୋନ୍ ଉଡ଼ିଲାଣି। ରବିବାର ସନ୍ଧ୍ୟା ସମୟରେ ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଥିଲା। ପ୍ରାୟ ୧୫ ମିନିଟ୍ ଧରି ଶ୍ରୀମନ୍ଦିର ନିକଟରେ ଡ୍ରୋନ୍‌ଟି ପଇଁତରା ମାରିଥିଲା। ସିଂହଦ୍ୱାର, ଆନନ୍ଦବଜାର, ସ୍ନାନମଣ୍ଡପ ଉପରେ ଚକ୍କର କାଟିଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନୀଳଚକ୍ରରେ ବାନା ପରିବର୍ତ୍ତନ ସମୟରେ ଉଡ଼ିଲା ଡ୍ରୋନ୍। ତେବେ ବାନା ବନ୍ଧା ସମୟରେ ଡ୍ରୋନ୍ ଉଡ଼ିବାରୁ ଚୁନରା ସେବକଙ୍କ ଉପରେ ସାଧାରଣରେ ସନ୍ଦେହ କରାଯାଉଛି। ନୋ ଫ୍ଲାଇଂ ଜୋନ୍‌ରେ କିଭଳି ବାରମ୍ବାର ଡ୍ରୋନ୍ ଉଡୁଛି ତାକୁ ନେଇ ଉଠିଛି ପ୍ରଶ୍ନ। ଏହାକୁ କିଏ ଏବଂ କେଉଁଠୁ ଅପରେଟ୍ କରୁଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ଖୋଳତାଡ଼ ଜାରି ରଖିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରୋନ୍ ଉଡ଼ାଣକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହେବା ସହ ଏହା ଉପରେ କିପରି ରୋକ୍ ଲାଗିବ ସେ ନେଇ ଯୋଜନା କରାଯାଉଛି। କେତେଜଣଙ୍କୁ ମଧ୍ୟ ପୁଲିସ ଠାବ କରି ଥାନାକୁ ଆଣି ପଚରାଉଚରା ପରେ ଛାଡ଼ିଛି। ଏହାସତ୍ତ୍ୱେ ଏଥିରେ ରୋକ୍ ଲାଗିପାରୁନାହିଁ। ତେବେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଯେପରି ଡ୍ରୋନ୍ ଉଡ଼ାଣ ନ ହେବ ସେଥିଲାଗି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାହା କରାଯାଇ ନାହିଁ। ଫଳରେ ବାରମ୍ବାର ମନ୍ଦିର ଉପରେ ଡ୍ରୋନ୍ ଉଡୁଛି।

ସୂଚନାଥାଉ କି, ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମନ୍ଦିରର ଚାରିଦ୍ୱାର ସମେତ ଚତୁଃପାଶ୍ୱର୍ରେ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ ରହୁଛନ୍ତି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ସୁରକ୍ଷା ବ୍ୟବସ୍ଥା ଆହୁରି ବଢ଼ିଯାଇଛି। ମାଳ ମାଳ ସୁରକ୍ଷା କର୍ମୀ ଏବଂ ମନ୍ଦିର ଭିତରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ବି ନିୟୋଜିତ କରାଯାଇଛି। ତଥାପି ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ଡବଲ ଇଞ୍ଜିନ ସରକାରକୁ ଭକ୍ତଙ୍କ ନିଶାଣ

# ଓଡ଼ିଶାର ଖଣି ଖାଦାନ ଲୁଟିବାରେ ମାତିଲାଣି ବିଜେପି

ଭୁବନେଶ୍ୱର, ୨୮।୯ (ସମିସ): ଓଡ଼ିଶାରେ ଏବେ ଖାଲି ଖଣି ଲିଜ୍ ଓ ମାଇନ୍ସ ଉଦ୍‌ଘାଟନ କରାଯାଉଛି। ଖାଲି ହରିଲୁଟ୍ ହେଉଛି। ବେକାରୀକୁ କାମ ନାହିଁ, ଚାଷୀକୁ ସାର ମିଳୁନି, ନାରୀକୁ ସମ୍ମାନ କି ସୁରକ୍ଷା ମିଳୁନି। ଅନୁଗୋଳରେ ୩୪ଟି କୋଇଲା ମାଇନ୍ସକୁ ଅପରେଟ୍ କରିବାକୁ ଦିଆଯାଉଛି। ସରକାର କୋଟି କୋଟି ଗଛ କାଟୁଛନ୍ତି। ମାତ୍ର ଗଛ ଲଗାଇବା ପ୍ରହସନ କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତ



ଚରଣ ଦାସ କହିଛନ୍ତି। ଓଡ଼ିଶା ଗସ୍ତରେ ଆସି ଝାରସୁଗୁଡ଼ାଠାରେ ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ କଂଗ୍ରେସ କ୍ଷମତାକୁ ଆସିଲେ ଲୁଟ୍ ହେବ। ଏହି ମନ୍ତବ୍ୟକୁ କଡ଼ା ସମାଲୋଚନା କରି ପିସିସି ସଭାପତି କହିଛନ୍ତି ଯେ କଂଗ୍ରେସର ଲୋକପ୍ରିୟତା ଦେଖି ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ନାରୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ବୃଦ୍ଧି ପାଇଛି। ଏପରିକି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓଡ଼ିଶାରେ ନାରୀ ସୁରକ୍ଷିତ ନୁହେଁ ବୋଲି କହିସାରିଛନ୍ତି। ଏହା କ'ଣ ରାଜ୍ୟ ଓ ଦେଶ ପ୍ରତି ଲଜ୍ଜା ନୁହେଁ କି? ପ୍ରଧାନମନ୍ତ୍ରୀଙ୍କ କଥାରେ ଯଦି ଟିକିଏ ବି ସତ୍ୟତା ଅଛି, ତେବେ ବିଜେପି ଓ କଂଗ୍ରେସର ବ୍ୟାଙ୍କ୍ ଆକାଉଣ୍ଟ ଚେକ୍ କରାଯାଉ। କଂଗ୍ରେସର ୪୦ ବର୍ଷ ଶାସନରେ କେତେ ଲୁଟ୍ ହୋଇଛି ଓ ବିଜେପିର ୧୧ ବର୍ଷ ଶାସନରେ କେତେ ଲୁଟ ହୋଇଛି, ତାହା ପ୍ରମାଣିତ ହୋଇଯିବ। କଂଗ୍ରେସ ସମୟରେ କେତେ ଖଣିଜ ସମ୍ପଦ ଉତ୍ତୋଳନ ହୋଇଥିଲା ବିଜେପି ସମୟରେ କେତେ ହୋଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ଉପରେ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗର କିଛି ପ୍ରଭାବ ପଡ଼ିବ ନାହିଁ। ଲୋକେ ସବୁ ଜାଣୁଛନ୍ତି ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି।

# ଦୁର୍ଘଟଣାରେ ପୁଲିସ ଇନ୍ସପେକ୍ଟର୍ ମୃତ

ଭଦ୍ରକ,୨୮।୯(ସମିସ): ଭଦ୍ରକ ପୁରୁଣାବଜାର ଥାନାର ଅତିରିକ୍ତ ଥାନାଧିକାରୀ ବବ୍ରୁବାହନ ନାଇକଙ୍କ ଶନିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ନିଜ ପୁଅ ସହ ସେ କଟକରୁ ଫେରୁଥିବା ବେଳେ ରାତ୍ରୀ ପ୍ରାୟ ୯ଟା ସମୟରେ ୧୬ନଂ ଜାତୀୟ ରାଜପଥ କୁଆଖିଆ ଓଭରବ୍ରିଜ ନିକଟରେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ନାୟକଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଚାନ୍ଦବାଲି ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟ କରୁଥିବା ନାୟକ ଗତ କିଛି ଦିନ ପୂର୍ବରୁ ପଦୋନ୍ନତି ପାଇ ଭଦ୍ରକ ପୁରୁଣାବଜାର ଥାନାରେ ଅତିରିକ୍ତ ଥାନାଧିକାରୀ ଭାବେ ଯୋଗ ଦେଇଥିଲେ।

# ଭିତରକନିକାରେ ବାର୍‌ହା ଶିକାର କଲା ବଉଳା



ରାଜନଗର, ୨୮।୯ (ସମିସ): ଭିତରକନିକା ଜାତୀୟ ଉଦ୍ୟାନରେ ଏକ ବଉଳା କୁମ୍ଭୀରର ବାର୍‌ହା ଶିକାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓଟି ରାଜନଗର ବ୍ଲକ୍ ଡାଙ୍ଗମାଳ ତାଳଚୁଆ ଜଙ୍ଗଲ ପାଖ ଡାଲଖାଇ ଛକ ନିକଟର। ସେଥିରେ ଦେଖିବାକୁ ମିଳୁଛି, ଜଙ୍ଗଲ ଭିତରେ ଜୁଆର ପାଣିରେ ପ୍ରାୟ ୨୦ ଫୁଟ୍ ଲମ୍ବର କୁମ୍ଭୀର ଏକ ବାର୍‌ହାକୁ ଖାଉଛି। ପାଖାପାଖି ୧ଘଣ୍ଟା ଧରି କୁମ୍ଭୀରଟି ବାର୍‌ହାକୁ ପାଟିରେ ଧରି ପହଁରିବା ସହ ଖାଉଛି। ଏହି ଦୃଶ୍ୟ ଦେଖିବାକୁ ସ୍ଥାନୀୟ ଅଞ୍ଚଳରେ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ଦେଖାଦେଇଛି।

ଭିତରକନିକାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ଫଳରେ ଖାଦ୍ୟାଭାବ ଯୋଗୁଁ ଜନବସତିରେ ଥିବା ନଦୀ ନାଳକୁ ଚାଲି ଆସୁଛନ୍ତି। କୁମ୍ଭୀର ଜୁଆର ପାଣିରେ ଜନବସତି ନିକଟକୁ ଚାଲିଆସିବା ଲୋକଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି କରିଛି। ଯେଉଁ ସ୍ଥାନରେ କୁମ୍ଭୀରଟି ବାର୍‌ହା ଶିକାର କରିଛି, ସେ ସ୍ଥାନରେ ତାରବାଡ଼ ଥିବାରୁ ଜନବସତି ମଧ୍ୟକୁ ଆସିପାରିନାହିଁ। ଅଧିକାଂଶ ସ୍ଥାନରେ ଜଙ୍ଗଲ ପାଖରେ ତାରବାଡ ନ ଥିବାରୁ ଖାଦ୍ୟ ସନ୍ଧାନରେ କୁମ୍ଭୀର ଜନବସତିକୁ ଚାଲିଆସୁଥିବା ଜଣାପଡ଼ିଛି।

## ଓଡ଼ିଶା ରିସର୍ଚ୍ଚ ସେଣ୍ଟର ଓ ଟିଆଇଏସ୍ଏସ୍ ମଧ୍ୟରେ ବୁଝାମଣା

# 'ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ସହ ଓଡ଼ିଶାର ଭବିଷ୍ୟତ ପାଇଁ ମାର୍ଗ ଦେଖାଇବ'

ଭୁବନେଶ୍ୱର,୨୮।୯(ସମିସ): ଭୁବନେଶ୍ୱରସ୍ଥିତ ଓଡ଼ିଶା ରିସର୍ଚ୍ଚ ସେଣ୍ଟର(ଓଆର୍‌ସି) ଏବଂ ମୁମ୍ବାଇସ୍ଥିତ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ(ଟିଆଇଏସ୍ଏସ୍) ମଧ୍ୟରେ ସାମାଜିକ ଗବେଷଣାକୁ ମିଳିତ ଭାବେ ପ୍ରୋତ୍ସାହିତ କରିବ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡ଼ିଶାର ଭବିଷ୍ୟତ ତଥା ଯୁବପିଢ଼ିର ଗବେଷଣାକୁ ଆଗକୁ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଶାର ସାମାଜିକ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ କରିବ। କୌଣସି ଜାତିର ଉଜ୍ଜ୍ୱଳ ଭବିଷ୍ୟତ ଦେଖିବା ପାଇଁ ତା'ର ଇତିହାସକୁ ମନେ ରଖିବାକୁ ହେବ। କଳିଙ୍ଗ ଯୁଦ୍ଧରେ ଓଡ଼ିଶାର ବିରତ୍ୱ ରହିଛି। ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର, ଲିଙ୍ଗରାଜ ମନ୍ଦିରର ପରି ନିର୍ମାଣ ଶୈଳୀ ଆମ ଓଡ଼ିଆ ଜାତିର ବୈଜ୍ଞାନିକ ଚିନ୍ତାଧାରା ଓ ସାମାଜିକ ବ୍ୟବସ୍ଥାର ପ୍ରତିଫଳିତ କରୁଛି। ଓଡ଼ିଆ ଭାଷା ସାହିତ୍ୟର ମଧ୍ୟ ସୁଦୀର୍ଘ ଇତିହାସ ରହିଛି। ଓଡ଼ିଶାର ସବୁ ସମ୍ଭାବନାକୁ




ଉପଯୋଗ କରିବାରେ ଏହି ବୁଝାମଣା ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସେହିପରି ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉତ୍କଳର ଅନନ୍ୟ ଐତିହକୁ ଉତ୍ତରପିଢ଼ି ପାଖରେ ପହଞ୍ଚାଇବା ସମସ୍ତଙ୍କ କର୍ତ୍ତ ହେବା ଉଚିତ୍ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ସୁମନ ଚକ୍ରବର୍ତ୍ତୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ଆଇସିଏସ୍ଏସ୍ଆରର ସମ୍ପାଦକ ପ୍ରଫେସର ଧନଞ୍ଜୟ ସିଂହ, ଟିଆଇଏସ୍ଏସ୍‌ର କୁଳପତି ପ୍ରଫେସର ବଦ୍ରି ନାରାୟଣ ତିୱାରୀ, ଓଡ଼ିଶା ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ପ୍ରଫେସର କିଶୋର ବାଶା ଏବଂ ପରିଚାଳନା ପରିଷଦର ଅନ୍ୟାନ୍ୟ ସଦସ୍ୟଗଣ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁର୍ଘଟଣା ନା...

ପାଇବାର ଆଶଙ୍କା ରହିଛି। ଏହି ଅଘଟଣକୁ ନେଇ ଏବେ ଦୋଷ ଲଦାଲଦି ଆରମ୍ଭ ହୋଇଯାଇଛି। ଆୟୋଜନକାରୀ ଏବଂ କ୍ଷମତାସୀନ ଡିଏମ୍‌କେ ପରସ୍ପର ବିରୋଧରେ ଦୋଷ ଲଦାଲଦି ହେଉଛନ୍ତି। ଏହାକୁ ନେଇ ବିଜୟଙ୍କ ଦଳ ତାମିଲଗା ଭେଟ୍ରି କଝଗମ (ଟିଭିକେ) ବଡ଼ ଅଭିଯୋଗ ଲଗାଇଛି। ଏହି ଦଳାଚକଟା ଦୁର୍ଘଟଣା ନୁହେଁ, ବରଂ ଷଡ଼ଯନ୍ତ୍ର ଥିଲା ବୋଲି କୁହାଯାଇଛି। ଏ ନେଇ ଦଳ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହି ମାମଲାର ତଦନ୍ତ ପାଇଁ ଦାବି କରାଯାଇଛି। ତେବେ ରାଲିରେ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରାଯାଇଥିଲା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେଣୁ ଏହା ଦୁର୍ଘଟଣା ଥିଲା ନା ଷଡ଼ଯନ୍ତ୍ର ତାହାକୁ ନେଇ ସଂଶୟ ସୃଷ୍ଟି ହୋଇଛି। ଟିଭିକେ ଓକିଲ ଅରିବଝଗନ କହିଥିଲେ ଯେ ଏହି ଦୁର୍ଘଟଣା ଏକ ଆପରାଧିକ ଷଡ଼ଯନ୍ତ୍ର ଥିଲା। ଏ ନେଇ ସ୍ଥାନୀୟ ଅଧିବାସୀଙ୍କଠାରୁ ସ୍ପଷ୍ଟ ପ୍ରମାଣ ମିଳିଛି। ଦଳ ପାଖରେ କିଛି ସିସିଟିଭି ଫୁଟେଜ ମଧ୍ୟ ରହିଛି। କ୍ଷମତାସୀନ ଦଳର କିଛି ନେତା ଏହି ଷଡ଼ଯନ୍ତ୍ର କରିଥିଲେ ବୋଲି ସ୍ପଷ୍ଟ ହେଉଛି। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏହି ଦଳାଚକଟାକୁ ନେଇ ତାମିଲନାଡୁ ସରକାରଙ୍କୁ ରିପୋର୍ଟ ମାଗିଛି।

ଏହା ମଧ୍ୟରେ ଅଭିନେତା ବିଜୟ ଦଳର ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲରେ ପୋଷ୍ଟ କରି ଦଳଚକଟାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହା ବର୍ଣ୍ଣନା କରିବାକୁ ପାଖରେ ଶବ୍ଦ ନାହିଁ ବୋଲି କହିଛନ୍ତି। ସେ ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ୨୦ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମଏନଆରଏଫ ପାଣ୍ଠିରୁ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଦେବାକୁ କହିଛନ୍ତି। ତାମିଲନାଡୁ ସରକାର ମଧ୍ୟ ମୃତକଙ୍କ ପରିବାର ପ୍ରତି ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିଲେ।

ଅନ୍ୟପଟେ ତାମିଲନାଡୁ ପୁଲିସ ପକ୍ଷରୁ କୁହାଯାଇଛି ଯେ ବିଜୟଙ୍କ ରାଲି ପାଇଁ ୧୦ ହଜାର ଲୋକଙ୍କୁ ଅନୁମତି ଦିଆଯାଇଥିଲା। କିନ୍ତୁ ଲକ୍ଷେ ୨୦ ହଜାର ସ୍କୋୟାର ଫୁଟ ଅଞ୍ଚଳରେ ୫୦ ହଜାରରୁ ଅଧିକ ଲୋକ ଜମା ହୋଇଥିଲେ। ଅଭିନେତା ମଧ୍ୟ ୬ ଘଣ୍ଟା ବିଳମ୍ବରେ ପହଞ୍ଚି ଥିଲେ। ତାଙ୍କୁ ଦେଖିବା ପାଇଁ ଲୋକେ ଭିଡ଼ ଜମାଇ ଥିଲେ। ଏହି ସମୟରେ ୯ ବର୍ଷୀୟ ଶିଶୁ ନିଖୋଜ ହୋଇ ଯାଇଥିବା ବିଜୟଙ୍କୁ କୁହାଯାଇଥିଲା। ସେ ଶିଶୁକୁ ଖୋଜିବା ପାଇଁ ନିବେଦନ କରିବାରୁ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ପୁଲିସ ଟିଭିକେ ନେତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିରେ ବିଜୟଙ୍କ ଘନିଷ୍ଠ ସହଯୋଗୀ ଏନ୍ ଆନନ୍ଦଙ୍କ ନାମ ରହିଛି।

ଏହା ମଧ୍ୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ରାତିରେ ଉଚ୍ଚସ୍ତରୀୟ ବୈଠକ କରି ବିଳମ୍ବିତ ରାତିରେ କରୁରରେ ପହଞ୍ଚି ଯାଇଥିଲେ। ସେ ଡାକ୍ତରଖାନାକୁ ଯାଇ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ଏବଂ ଆହତଙ୍କୁ ଭେଟିଥିଲେ। ମାମଲାର ତଦନ୍ତ ପାଇଁ ସରକାର ଜଷ୍ଟିସ ଅରୁଣା ଜଗଦୀଶନଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଛନ୍ତି। ତେବେ ଘଟଣା ପରେ ବିଜୟ ଆହତଙ୍କୁ ନ ଭେଟି ଚାର୍ଟାର୍ଡ ବିମାନରେ ଚେନ୍ନାଇ ପଳାଇ ଥିଲେ।

### ବିହାର ନିର୍ବାଚନ...

ଏହିକ୍ରମରେ ରବିବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଇଲେକ୍ଟୋରାଲ ରୋଲ ଅବଜରଭର ସଚିନ ରାମଚନ୍ଦ୍ର ଯାଦବ ନୂଆପଡା ଗସ୍ତ କରି ଜିଲ୍ଲାପାଳ , ଜିଲ୍ଲା ଆରକ୍ଷୀ ଅଧିକ୍ଷକ , ପ୍ରଶାସନର ବରିଷ୍ଠ ଅଧିକାରୀ, ଇଆର୍‌ଓ, ଏଇଆର୍ ଓ ଏବଂ ମାନ୍ୟତାପ୍ରାପ୍ତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମଣ୍ଡଳ ସହ ସବିଶେଷ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ ନୂଆପଡା ଉପ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚିଠା ଭୋଟର୍ ତାଲିକା ପ୍ରକାଶିତ ହୋଇସାରିଛି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ ଗୋଟି ଭୋଟ କେନ୍ଦ୍ର ଅଛି। ସେହିପରି ସର୍ବମୋଟ ଭୋଟର ସଂଖ୍ୟା ୨୪୮୩୮୨ ଥିବା ବେଳେ ଏଥିରୁ ପୁରୁଷ ଭୋଟର ସଂଖ୍ୟା ୧୨୨୧୪୮ ଓ ମହିଳା ଭୋଟର ସଂଖ୍ୟା ୧୨୬୧୩୨ ବୋଲି ଜଣାପଡ଼ିଛି।

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Suchitra Kumari Bhanja, W/o- Nakula Nahak, Resident of Flat No.: 313, 3Rd Floor, Stalwart Palace, Ratha Road, Goutam Nagar, Bhubaneswar, Khorda, Odisha, PIN-751002 declared by this Affidavit No.: 1090/2025, Dated: 27.09.2025. That now onwards I shall Be Known As **SUCHITRA NAHAK** for all future Purposes.

**NOTICE (For Minor)**

By virtue of an affidavit sworn before Executive Magistrate, Banpur, bearing no- 3571, dated-18/09/2025 I, Dhobani Sabar, Address W/o- Santosh Sabar, At- Kasipada, Po.- Niladriprasad, Ps.- Banpur, Dist.- Khordha, Odisha, Pin- 752035 declare that I have changed the name of my son from **Vhandan Sabar** to **Chandan Sabar**. Henceforth, he shall be known as **Chandan Sabar** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Banpur, bearing no.- 3571, dated 18/09/2025 I, Dhobani Sabar, W/o- Santosh Sabar, Address Village- Kasipada, Po.- Niladriprasad, Ps.- Banpur, Dist- Khordha, Odisha, Pin- 752035 declare that I have changed my name from **Sandeep Kumar Behera** to **Sandeep Behera**. Henceforth, I shall be known as **Sandeep Behera** for all purposes.

**NOTICE**

By virtue of an affidavit sworn before Executive Magistrate Baripada, dated 08/09/2025 I, Sumati Das, W/o Prashnna Kumar Dash At – Jamunadeipur Tankisahi, Ward No-01, Baripada, PO/P.S-Bhanjpur Dist – Mayurbhanj, Pin - 757002 declare that I have changed the name of my son from AKHAYA KUMAR BASUDEVAN to PRATYUSH DASH. Henceforth, he shall be known as PRATYUSH DASH for all purposes.

**Sumati Das**

**NOTICE**

By virtue of an affidavit sworn before Executive Magistrate, Baripada, dated 26/08/2025 I, Sk Rizuyan Roy, At- Belgadia, ward No.01, PO/P.S- Bhanjpur, Baripada, Dist – Mayurbhanj Pin- 757002 declare that I have changed my name from Sk Rizuwan Ray to Sk Rizuyan Roy. Henceforth, I shall be known as Sk Rizuyan Roy for all purposes.

**Sk Rizuyan Roy**

**ସୂଚନା**

ଓଡିଶା ଗ୍ରାମୀଣ ବ୍ୟାଙ୍କ, ପ୍ରତାପପୁର ଶାଖା କାର୍ଯ୍ୟାଳୟ, ସା/ପୋ: ପ୍ରତାପପୁର, ଜିଲ୍ଲା: ମୟୂରଭଞ୍ଜ, ପିନ୍:୭୫୭୧୦୩, ୧୦୦ ମିଟର ଦୂରତା ମଧ୍ୟରେ ନୂତନ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହେବାକୁ ଯାଉଅଛି ।

ଶାଖା ପରିଚାଳକ
ଓଡିଶା ଗ୍ରାମୀଣ ବ୍ୟାଙ୍କ, ପ୍ରତାପପୁର

**Notice (for Minor)**

By virtue of an affidavit sworn before Executive Magistrate, Nayagarh, dated 19.08.2025, I, Ajit Kumar Behera, Address At/Po- Lathipada, Ps- Itamati, Dist- Nayagarh, Odisha declare that I have changed the name of my son from Sahil Behera to Aditya Behera. Henceforth, he shall be known as **Aditya Behera** for all purposes.

**Ajit Kumar Behera**

ସକାଳ
THE SAKALA



# ପ୍ରାଥମିକ ବିଦ୍ୟାଳୟ ବାରଣ୍ଡା ପାଲଟିଛି ବାର୍

ଓଡ଼ଗାଁ,୨୮ ।୯ (ସମିସ)



ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଭାଡିକିଳା ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାଉଁଶଗାଡ଼ିଆର ଅତିରିକ୍ତ ଶ୍ରେଣୀଗୃହ ବାରଣ୍ଡା ଏବେ ଯେମିତି ବିଅର ବାର୍ ପାଲଟି ଯାଇଛି। ସ୍ଥାନୀୟ କେତେକ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ସ୍କୁଲ ଭଳି ପବିତ୍ର ଅନୁଷ୍ଠାନର ଅମର୍ଯ୍ୟଦା ଘଟି ଚାଲିଛି। ଓଡ଼ଗାଁ - ବାଉଁଶଗାଡ଼ିଆ ରାସ୍ତାର ରଗଡିମଡା ଗ୍ରାମ ବାଙ୍କ ପରବର୍ତ୍ତୀ ମୁଖ୍ୟ ରାସ୍ତା ବାମ କଡ଼ରେ ଅବସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାଉଁଶଗାଡ଼ିଆ ବାରଣ୍ଡାରେ ପ୍ରତ୍ୟେହ ସନ୍ଧ୍ୟା ଗଡ଼ିଗଲେ ମଦ୍ୟ ପାନ କରିବା ଏବେ ସାଧାରଣ ଘଟଣା ପାଲଟି ଯାଇଛି। ସ୍କୁଲରେ ଏହି ପଞ୍ଚାୟତ ଅଞ୍ଚଳର କୁନି କୁନି ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମଦ୍ୟପ ଅସାମାଜିକ ବ୍ୟକ୍ତିମାନଙ୍କ ଭୟରେ ପ୍ରଶାସନିକ ସ୍ତରରେ ଅଭିଯୋଗ ପାଇଁ କେହି ଆଗଭର ହେଉନାହାନ୍ତି। ତେବେ ବିଭିନ୍ନ କ୍ଷେତ୍ରରେ ଏନେଇ ଅସନ୍ତୋଷ ବ୍ୟକ୍ତ କରୁଥିବା ଜଣାପଡିଛି। ଏପରିକି ଉକ୍ତ ଅସାମାଜିକ ବ୍ୟକ୍ତିମାନଙ୍କ ଛୁଆ ଓ ସମ୍ପର୍କୀୟ ମାନେ ମଧ୍ୟ ଏଠାରେ ଅଧ୍ୟୟନ ବେଳେ ସେଥିପ୍ରତି ମଧ୍ୟ ସେମାନଙ୍କର ନିଘା ନଥାଏ। ମଦ୍ୟପାନ ପରେ ନିଶାଖୋର ବ୍ୟକ୍ତି ମାନେ ହିତାହିତ ଜ୍ଞାନ ଭୁଲି ବିଭିନ୍ନ ଅଶ୍ରାବ୍ୟ ଭାଷାରେ ପାଟି କରି ଗାଳିଗୁଲଜ ହେଉଥିବା ସହ ମଦ୍ୟପାନ ପରେ କାଚ ବଟଲ, ଚାଖଣା ଜରି ସହିତ ବଟଲ ଭାଙ୍ଗି ସେଠାରେ ଛାଡ଼ି ଆସିଥାନ୍ତି। ଏପରି ସ୍ଥଳେ ସକାଳେ ସ୍କୁଲ ଖୋଲିଲେ କୋମଳମତି ଛାତ୍ରଛାତ୍ରୀ ସ୍କୁଲରେ ପହଞ୍ଚୁଥିବା ବେଳେ ଅକସ୍ମାତ୍ ସେମାନଙ୍କ ପାଦରେ କାଚର ଆଘାତ ଲାଗିବାର ସମ୍ଭାବନା ରହିଛି। ତେବେ ପ୍ରଥମତଃ ସ୍କୁଲ ସରିବା ପରେ ଶିକ୍ଷକ କର୍ମଚାରୀ ଫାଟକରେ ତାଲା ଲଗାଇବା ସହିତ ନିକଟସ୍ଥ ଶରଦ୍ଧାପୁର ପୁର ଗ୍ରାମବାସୀଙ୍କ ପରି ମିଳିତ ଭାବେ ଅଭିଯୋଗ କରିବାର ଆବଶ୍ୟକତା ରହିଛି। ଅନ୍ୟଥା ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳ ଯୁବକମାନଙ୍କ ଉପରେ ଏହାର ପ୍ରଭାବକୁ ଏଡାଇ ଦିଆଯାଇନପାରେ।

## ବଦଳିକୁ ନେଇ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ

ଓଡ଼ଗାଁ: ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଜିଲ୍ଲାରେ ବଡ଼ ଧରଣର ଶିକ୍ଷକ ବଦଳି ପ୍ରକ୍ରିୟା ଚାଲିଥିବା ବେଳେ ଏକ ଲମ୍ବା ତାଲିକା ପ୍ରକାଶ ପାଇଛି। ସେଥିରେ ଓଡ଼ଗାଁ ବ୍ଲକରୁ ପ୍ରାୟ ୪୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ବଦଳି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବ୍ଲକ ବାହାରକୁ ବଦଳି କରାଯାଇଛି। ସେମାନଙ୍କ ପ୍ରତି ବଦଳରେ ଜଣେ ବି ଶିକ୍ଷକ ଓଡ଼ଗାଁ ବ୍ଲକକୁ ଆସିନାହାନ୍ତି। ଓଡ଼ଗାଁ ବ୍ଲକର ବିଦ୍ୟାଳୟରେ ବିଷୟ ଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବ ରହିଥିବା ବେଳେ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକଙ୍କୁ ନେଇ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ ରୁ ୯ ଜଣ ଶିକ୍ଷକ ପରିବର୍ତ୍ତେ ଦୁଇରୁ ତିନି ଜଣ ଶିକ୍ଷକଙ୍କୁ ନେଇ ପାଠପଢ଼ା ଚାଲିଥିଲା। ଏବେ ୧୦ ଜଣ ଶିକ୍ଷକଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯିବା ପରେ ଛାତ୍ରଛାତ୍ରୀ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ଦିଆଯାଇଛି। କିଛି ଶିକ୍ଷୟିତ୍ରୀଙ୍କୁ ପ୍ରାୟ ୨୦ ରୁ ୨୫ କିଲୋମିଟର ଦୂର ଉପାନ୍ତ ଅଞ୍ଚଳକୁ ବଦଳି କରାଯାଇଥିବା ଜଣାପଡିଛି। ଯାହାକୁ ନେଇ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏଭଳି କାରଣରୁ ପ୍ରାଥମିକ ଶିକ୍ଷା ଏକପ୍ରକାର ଭୁଶୁଡି ପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଯଥାଶୀଘ୍ର ଏଥିରେ ପରିବର୍ତ୍ତନ କରା ନଗଲେ ଶିକ୍ଷକମାନେ ଆନ୍ଦୋଳନାତ୍ମକ ପନ୍ଥା ଅପଣାଇବେ ବୋଲି ଶୁଣାଯାଉଛି।

# ପାଣ୍ଡୁସାହୁ ପାଟଣାରେ ବିଶ୍ୱଶାନ୍ତି ମହାଯଜ୍ଞ

କଣ୍ଟିଲୋ,୨୮।୯ (ସମିସ): କଣ୍ଟିଲୋ ପାଣ୍ଡୁସାହୁ ପାଟଣାରେ ବିଶ୍ୱଶାନ୍ତି ମହାଯଜ୍ଞ ୫୨ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏଥିପାଇଁ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ପ୍ରତି ବର୍ଷ ଦଶହରା ଅବସରରେ ପାଳନ ହେଉଥିବା ଏହି ଯଜ୍ଞ ଉତ୍ସବ ଗଣପର୍ବ ରୂପେ ପରିଗଣିତ ହେବା ସହ ବର୍ଣ୍ଣାଢ୍ୟ ଢଙ୍ଗରେ ପାଳିତ ହୋଇଥାଏ। ଗ୍ରାମ ବାହାରେ ରହୁଥିବା ବନ୍ଧୁ, ପରିଜନ, ଏହି ସମୟରେ ଏକାଠି ହୋଇଥାନ୍ତି। ଆଜି ପୂର୍ବାହ୍ନରେ ଗ୍ରାମର ମହିଳା ପୁରୁଷ ମହାନଦୀ ଘାଟରେ ଏକତ୍ର ହୋଇ କଳସ ଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞସ୍ଥଳୀରେ ପହଞ୍ଚିବା ପରେ ଅଧିବାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତାକାଲି ଠାରୁ ୪ଦିନ ବ୍ୟାପି ୫୨ କୁଣ୍ଡିୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଅନୁଷ୍ଠିତ ହେବ। ଏହାର ପୂର୍ଣ୍ଣାହୁତି ଆସନ୍ତା ୧ତାରିଖରେ ଅନୁଷ୍ଠିତ ହେବ। ଏଥିସହ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ କଥାମୃତ ଅନୁଷ୍ଠିତ ହେବ। ୨ରେ ଅଷ୍ଟପ୍ରହରୀ ନାମଯଜ୍ଞ ଓ ସନ୍ଧ୍ୟାରେ ରାବଣ ପୋଡି, ୩ରେ ବାଲ୍ୟଲୀଳା ଓ ମେଲୋଡି, ୫ତାରିଖରେ ଗ୍ରାମ କଳାକାରଙ୍କୁ ନେଇ ସାମାଜିକ ନାଟକ "ହା କୃଷ୍ଣ ବୋଲି ଯାଉ ଜୀବ' ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି।



# ନନ୍ଦିଘୋର ୧୨ ନଂ ୱାର୍ଡ ରାସ୍ତା ପାଲଟିଛି ଶୋଚନୀୟ



ଶରଣକୁଳ,୨୮।୯ (ସମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଗ୍ରାମ ପଞ୍ଚାୟତର ୧୨ ନମ୍ବର ୱାର୍ଡରେ (ପାଇକ ସାହି) ଜଗନ୍ନାଥ ମନ୍ଦିରର ପୂର୍ବ ପାଶ୍ୱର୍ ପାଚେରିକୁ ଲାଗିଥିବା ସାହିର ରାସ୍ତା ଏବେ ବେହାଲ ହୋଇପଡ଼ିଛି। ନନ୍ଦିଘୋର ଗ୍ରାମ ପଞ୍ଚାୟତର ୧୨ ନମ୍ବର ୱାର୍ଡରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥାର ନଗ୍ନ ଚିତ୍ର ଦେଖିବାକୁ ମିଳୁଛି। ରାସ୍ତାଟି ଅଳ୍ପ ବର୍ଷା ହେଲେ ଏକ ଚବକାର ଭ୍ରମ ସୃଷ୍ଟି କରୁଥିବା ବେଳେ ଯାତାୟତରେ ସାହି ବାସିନ୍ଦାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାସ୍ତାଟିରେ ଯେଉଁ ଭଳି ଭାବରେ ପାଣି ଜମି ରହିଛି ଛୋଟ ଛୋଟ ପିଲାମାନେ ସେଠାରେ ପଡି ଯାଉଥିବା ଦେଖିବାକୁ ମିଳିଛି। ପାଣି ରହିଥିବା ରାସ୍ତାଟି ଖାଲ ହୋଇ ଥିବାରୁ ଟିକିଏ ବି ବର୍ଷା ହେଲେ ରାସ୍ତାଟି ରେ ପାଣି ଜମି ରହୁଛି। ରାସ୍ତାର କୌଣସି ପାର୍ଶ୍ୱକୁ ପାଣି ନିଷ୍କାସନ ହୋଇ ପାରୁନଥିବାରୁ ଏପରି ପାଣି ଜମି ରହୁଛି। ଯାହାକି ଯିବା ଆସିବାରେ ଜନସାଧାରଣଙ୍କ ପାଇଁ ବହୁ ଅନ୍ତରାୟ ସୃଷ୍ଟି କରୁଛି। ବିଶେଷ କରି ଛୋଟ ଛୋଟ ଅଙ୍ଗନବାଡ଼ି ଶିଶୁ ଓ ସ୍କୁଲ ପିଲାମାନେ ଯିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥି ସହିତ ଦୁର୍ଘଟଣା ଘଟିବାର ସମ୍ଭାବନା ଦେଖାଯାଇଛି। ଏ ବିଷୟରେ ସାହି ବାସିନ୍ଦା ସ୍ଥାନୀୟ ସରପଞ୍ଚ ଏବଂ ଓଡ଼ଗାଁ ବ୍ଲକରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେବଳ ଆଶ୍ୱାସନା ମିଳିବା ଛଡ଼ା କାର୍ଯ୍ୟପନ୍ଥା ଶୂନ୍ୟ ବୋଲି ସାହିର ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ ଅଭିଯୋଗ। କେବଳ ଏତିକି ନୁହେଁ ଗ୍ରାମର ଗ୍ରାମ ଦେବତୀ ମା'ବାଉତୀ ଦେବୀଙ୍କ ସମ୍ମୁଖସ୍ଥ ଡ୍ରେନ ପୋତି ହୋଇଗଲାଣି। ଫଳରେ ଆବର୍ଜନା ପାଣି ରାସ୍ତା ଉପରକୁ ମାଡ଼ି ଆସୁଅଛି। ତାହାରି ଭିତରେ ଲୋକମାନେ ଯିବା ଆସିବାପାଇଁ ବାଧ୍ୟ ହେଉଛନ୍ତି। ଏହି ଡ୍ରେନଟିକୁ ପୁନଃରୁଦ୍ଧାର କରାଯାଇ ନୂତନ ଭାବରେ ନିର୍ମାଣ କରିବା ପାଇଁ ବିଗତ ଦୁଇ ବର୍ଷ ପୂର୍ବେ କେତେକ ଗ୍ରାମବାସୀ ଯାଇ ମା'ଙ୍କ ଗହ୍ମାପୂର୍ଣ୍ଣମୀ ଯାତ୍ରା ପୂର୍ବରୁ ନିର୍ମାଣ କରିବା ପାଇଁ ଲିଖିତ ଭାବରେ ୨୦୨୩ ମସିହା ଅଗଷ୍ଟ ୧୫ ତାରିଖ ଦିନ ବିଡ଼ିଓ, ବ୍ଲକ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ମାନ୍ୟବର ବିଧାୟକଙ୍କୁ ଜଣାଇଥିଲେ। ଯଥା ଶୀଘ୍ର କରିଦେବା ପାଇଁ ମଧ୍ୟ ପ୍ରତିଶୃତି ଦେଇଥିଲେ। ହେଲେ କାର୍ଯ୍ୟ ଘର ଶୂନ୍ୟ। ପଞ୍ଚାୟତ ତଥା ବ୍ଲକ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିବା ଫଳରେ ପ୍ରତି ବର୍ଷ ବର୍ଷା ସମୟରେ ଓ ବର୍ଷା ପରେ ମଧ୍ୟ ଡ୍ରେନେଜ୍ ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳୁଛି। ତେଣୁ ଯଥାଶୀଘ୍ର ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ସପ୍ତମୀ ପୂଜା

ଗଣିଆ,୨୮।୯ (ସମିସ): ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ସପ୍ତମୀ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ବ୍ଲକର ୮ଟି ପଞ୍ଚାୟତର ପୂର ପଲ୍ଲୀରେ ପୂଜା ମଣ୍ଡପ ଗୁଡିକ ଆକର୍ଷଣୀୟ ତୋରଣ ଓ ସୁନ୍ଦର ସାଜସଜ୍ଜା ବେଶ୍ ମନୋଲୋଭା ହୋଇଛି। ଆଜିଠାରୁ ସପ୍ତମୀ ପୂଜା ଅବସରରେ ଗଣିଆ ବଜାର କମିଟି ତରଫରୁ ସ୍ଥାନୀୟ ଜଳାଶୟରୁ କଳସ ଶୋଭାଯାତ୍ରା କରାଯାଇ ଘଟସ୍ଥାପନ କରାଯାଇଥିଲା। ପରେ ପରେ ଘଣ୍ଟ ଘଣ୍ଟା, ଖୋଲ କୀର୍ତ୍ତନ କରି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଗଣିଆ ବଜାରରେ ୧ ତାରିଖ ଏବଂ ୨ ତାରିଖ ଦୁଇ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ୟ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଛି। ସଭାପତି ଦାଶରଥି ସାହୁ ଏବଂ ସମ୍ପାଦକ ପ୍ରଭାତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ପାଳିତ ହୋଇଯାଇଛି। ଅକ୍ଟୋବର ୫ ତାରିଖ ରବିବାର ଦିନ ଭସାଣି ହେବ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି।

# ବିଶ୍ୱ ଜଳାତଙ୍କ ଦିବସ ସଚେତନତା ଶିବିର



ଭାପୁର,୨୮।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଜଳାତଙ୍କ ଦିବସ ଉପଲକ୍ଷେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଭାପୁର ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବିଭୁପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଜ୍ୟୋତିର୍ମୟୀ ପାତ୍ର, ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା, ଏଲ୍ଆଇ ସହଦେବ ବାରିକ, ଅବସରପ୍ରାପ୍ତ ଭେଟେନାରୀ ଟେକନିସିଆନ ବ୍ରଜମୋହନ ଜେନା ଭାଗ ନେଇଥିଲେ। ଏହି ସଚେତନତା ଶିବିରରେ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ଶିବିରରେ ପଶୁମାନଙ୍କଠାରୁ କିପରି ଜଳାତଙ୍କ ରୋଗ ମଣିଷ ଶରୀରକୁ ନ ବ୍ୟାପିବ ସେ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଯାଇଥିଲା।

# ମାଙ୍କଡ଼ା ବୋଝେଇ ମିନି ଟ୍ରକ୍ ଜବତ, ଚାଳକ ଗିରଫ

ଓଡ଼ଗାଁ,୨୮ ।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରୋହିବାଙ୍କ ଓ କୋମଣ୍ଡ ଅଞ୍ଚଳରେ ଥିବା ପଥର ଖଣିରେ ପ୍ରଶାସନିକ ଚଢ଼ଉ ହୋଇଛି। ଚୋରାରେ ବିଳମ୍ବିତ ରାତିରେ ପଥର ଚାଲାଣ ହେଉଥିବା ବେଳେ ଓଡ଼ଗାଁ ପୁଲିସ ରବିବାର ସକାଳୁ ପାଟ୍ରୋଲିଂ କରୁଥିବା ସମୟରେ ଏକ ବେଆଇନ ମାଙ୍କଡ଼ା ପଥର ବୋଝେଇ ମିନି ଟ୍ରକ୍‌କୁ ଜବତ କରିଥବଲେ। ଏ ନେଇ ୩୦୪/୨୫ରେ ଏକ ମାମଲା ରୁଜୁ କରି ଚାଳକକୁ ଗିରଫ କରିଛନ୍ତି। ଚାଳକ ଜଣକ ସ୍ଥାନୀୟ କୋମଣ୍ଡ ଗାଁର ତ୍ରିଲୋଚନ ସାହୁ(୨୮)। ପ୍ରକାଶ ଥାଉକି କୋମଣ୍ଡ ଅଞ୍ଚଳରେ କୌଣସି ମାଙ୍କଡ଼ା ଖଣି ନିଲାମ ହୋଇନଥିବା ବେଳେ ପଥର କଟାଯାଇ ଚାଲାଣ ହେବା ଅଭିଯୋଗ ହୋଇଆସୁଛି।

## ବିଲ୍ ନ ମିଳିବାରୁ ହୋଇପାରୁନି ପ୍ରାଣୀ ଚିକିତ୍ସାଳୟ ନୂତନ ଗୃହ ନିର୍ମାଣ

# ପୁରୁଣା ଛାତରୁ ଗଳୁଛି ପାଣି; ଖସୁଛି ସିମେଣ୍ଟ ଛେଲା




ଗଣିଆ,୨୮।୯ (ସମିସ): ଛାତରୁ ଗଳୁଛି ପାଣି, ଖସୁଛି ସିମେଣ୍ଟ ଛେଲା। ତଥାପି ସେହି ଅସୁରକ୍ଷିତ ଘରେ ଚାଲିଛି ପ୍ରାଣୀ ଚିକିତ୍ସାଳୟ। ଚିକିତ୍ସାଧିକାରୀ ବସୁଥିବା ଛାତରୁ ଖସୁଛି ସିମେଣ୍ଟ ଛେଲା। ଅତ୍ୟନ୍ତ ଅସୁରକ୍ଷିତ ଘରେ ଦୟନୀୟ ଅବସ୍ଥାରେ ଏହି କାର୍ଯ୍ୟାଳୟ ଚାଲୁଥିବା ବେଳେ କେହି ବି ଏହାର ସାମାନ୍ୟ ମରାମତି ବି କରୁ ନାହାନ୍ତି। ବିଭାଗୀୟ ଅଧିକାରୀ ବାରମ୍ବାର ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ ଅବସ୍ଥା ଯଥା ପୂର୍ବଂ ତଥା ପରଂଅବସ୍ଥାରେ ରହିଛି। ଏପରିକି ବିଭାଗ ପରିସରରେ ୭୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଏକ ନୂତନ ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ୩ ବର୍ଷରୁ ଅଧିକ ସମୟ ହେବ ଅଧପନ୍ତରିଆ ହୋଇ ପଡ଼ିରହିଛି। ନୂତନ ଗୃହଟିର ଛାତ ପଡିଯାଇଥିଲେ ମଧ୍ୟ କାନ୍ଥ ଗୁଡିକ ଅଧାଗଢା ଅବସ୍ଥାରେ ରହିଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ତଥା ବିଭାଗୀୟ ଅଧିକାରୀଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ଠିକାଦାରଙ୍କ ବିଲ୍ ହୋଇନଥିବାରୁ ଗୃହ ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିରହିଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଠିକାଦାରଙ୍କ ବିଲ୍ ନହେବା ପାଇଁ କିଏ ଦାୟୀ। ୭୦ ଲକ୍ଷରୁ ଅଧିକ ଟଙ୍କାର ଏହି ଗୃହ ଏବେ କୌଣସି କାର୍ଯ୍ୟରେ ଲାଗି ପାରୁନାହିଁ। ନୂତନ ଗୃହ କାର୍ଯ୍ୟ ସଂପୂର୍ଣ୍ଣ ନହେଲେ ବି ପୁରାତନ ଗୃହଟି ଯଦି ମରାମତି ହୋଇ ଯାଆନ୍ତା ତେବେ ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀ ବିପଦରୁ ବଞ୍ଚି ପାରନ୍ତେ। ଆଶା ଆଶଙ୍କା ତଥା ଭୟଭୀତ ଅବସ୍ଥାରେ ଏହି କାର୍ଯ୍ୟାଳୟରେ ଅଧିକାରୀମାନେ କାର୍ଯ୍ୟ କରୁଛନ୍ତି। କେତେବେଳେ ଯେ କିଛି ବି ଅଘଟଣ ଘଟିବ କହିହେବ ନାହିଁ। ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ତଥା ରାଜ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବନମାଳିପୁର ବାର୍ଷିକ ଚ୍ୟାଲେଞ୍ଜ କପ୍ ଉଦ୍‌ଘାଟିତ

# ସେମିରେ ରଘୁନାଥ ଦେବ କ୍ରିକେଟ କ୍ଲବ୍



ଖଣ୍ଡପଡ଼ା,୨୮।୯ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୩୭ତମ ବାର୍ଷିକ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆଜି ଉଦଘାଟନୀ ମୁକାବିଲାରେ ପଙ୍ଗାରସିଂହ ରଘୁନାଥ ଦେବ କ୍ରିକେଟ କ୍ଲବ ଏବଂ କଟକ ବିଏନ୍‌ସିସି ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ରଘୁନାଥ ଦେବ କ୍ରିକେଟ କ୍ଲବ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ କରିଥିଲା। ଜବାବରେ କଟକ ବିଏନସିସି କ୍ରିକେଟ କ୍ଲବ ୧୧.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୬୩ ରନରେ ସୀମିତ ରହିଥିଲା। ବିଜୟୀ ଦଳର ନିରଞ୍ଜନ ବେହେରା ୨୬ ବଲରୁ ୩୩ ରନ ଏବଂ ବୋଲିଂରେ ୪ ଓଭରରେ ୨୧ ରନ ଦେଇ ୪ ୱିକେଟ ନେବା ସହିତ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚକୁ ଧୀରେନ ତ୍ରିପାଠୀ ଓ ଜିତେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ବେହେରା, ଭାରତୀୟ ରେଳ ବିଭାଗର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ରାଧାନାଥ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ଗଦାଧର ତ୍ରିପାଠୀ, ବରିଷ୍ଠ ସଂଗଠକ ନିରଞ୍ଜନ ସୁବୁଦ୍ଧି, ସମାଜସେବୀ ଝରିଆ ବେହେରା, ପ୍ରଦୀପ୍ତ ଦାଶ, ଉଦ୍ଧବ ପରିଡା ପ୍ରମୁଖ ଉପସ୍ଥିତ ରହି ପାରମ୍ପରିକ ଭାବେ ପୂଜାର୍ଚ୍ଚନା ସହ ଖେଳକୁ ଉଦଘାଟନ କରିଥିଲେ। ଆସନ୍ତାକାଲି ଦ୍ୱିତୀୟ ଲିଗ ମ୍ୟାଚରେ ରଣପୁର ଫ୍ରେଣ୍ଡସ କ୍ଲବ ଏବଂ ମାଣିଆବନ୍ଧ ଏମସିଜିସି କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ଧୀରେନ ତ୍ରିପାଠୀ ସୂଚନା ଦେଇଛନ୍ତି।

# ହାଇୱା ଧକ୍କାରେ ୭ ଗାଈ ମୃତ

ନୟାଗଡ଼/ଦଶପଲ୍ଲା,୨୮।୯ (ସମିସ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅନ୍ତର୍ଗତ ବାଣିଗିରି ଘାଟି ଗଡ଼ାଣି ନିକଟରେ ହାଇୱା ଦୁର୍ଘଟଣାରେ ୭ଟି ଗାଈଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ହାଇୱା ରାସ୍ତାପାଶ୍ୱର୍ ଜମିକୁ ଓଲଟି ପଡ଼ିଛି। ଆଜି ଦିନ



୧୧ ବେଳେ ଦୁର୍ଗା କମ୍ପାନୀର ଏହି ଡଷ୍ଟ ବୋଝେଇ ହାଇୱାଟି ବାଣିଗିରି ଘାଟି ଦେଇ ବାଣିଗୋଛା ଅଭିମୁଖେ ଯାଉଥିଲା। ରାସ୍ତାରେ ବୁଲୁଥିବା ଗାଈଙ୍କୁ ଧକ୍କା ଦୁର୍ଘଟଣା ଗସ୍ତ ହୋଇଥିବା ଜଣାପଡ଼ିଛି। ଦଶପଲ୍ଲା ଅଗ୍ନିଶମ ବାହିନୀ ଓ ବାଣିଗୋଛା ପୁଲିସ ଉଦ୍ଧାର କାର୍ଯ୍ୟ କରିଛନ୍ତି। ଗାଈ ଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରାଯାଇଛି। ଏନେଇ ବାଣିଗୋଛା ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି।

# ନାବାଳିକା ଅପହରଣକାରୀ ଯୁବକ ଗିରଫ

ଓଡ଼ଗାଁ,୨୮ ।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ତଥା ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତ ବେରୁହାଁବାରୀ ଗାଁର ମହେନ୍ଦ୍ର ସାହୁଙ୍କ ପୁଅ ଜିତୁ ସାହୁ (୨୩)ଙ୍କୁ ନାବାଳିକା ଅପହରଣ ଅଭିଯୋଗରେ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନାବାଳିକା ନିଖୋଜ ହୋଇଥିବା ନେଇ ଗତ ଅଗଷ୍ଟ ୨୬ ତାରିଖରେ ନାବାଳିକାର ଅଭିଭାବକ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ ୨୬୫/୨୫ରେ ଏକ ଅପହରଣ ମାମଲା ରୁଜୁକରି ଅଭିଯୁକ୍ତ ଯୁବକକୁ ଖୋଜିବା ଜାରି ରଖିଥିଲେ। ଅପହୃତା ନାବାଳିକା ଉଦ୍ଧାର ହେବା ପରେ କୌଣସି ପ୍ରକାର ଡାକ୍ତରୀ ପରୀକ୍ଷା ପାଇଁ ରାଜି ହୋଇନଥିଲେ। ସେ ଅପହୃତ ହୋଇନାହାନ୍ତି ବୋଲି ବୟାନ ରେକର୍ଡ ସମୟରେ କହିଥିଲେ। ପରେ ନାବାଳିକାକୁ ପୁଲିସ ତାର ଅଭିଭାବକଙ୍କୁ ହସ୍ତାନ୍ତର କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

## ନୟାଗଡ଼ ଜଙ୍ଗଲରେ ବାଉଁଶର ଅଭାବ ନାହିଁ

# କେବେ ପ୍ରତିଷ୍ଠା ହେବ କାଗଜ ଶିଳ୍ପ

ନୟାଗଡ଼,୨୮।୯ (ସମିସ)

ଘଞ୍ଚ ଜଙ୍ଗଲ ଓ ସବୁଜିମା ପରିବେଶ ପାଇଁ ପରିଚୟ ଲାଭ କରିଛି ନୟାଗଡ଼ ଜିଲ୍ଲା। ନୟାଗଡ଼ ଜିଲ୍ଲା ମଧ୍ୟରେ ୩ଟି ବନଖଣ୍ଡ କାର୍ଯ୍ୟ କରୁଛି। ରଣପୁର ବ୍ଲକର କିଛି ଅଞ୍ଚଳ ତଥା ରଣପୁର ବନାଞ୍ଚଳ ଖୋର୍ଦ୍ଧା ବନଖଣ୍ଡ ଅଧିନରେ ଆସୁଥିବା ବେଳେ ନୟାଗଡ଼ ବନଖଣ୍ଡ ଅଧିନରେ ନୟାଗଡ଼, ଓଡ଼ଗାଁ ପଞ୍ଚରିଡ଼ା, ମହୀପୁର, ଗଣିଆ, ଦଶପଲ୍ଲା ଓ ଖଣ୍ଡପଡ଼ା ବନାଞ୍ଚଳ କାର୍ଯ୍ୟ କରୁଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ନୟାଗଡ଼ ଜିଲ୍ଲାର ୩ଟି ବନାଞ୍ଚଳ ରହିଛି। ବାଣିଗୋଛା ପୂର୍ବ ବନାଞ୍ଚଳ, ବାଣିଗୋଛା ପଶ୍ଚିମ ବନାଞ୍ଚଳ ଏବଂ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ରହିଛି। ଏହି ବନାଞ୍ଚଳ ମଧ୍ୟରେ ଘଞ୍ଚ ଜଙ୍ଗଲ ଭରପୁର ଭାବେ ରହିଛି। ମୁଖ୍ୟତଃ ନୟାଗଡ଼ ଜିଲ୍ଲାର ଜଙ୍ଗଲ ଗୁଡ଼ିକରେ ଉନ୍ନତମାନର ବାଉଁଶ ଉତ୍ପାଦିତ ହେଉଛି। ବାଉଁଶ ପାଇଁ ରାଜ୍ୟର ଅନ୍ୟ ଜିଲ୍ଲା ଗୁଡ଼ିକ ନୟାଗଡ଼ ଉପରେ ନିର୍ଭର କରିଥାନ୍ତି। ଅନେକ ଜଙ୍ଗଲରେ ବାଉଁଶ ଆପେ ଆପେ ନଷ୍ଟ ହେଉଥିବା ଏବଂ ଜଙ୍ଗଲ ନିଆଁରେ ଧ୍ୱଂସ ପାଉଥିଲେ ମଧ୍ୟ ଏହାକୁ କଞ୍ଚାମାଲ ଭାବେ ବ୍ୟବହାର କରିବା ଉପରେ ଆଜି ପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଉନାହିଁ। କିଛି ବ୍ୟବସାୟୀ ବାଉଁଶ ସଂଗ୍ରହ କରି କେବଳ ବାଙ୍ଗାଲୋର ଧୂପକାଠି କମ୍ପାନୀକୁ ରପ୍ତାନୀ କରୁଛନ୍ତି। ତାହା ମାତ୍ର ଉପାଦିତ ବାଉଁଶର ୩ ପ୍ରତିଶତ ବୋଲି ଜଣାଯାଇଛି। ୯୦ ପ୍ରତିଶତ ବାଉଶଁ ଜଙ୍ଗଲ ମଧ୍ୟରେ ବଢ଼ି ଜଙ୍ଗଲ ମଧ୍ୟରେ ନଷ୍ଟ ହେଉଛି। ନୟାଗଡ଼ ଜିଲ୍ଲାରେ ବହୁ ବର୍ଷ ତଳୁ ଏକ କାଗଜ ଶିଳ୍ପ ପ୍ରତିଷ୍ଠା ପାଇଁ ଦାବି ହେଇ ଆସୁଛି। ସିପିଆଇଏମ ନେତା ବିଶ୍ୱନାଥ ମହାପାତ୍ର, ଶରତ ବେହେରା ବାରମ୍ବାର ଏନେଇ ଦାବି ଉପସ୍ଥାପନ କରିଛନ୍ତି। କାଗଜ ଶିଳ୍ପ ପ୍ରତିଷ୍ଠା ହୋଇପାରିଲେ କଞ୍ଚାମାଲର ସଦୁପଯୋଗ ହେବା ସହ ଅନେକ ଯୁବକଙ୍କୁ ନିୟୋଜନ ମିଳିପାରିବ ବୋଲି ଆଶା ରହିଛି। ରାଜ୍ୟରେ ଉନ୍ନତମାନର କାଗଜ ଶିଳ୍ପର ଅଭାବ କାରଣରୁ ଅନେକ ଖବରକାଗଜ ଶିଳ୍ପ କାଗଜ ପାଇଁ ବିଦେଶ ଉପରେ ନିର୍ଭରଶୀଳ। କାଗଜର ମୂଲ୍ୟ ବୃଦ୍ଧି ପାଇଁ ଏବେ ବିଭିନ୍ନ କମ୍ପାନୀ ସଙ୍କଟ ଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଅଞ୍ଚଳରେ ଏକ କାଗଜ ଶିଳ୍ପ ପ୍ରତିଷ୍ଠା କରାଯିବା ଆବଶ୍ୟକ ବୋଲି ବରିଷ୍ଠ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସର୍ଭେ କରାଯାଇ ଏହା ଉପରେ ଯୋଜନା ପ୍ରସ୍ତୁତ କରାଯିବା ଆବଶ୍ୟକ ବୋଲି ଦଶପଲ୍ଲାର ଅଖିଳ ନାୟକ କହିଛନ୍ତି। ଶିଳ୍ପ ବିହୀନ ନୟାଗଡ଼ ଜିଲ୍ଲାରେ ଖଣି, ଖାଦାନ ନଥିବା ବେଳେ ରବି ଋତୁରେ ମଧ୍ୟ ଜଳସେଚନ ସୁବିଧା ନାହିଁ। ଫଳରେ କେବଳ ଖରିଫ ଚାଷ କରି ବର୍ଷ ଯାକ ପାଇଁ ଖାଦ୍ୟ ସଂଗ୍ରହ ବାଧ୍ୟତା ମୂଳକ ହୋଇଛି। ଶିଳ୍ପ ବିହୀନ ନୟାଗଡ଼ ଜିଲ୍ଲାରେ କାଗଜ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ବୁଡ଼ିବାକୁ ବସିଛି ବାଉଁଶ କାରିଗରଙ୍କ କୁଳବେଉସା



ନୟାଗଡ଼: ସମାଜର ପରିବର୍ତ୍ତନ ସହତାଳ ଦେଇ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦିନକୁ ଦିନ ବାଉଁଶ ତିଆରି ଉପକରଣର ଚାହିଦା କମିବାରେ ଲାଗିଛି। ବଜାରରେ ବାଉଁଶ ଉପକରଣ ବଦଳରେ ଆଲୁମିନିୟମ, ଷ୍ଟିଲ, ପ୍ଲାଷ୍ଟିକ ଓ ପଲିଥିନ୍ ତିଆରି ଉପକରଣ ସ୍ଥାନ ନେଇଥିବା ଦେଖାଯାଉଛି। ଫଳରେ କେତେକ ସମ୍ପ୍ରଦାୟ କୌଳିକ ତଥା ପରମ୍ପରାଗତ ବୃତ୍ତିରୁ ଦୂରେଇ ଯାଇ ଅନ୍ୟ ବୃତିକୁ ଆପଣେଇ ନେଉଚନ୍ତି। ଆଉ କେତେକ ନିଜ ବୃତ୍ତି ପ୍ରତି ବିମୁଖ ହେଉଥିଲେହେଁ ପରମ୍ପରାଗତ ବୃତିକୁ ଛାଡି ନପାରି ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଗ୍ରାମ ନିକଟସ୍ଥ ଜଙ୍ଗଲ ଗୁଡ଼ିକରୁ ବାଉଁଶ ଅଭାବ ଯୋଗୁ ଏହି କାରିଗରମାନେ ନିଜ ବୃତ୍ତି ପ୍ରତି ବିମୁଖ ହେଉଥିବା ଅନ୍ୟ ଏକ କାରଣ ପାଲଟିଥିବା ଜଣାପଡିଛି। ବଜାରରେ ପଲିଥିନ, ପ୍ଲାଷ୍ଟିକ ଓ ଷ୍ଟିଲ ତିଆରି ସାମଗ୍ରୀର ବହୁଳ ପ୍ରଚଳନ ଯୋଗୁ ସେମାନଙ୍କର ବୃତ୍ତି କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଥିବା ଜଙ୍ଗଲ ଗୁଡ଼ିକରେ ପୂର୍ବ ଭଳି ପ୍ରଚୁର ପରିମାଣରେ ବାଉଁଶ ଗଛ ଆଉ ଦେଖିବାକୁ ମିଳୁନି। ବିଭିନ୍ନ ଗ୍ରାମବାସୀ ପାଳି କରି ଜଙ୍ଗଲ ଜଗୁଥିବାରୁ ଅଧିକାଂଶ ସମୟ ଅଞ୍ଚଳ ବାହାରୁ ସ୍ୱଳ୍ପ ପରିମାଣର ବାଉଁଶକୁ ଅଧିକ ଦାମ୍ ଦେଇ କିଣିଥାନ୍ତି। ସାମଗ୍ରୀ ତିଆରି କରି ସ୍ୱଳ୍ପ ରୋଜଗାରରେ ଆଜିକାଲିର ବ୍ୟୟବହୁଳ ସମାଜରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି କୁହନ୍ତି ବାଉଁଶ କାରିଗର ବାଣୀ ନାୟକ।



ଟାଙ୍ଗୀ: ମା' ଗୌରୀଙ୍କ କାଳରାତ୍ରୀ ବେଶ



ନିରାକାରପୁର: କାଳରାତ୍ରୀ ବେଶରେ ମା' ବନଦୁର୍ଗା

## ମା' ଭଗବତୀଙ୍କ ଶାରଦୀୟ ପାର୍ବଣର ବାହାର ପର୍ବ

# ସାତବଖରା ପର୍ବ ଗୃହରେ ଚାଲିଛି ସପ୍ତମାତୃକା ପୂଜା

ବାଣପୁର,୨୮।୯ (ସମିସ)

ରାଜ୍ୟର ଅନ୍ୟତମ ସୁପ୍ରସିଦ୍ଧ ଶକ୍ତିପୀଠ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀଙ୍କ ଶାରଦୀୟ ପାର୍ବଣ ଉତ୍ସବ ଅମାବାସ୍ୟା ତିଥିରୁ ସାତବଖରା ପର୍ବ ଗୃହରେ ବାହାର ପର୍ବ ସମାରୋହରେ ଚାଲିଛି। ପରମ୍ପରା ଅନୁଯାୟୀ ବର୍ଷର ବିଭିନ୍ନ ତିଥିରେ ଦେବୀ ଭଗବତୀ ବାଣପୁରର ଚତୁଃର୍ଦ୍ଦିଗରେ ବିରାଜମାନ କରି ପୂଜା ପାଉଥିବା ମା'ଙ୍କ ତଥାକଥିତ ଭଉଣୀ ତଥା ଚାରିଦିଗ ରକ୍ଷାକାରିଣୀ ମା' ବିରିଜାଇ, ମା' କାଳିଜାଇ, ମା' ନାରାୟଣୀ, ମା' ଶିଦ୍ଧେଶ୍ୱରୀ, ବଙ୍କାଡ଼ଗଡ଼ ଦେବୀ ମା' କନକଦୁର୍ଗା ଓ ପୀଠେଶ୍ୱରୀ ବୁଢ଼ୀ ଠାକୁରାଣୀଙ୍କୁ ଶାରଦୀୟ ପାର୍ବଣ ଲାଗି ନିମନ୍ତ୍ରଣ କରିଥିବାବେଳେ ଆଶ୍ୱିନ ଅମାବାସ୍ୟା ରାତ୍ରରେ ଏକତ୍ର ଭେଟ ହୋଇ ସାତବଖରା ପର୍ବ ଗୃହରେ ପ୍ରବେଶ କରିବାରେ ଶୁକ୍ଳ ପ୍ରତିପଦାଠାରୁ



ବାହାର ପର୍ବ ଆରମ୍ଭ ହୋଇଛି। ସାତବଖରା ପର୍ବ ଗୃହରେ ପ୍ରତ୍ୟହ ପ୍ରାତଃରୁ ଦ୍ୱାରଫିଟା ପରେ ସାତ ମାତାଙ୍କ ଅଙ୍ଗରାଗ ମାଜଣା, ମହାସ୍ନାନ, ମହାପ୍ରସାଦ ଅର୍ପଣ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଚଣ୍ଡୀପାଠ, ବଗଳା ପୂଜା, ବଲଭ ଆଳତି ବଢ଼ି ସର୍ବସାଧାରଣ ଦର୍ଶନ ପରେ ପର୍ବ ପୂଜକ ପଣ୍ଡିତ ବାମନଚରଣ ଦାଶଙ୍କ ଦ୍ୱାରା ପର୍ବପୂଜା, ହୋମ ଯଜ୍ଞ ଓ ଧୂପ ଆଦି ସ୍ୱତନ୍ତ୍ର ନୀତିକାନ୍ତିରେ ସପ୍ତମାତୃକା ପୂଜା ଚାଲିଛି। ଦୈନନ୍ଦିନ ମା'ଙ୍କ ନିକଟରେ ନିଶଙ୍ଖୁଡ଼ିରେ ଖଇ, କୋରା, କାକରା, ଫଳମୂଳ, ଧୂପ ହେଉଥିବାବେଳେ ଶଙ୍ଖୁଡ଼ି ଧୂପରେ ଖେଚୁଡ଼ି, ଡାଲି, ମାଛ ମହୁର, ଆମ୍ବିଳ, ଖିରି, ଏଣ୍ଡୁରି ପିଠା, ମାଛ ବଳିପୋଡ଼ା ଆଦି ନୈବେଦ୍ୟ ଭୋଗ ଲାଗି କରାଯାଉଛି। ଶାରଦୀୟ ପାର୍ବଣ ଲାଗି ବାଣପୁର ସହର ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳା ସହ ବିଶାଳ ରଙ୍ଗୀନ ତୋରଣରେ ସଜେଇ ହୋଇଥିବା ସହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ମନ୍ଦିର ପ୍ରଶାସନ, ଦେବୋତ୍ତର କାର୍ଯ୍ୟାଳୟ, ଏନ୍ଏସି ଓ ପୁଲିସ ପ୍ରଶାସନର ମିଳିତ ସହଯୋଗରେ ଉତ୍ସବର ସୁପରିଚାଳନା କରାଯାଉଛି।

## ଅଳଙ୍କାର ଦୋକାନରୁ ଲୁଟ୍ ଉଦ୍ୟମ ବିଫଳ

ଜଟଣୀ,୨୮।୯ (ସମିସ): ଜଟଣୀ ଥାନା ରାଜା ବଜାରରେ ଥିବା ଏକ ଗହଣା ଦୋକାନରୁ ଶନିବାର ବିଳମ୍ବିତ ରାତିରେ ସଟର କାଟି ଲୁଟ୍ ଯୋଜନା ବିଫଳ ହୋଇଛି। ବିଳମ୍ବିତ ରାତିରେ ଲୁଟେରାମାନେ ଦୋକାନ ସଟର କାଟି ଭିତରେ ପଶିଥିଲେ। କିନ୍ତୁ ଦୋକାନ ଭିତରେ ଅଳଙ୍କାର ସୁରକ୍ଷିତ ସ୍ଥାନରେ ଥିବାରୁ ଲୁଟେରା ବିଫଳ ହୋଇ ଫେରିଛନ୍ତି। ରବିବାର ସକାଳୁ ଦୋକାନୀ ଦୋକାନ ସଟର କଟାଯାଇଥିବା ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛି। ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଜଟଣୀ ରାଜା ବଜାର ଅଞ୍ଚଳରେ ବିଗତ ଦିନରେ ବହୁବାର ଅଳଙ୍କାର ଦୋକାନରୁ ଲୁଟ୍ ହୋଇଥିବା ଅଭିଯୋଗ ରହିଛି।

## ବ୍ୟବସାୟୀଙ୍କୁ ଅପହରଣ; ୫ ଗିରଫ, ଟଙ୍କା ଉଦ୍ଧାର

ବାଲୁଗାଁ,୨୮।୯ (ସମିସ): ବାଲୁଗାଁ ଥାନା ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟବସାୟୀଙ୍କ ପୁଅକୁ ଶନିବାର ବିଳମ୍ବିତ ରାତିରେ ସାହି ରାସ୍ତାରୁ କିଛି ଦୁର୍ବୃତ୍ତ ଏକ କାର୍ ଯୋଗେ ଅପହରଣ କରି ନେବା ସହ ଟଙ୍କା ଥିବା ତାଙ୍କ ସ୍କୁଟିକୁ ନେଇ ଫେରାର୍ ହୋଇଯାଇଥିଲେ। ରବିବାର ସକାଳେ ଖବର ପ୍ରଚାର ହେବାରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିବାବେଳେ ବାଲୁଗାଁ ଥାନାରେ ଏନେଇ ଅଭିଯୋଗ ହେବାରେ ପୁଲିସ ତଦନ୍ତ ଆରମ୍ଭ କରି ୫ ଅପହରଣକାରୀଙ୍କୁ ଗିରଫ କରି କାର୍ ଜବତ କରିବା ସହ ଟଙ୍କା ଉଦ୍ଧାର କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଅଭିଯୋଗ ମୁତାବକ, ବାଲୁଗାଁ ଥାନା ଅନ୍ତର୍ଗତ ପାଟଣାସାହିର ବିଶିଷ୍ଟ ବ୍ୟବସାୟୀ ବିଜୟ ସୁବୁଦ୍ଧି ବାଲୁଗାଁ ବଜାରର ଆଇଡିବିଆଇ ବ୍ୟାଙ୍କ ନିକଟରେ ଦୀର୍ଘ ବର୍ଷ ହେବ ନିଜର ବ୍ୟବସାୟ ପ୍ରତିଷ୍ଠାନ ଖୋଲି ବ୍ୟବସାୟ ଚଳାଇଥିବାବେଳେ ତାଙ୍କ ପୁଅ ସୁଶିଲ ସୁବୁଦ୍ଧି ବାପାଙ୍କ ସହ ମିଶି ବ୍ୟବସାୟ ବୁଝାଶୁଝା କରନ୍ତି। ସବୁଦିନ ପରି ଶନିବାର ସୁଶିଲ ନିଜର ବ୍ୟବସାୟ ଟଙ୍କା ଆଦାୟ କରି ଦୋକାନକୁ ଆସି ସମସ୍ତ କାମ ଶେଷ ହେବାରେ ବିଳମ୍ବ ହୋଇଯାଇଥିଲା। ବିଳମ୍ବିତ ରାତି ପ୍ରାୟ ୧୨ଟାରେ ସମସ୍ତ ଟଙ୍କାକୁ ନିଜର ଏକ ସ୍କୁଟି ଡିକିରେ ଧରି ଘରକୁ ଫେରୁଥିଲେ। ସେହି ସମୟରେ ୫ ଦୁର୍ବୃତ୍ତ ଏକ କାର୍‌ରେ ଆସି ପାଟଣାସାହି ଗଳି ରାସ୍ତାର ସ୍କୁଲ ନିକଟରେ ସୁଶିଲଙ୍କୁ ଅଟକାଇ ଜୋର୍‌ଜବରଦସ୍ତ ତାଙ୍କୁ କାର୍‌ରେ ଭର୍ତ୍ତି କରି ଦୁର୍ବୃତ୍ତମାନେ ସୁଶିଲଙ୍କୁ ଅପହରଣ କରି ନେଇଯାଇଥିବା ସହ ଟଙ୍କା ରଖିଥିବା ସ୍କୁଟିକୁ ମଧ୍ୟ ନେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସୁଶିଲ ଘରକୁ ଫେରିବା ବିଳମ୍ବ ହେବାରୁ ସୁଶିଲଙ୍କ ପତ୍ନୀ ଫୋନ୍‌ରେ ଯୋଗାଯୋଗ କରିବାରେ ଅପହରଣ ଘଟଣା ସମ୍ପର୍କରେ ଜଣିବାକୁ ପାଇଥିଲେ। ଏସମ୍ପର୍କରେ ପରିବାର ଲୋକେ ବାଲୁଗାଁ ଥାନାରେ ଅଭିଯୋଗ କରିଥିବାବେଳେ ରବିବାର ସକାଳେ ଘଟଣା ପ୍ରଚାର ହେବାରେ ବାଲୁଗାଁ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ସହ ପୁଲିସ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ରବିବାର ସକାଳେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅପହରଣର ଖୁବ୍ କମ୍ ସମୟ ମଧ୍ୟରେ ଚାନ୍ଦପୁର ଥାନା ଅନ୍ତର୍ଗତ କଟଣାପଲ୍ଲୀ ଗ୍ରାମରୁ ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରି ବ୍ୟବହୃତ କାର୍‌କୁ ଜବତ କରିବା ସହ ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଦ୍ଧାର କରିଛି।

## ବେଆଇନ ବନ୍ଧୁକ ଓ ଗୁଳି ବାରୁଦ ଜବତ; ଯୁବକ ଗିରଫ




ବାଲୁଗାଁ,୨୮।୯ (ସମିସ): ବାଣପୁର ବ୍ଲକ୍ ଗମ୍ଭାରୀମୁଣ୍ଡା ଘାସେଡିହ ଭୋଇସାହିର ଜନୈକ ଯୁବକ ବେଆଇନ ଭାବେ ଦେଶୀ ବନ୍ଧୁକ ରଖିଥିବା ସହ ବିସ୍ଫୋରକ ବାରୁଦରେ ଗୁଳି ପ୍ରସ୍ତୁତ କରୁଥିଲା। ଏ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ନାଟୁଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକ ଓ ଗୁଳି ସାମଗ୍ରୀ ଜବତ କରିବା ସହ ସମ୍ପୃକ୍ତ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଘାସେଡିହ ଭୋଇ ସାହିର କୃଷ୍ଣ ନାୟକଙ୍କ ପୁଅ ଟିଟୁ ନାୟକ (୨୭) ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଘାସେଡିହ ଭୋଇସାହିର ଟିଟୁ ନିଜ ଘରେ ଏକ ଦେଶୀ ବନ୍ଧୁକ ରଖିଥିବା ଖବର ପାଇ ନାଟୁଣୀ ପୁଲିସ ଚଢ଼ଉ କରିଥିବାବେଳେ ସେହି ସମୟରେ ଟିଟୁକୁ ବନ୍ଧୁକର ଗୁଳି ପ୍ରସ୍ତୁତ କରୁଥିବା ଅବସ୍ଥାରେ ଗିରଫ କରିଥିଲେ। ପୁଲିସ ବନ୍ଧୁକ ସହ ଗୁଳି ପ୍ରସ୍ତୁତ ପାଇଁ ବ୍ୟବହାର କରୁଥିବା ଲୁହା ବାଟୁଳି ଓ ବାରୁଦ ଜବତ କରି ଏ ସମ୍ପର୍କରେ ନାଟୁଣୀ ଥାନା କେସ୍ ନଂ ୩୦୫/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଟିଟୁକୁ ବାଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ଚାଲାଣ କରାଯାଇଛି।

## ୨୯ ବର୍ଷରେ କାଇପଦର ସାର୍ବଜନୀନ ଦୁର୍ଗାପୂଜା

# ଓଡ଼ିଆଣୀ ବେଶରେ ଦର୍ଶନ ଦେବେ ମା' ଜଗଦମ୍ବା

ଖୋର୍ଦ୍ଧା,୨୮।୯ (ସମିସ): ଶାରଦୀୟ ଦୁର୍ଗାପୂଜା ଲାଗି ସଜେଇ ହେଉଛି ପୂଜାମଣ୍ଡପ। ଆକର୍ଷଣୀୟ ତୋରଣ ସାଙ୍ଗକୁ ଜରି, ଜମ୍ଭୁରାରେ ନିର୍ମାଣ ହେଉଛି ଗେଟ୍। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ବିଲ୍ୱାଧିବାସ ପୂଜା ଷଷ୍ଠୀରୁ ଆରମ୍ଭ ହୋଇଛି। ସୋମବାର ମଣ୍ଡପରେ ମହାସପ୍ତମୀ ପୂଜା ଆରମ୍ଭ ହେବ। ପୂଜାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ଆଶଙ୍କା କରାଯାଉଛି। ତେଣୁ ଏନେଇ ପୂଜା ମଣ୍ଡପ ଓ ପୁଲିସ ପକ୍ଷରୁ ବ୍ୟାପକ କଡ଼ାସୁରକ୍ଷା ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ୨୯ ବର୍ଷରେ ପଦାର୍ପଣ କରୁଛି କାଇପଦର ଅପରାଜିତ କ୍ଲବ୍ ସାର୍ବଜନୀନ ଦୁର୍ଗାପୂଜା। ଚଳିତ ବର୍ଷ ମା' ଏଠାରେ ଓଡ଼ିଆଣୀ ବେଶରେ ଦର୍ଶନ ଦେବେ। ବିଗତ ୨୮ ବର୍ଷ ଧରି ଏହି କାର୍ଯ୍ୟକ୍ରମ ପାଳନ କରାଯାଉଛି। ୨୮ ବର୍ଷ ପୂଜା ପୂର୍ତ୍ତି ଅବସରରେ ୨୮ ହଜାର ଲଡୁ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥା, ପରମ୍ପରାକୁ ପାଥେୟ କରି ୧୦୮ ସଂକଳ୍ପଧାରୀ କଳସ ଯାତ୍ରା କରିବେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ଅପରାଜିତ କ୍ଲବ୍‌ର ସଭାପତି ହୃଦାନନ୍ଦ ସି.ଆର୍ ଓ ସମ୍ପାଦକ ଦୈତାରୀ ସାମନ୍ତରାୟ ପ୍ରକାଶ କରିଛନ୍ତି।

## ନିର୍ମାଣ ହେବ କ୍ୟାପିଟାଲ ରିଜିଅନ ରିଂ ରୋଡ୍

# ଟେଣ୍ଡର ପୂର୍ବରୁ ବିଭିନ୍ନ କମ୍ପାନୀ ପକ୍ଷରୁ ନିରୀକ୍ଷଣ

ନିରାକାରପୁର,୨୮।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରଠାରୁ କଟକ ଜିଲ୍ଲା ଟାଙ୍ଗୀ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ୬ ଥାକିଆ ଆକ୍ସେସ୍ କଣ୍ଟ୍ରୋଲ୍ଡ କ୍ୟାପିଟାଲ ରିଜିଅନ ରିଂ ରୋଡ୍‌ର ରାମେଶ୍ୱରଠାରୁ ଢେଙ୍କାନାଳର ଗୋବିନ୍ଦପୁର ପର୍ଯ୍ୟନ୍ତ ଅଂଶର ନିର୍ମାଣ ନିମନ୍ତେ ଟେଣ୍ଡର ପକାଇବା ପାଇଁ ଭାରତର ଅନେକ ବଡ଼ ବଡ଼ ନିର୍ମାଣକାରୀ କମ୍ପାନୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଅନେକ କମ୍ପାନୀ ମଧ୍ୟ ସ୍ଥାନ ନିରୀକ୍ଷଣ କରିସାରିଲେଣି। ରବିବାର ଭାରତର ଅନ୍ୟ ଏକ ବଡ଼ ନିର୍ମାଣକାରୀ ସଂସ୍ଥାର ପଦାଧିକାରୀମାନେ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ ଥିବା ସ୍ଥାନଗୁଡ଼ିକୁ ବୁଲି ଦେଖିଥିଲେ। ଖୋର୍ଦ୍ଧାର ରାମେଶ୍ୱର, ରମ୍ଭାବୀଲ, ଗମ୍ଭାବନ୍ଧ, ପରିଛଳ, ସରୁଅ ଆଦି ସ୍ଥାନ ବୁଲି ଦେଖିଥିଲେ। କଞ୍ଚାମାଲ କେଉଁଠୁ ଆସିବ, କଞ୍ଚାମାଲର ଦର କେତେ ରହୁଛି, ପିଚୁ ପ୍ଲାଣ୍ଟ କେଉଁଠାରେ ବସିବ ଆଦି ନିରୀକ୍ଷଣ କରିଥିଲେ। ଏହି କମ୍ପାନୀ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ରାଜପଥ ପ୍ରକଳ୍ପରେ କାମ କରୁଛି, ଯେପରିକି ଦିଲ୍ଲୀ, ମୁମ୍ବଇ ଏକ୍ସପ୍ରେସ୍ ୱେ, ସମୃଦ୍ଧି ମହାମାର୍ଗ, ଅମୃତସର ଜାମନଗର ଏକ୍ସପ୍ରେସ୍ ୱେ, ଖାମମ୍ ଦାବେରପାଲି ଏକ୍ସପ୍ରେସ୍ ୱେ ଏବଂ ଓଡ଼ିଶାର ରାଇପୁର ବିଶାଖାପାଟଣା ଏକ୍ସପ୍ରେସ୍ ୱେର ବିଭିନ୍ନ ପ୍ୟାକେଜ୍‌ରେ କାମ କରୁଛି।

# ବେଗୁନିଆ ଉପନିବନ୍ଧକ କାର୍ଯ୍ୟାଳୟ ପାଲଟିଛି ଦୁର୍ନୀତିର ଗନ୍ତାଘର

- ଜମିର ଅଂଶିକ ପ୍ଲଟ୍ ରେଜିଷ୍ଟ୍ରେସନରେ ପ୍ରଚୁର ଅର୍ଥ କାରବାର
- ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି ବାର୍ତ୍ତାଳାପ

ଖୋର୍ଦ୍ଧା/ବେଗୁନିଆ,୨୮।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ସଦର ମହକୁମାସ୍ଥିତ ଉପନିବନ୍ଧକ କାର୍ଯ୍ୟାଳୟରେ ଜନସାଧାରଣଙ୍କୁ ଅଂଶିକ ପ୍ଲଟ୍‌ର କ୍ରୟ ବିକ୍ରୟ କ୍ଷେତ୍ରରେ ଶୋଷଣ କରାଯିବା ସହ ବିପୁଳ ପରିମାଣର ଅର୍ଥ ଆଦାୟ କରାଯାଉଥିବା ବାର୍ତ୍ତାଳାପଟି ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ସରକାର ଅଂଶିକ ପ୍ଲଟ୍ ରେଜିଷ୍ଟ୍ରେସନ ଫି' ବାବଦ ଟଙ୍କା କୋହଳ କରାଯାଇଥିବା ବେଳେ ଅସାଧୁ ବ୍ୟକ୍ତିଙ୍କୁ ହାତ କରି ଅର୍ଥ କାରବାର ହେଉଥିବାର ସ୍ଥାନୀୟ ଅଞ୍ଚଳର ଜନସାଧାରଣ କହୁଥିବା ବେଳେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ବାର୍ତ୍ତାଳାପଟି ଗୁମର ଖୋଲିବା ପାଇଁ ବାଟ ଫିଟାଇ ଦେଇଛି। ଏପରିକି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ପରିସରରେ ଲାଞ୍ଚ କାରବାର କରିବା ଧର୍ତ୍ତବ୍ୟ ଅପରାଧ। ଏଥିପାଇଁ ଦୁର୍ନୀତି ନିବାରଣ ବିଭାଗର ଯୋଗାଯୋଗ ନମ୍ବର ଲେଖାଯାଇଥିବା ବେଳେ ଅଂଶିକ ପ୍ଲଟ୍ ରେଜିଷ୍ଟ୍ରେସନ ଫି' ଅଧିକ ମାତ୍ରାରେ ନିଆଯାଉଛି, ତାହା "ଢୋଲ୍ ଭିତରେ ମୂଷା' ଭଳି ଆଶ୍ଚର୍ଯ୍ୟପ୍ରକଟ କରିଛି। ଏଥିରେ ସ୍ଥାନୀୟ ଜନସାଧାରଣ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ କାର୍ଯ୍ୟାନୁଷ୍ଠାନ ବଦଳରେ କାହିଁକି ଘଣ୍ଟ ଘୋଡ଼ାଇ ଚୁପ୍ ବସି ରହିଛି। ଏହି ଘଟଣାରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ କେବେ କରାଯିବ ତାହା ସମସ୍ତେ ଚାତକ ଭଳି ଚାହିଁ ବସିଛନ୍ତି।

## ଓସିଏସ୍ ପରୀକ୍ଷାରେ ଶ୍ରଦ୍ଧାସୁମନଙ୍କ କୃତକାର୍ଯ୍ୟ

ଖୋର୍ଦ୍ଧା,୨୮।୯ (ସମିସ): କଠିନ ପରିଶ୍ରମ ଓ ଏକାଗ୍ରତା ଶେଷରେ ନିଜକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ସ୍ଥାନୀୟ ମୁକୁନ୍ଦପ୍ରସାଦର ଝିଅ ଶ୍ରଦ୍ଧାସୁମନ। ଶ୍ରଦ୍ଧାସୁମନ ସୁନ୍ଦରଗଡ଼ ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ମାଆ ସବିତା ଜେନା ଜଣେ ଗୃହିଣୀ ଏବଂ ବାପା ସନତ ଜେନା ଜଣେ କୃଷକ ଅଟନ୍ତି। ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ୨୦୨୩ ପରୀକ୍ଷାରେ ୧୯୧ ର୍‍ୟାଙ୍କ୍ ରଖି କୃତକାର୍ଯ୍ୟ ହୋଇଛନ୍ତି। ୨୦୧୭ରେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ପିଜି କରିବା ପରେ ଏହି ପ୍ରବେଶିକା ପରୀକ୍ଷା ପାଇଁ ଚେଷ୍ଟା ଚଳାଇଥିଲେ। ୨୦୧୦ରେ ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ୨୦୧୨ରେ ପ୍ରାଣନାଥ ମହାବିଦ୍ୟାଳୟରୁ +୨ ଓ ୨୦୧୫ରେ ସ୍ନାତକ ଶିକ୍ଷା ହାସଲ କରିଥିଲେ।



## ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବୈଠକ

ଖୋର୍ଦ୍ଧା,୨୮।୯ (ସମିସ): ଖୋର୍ଦ୍ଧା ସହର ଉପକଣ୍ଠ କୁମାରବସ୍ତ ମା' ବାଉତୀଙ୍କ ମନ୍ଦିର ପରିସରରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ଖୋର୍ଦ୍ଧା ଜିଲ୍ଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସଙ୍ଘର ରାଜ୍ୟ ସଂଗଠନ ସମ୍ପାଦକ ଅର୍ଜୁନ କୁମାର ମୁଦୁଲି ଯୋଗଦେଇ ରାଜ୍ୟ ସରକାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ଜିଲ୍ଲାସ୍ତରରେ କାର୍ଯ୍ୟରତ ଜିଲ୍ଲା ପ୍ରତିନିଧିମାନଙ୍କୁ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବରେ ମାନ୍ୟତା ପ୍ରଦାନ, ପେନ୍‌ସନ୍ ଏବଂ କର୍ତ୍ତବ୍ୟ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବା ପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏକତ୍ରିତ ହୋଇ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ମହାପାତ୍ର ଯୋଗଦେଇ ଖୋର୍ଦ୍ଧା ଜିଲ୍ଲା ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ ରାଜ୍ୟ ସରକାର ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କହୁଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୁରକ୍ଷା, ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବେ ମାନ୍ୟତା ଏବଂ ପେନ୍‌ସନ୍ ପ୍ରଦାନ ପାଇଁ ଦାବି କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ କର୍ଣ୍ଣେଲ ଅରୁଣ କୁମାର ରାଉତରାୟ, ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗଦେଇଥିଲେ। ଏହି ଅବସରରେ ଯୁବ ସାମ୍ବାଦିକ ଗୋପାଳ ପ୍ରଧାନ, ପ୍ରଦୀପ ମାର୍ଥା, ପପୁ ସଂଘର ନୂତନ ସଦସ୍ୟତା ଗ୍ରହଣ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ଲଳିତ ମୋହନ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ



ବେଗୁନିଆ,୨୮।୯ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମରେ ଦୁର୍ଗାପୂଜା କମିଟି ଓ ହର-ପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ୭୪ ବର୍ଷରୁ ଊର୍ଦ୍ଧ୍ୱ ଧରି ଚାଲିଥିବା ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ରାମଚନ୍ଦ୍ର ଦାସ ଅଧକ୍ଷତା ଓ ଶିକ୍ଷକ ପଠାଣି କୁମାର ସାହୁ ଓ ସମାଜସେବୀ କାର୍ତ୍ତିକ ଜେନାଙ୍କ ଯୁଗ୍ମ ସଂଯୋଜନା କରିଥିଲେ। କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି, କବି ପ୍ରସନ୍ନ କୁମାର ମଣ୍ଡଳ ମୁଖ୍ୟବକ୍ତା, ଗାୟକ ଅଳଙ୍କାର ଶ୍ୟାମ ସୁନ୍ଦର ତ୍ରିପାଠୀ, ପୋଡ଼ାଡିହ ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାଣିକ, ସରପଞ୍ଚ ଲତା ସେଠୀ ଓ ସମିତିସଭ୍ୟ ଅଲେଖ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟକ ସୁପ୍ତ ପ୍ରତିଭାକୁ ବିକଶିତ କରିବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ଭକ୍ତି କୈବଲ୍ୟ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। ପରେ ଭୁବନେଶ୍ୱର ଘାଟିକିଆ ବାବା ନୀଳକଣ୍ଠେଶ୍ୱର ନାଟ୍ୟ ସଂସଦ ''କିଏ ପୋଛି ଦେବ ଆଖିର ଲୁହ' ନାଟକ ପରିବେଷଣ କରିଥିଲେ।

# ରନ୍ଧନ ଗ୍ୟାସ୍ ପାଇଁ ରାତିଅଧରୁ ଲାଇନ୍

## ହୋଟେଲ, ରେସ୍ତୋରାଁରେ ପର୍ଯ୍ୟାପ୍ତ; ଉପଭୋକ୍ତାଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

ଜଟଣୀ,୨୮।୯ (ସମିସ)

ଜଟଣୀରେ ରନ୍ଧନ ଗ୍ୟାସ୍ ବିତରଣରେ ଗତ ମାସେ ହେଲାଣି ଦେଖାଦେଇଛି ସମସ୍ୟା। ରନ୍ଧନ ଗ୍ୟାସ୍ ପାଇଁ ରାତି ଅଧରୁ ଲାଇନ୍‌ରେ ଉପଭୋକ୍ତାମାନଙ୍କୁ ଛିଡ଼ା ହୋଇ ନେବାକୁ ପଡୁଛି ସିଲିଣ୍ଡର। ଅନ୍ୟପଟେ ଜଟଣୀ ଅଞ୍ଚଳରେ ଥିବା ହୋଟେଲ, ରେସ୍ତୋରାଁ ତଥା ଛୋଟବଡ଼ ଜଳଖିଆ ଦୋକାନଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ରନ୍ଧନ ଗ୍ୟାସ୍ ସିଲିଣ୍ଡର ମହଜୁଦ ରହିଥିବା କିଛି ବ୍ୟକ୍ତି ଅଭିଯୋଗ କରିଛନ୍ତି। କୁସମାଟି-ଛଣଘରଠାରେ ଥିବା ଇଣ୍ଡିଆନ୍ ଅଏଲ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ଗ୍ୟାସ୍ ବଟ୍‌ଲିଂ ପ୍ଲାଣ୍ଟରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପେଟ୍ରୋଲ ଓ ଗ୍ୟାସ୍ ସପ୍ଲାଏ ହୋଇଥାଏ। କିନ୍ତୁ ବିଗତ ଏକ ମାସ ହେଲାଣି ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସ୍ ଯୋଗାଣ ଠିକ୍ ପରିମାଣରେ ମିଳୁ ନ ଥିବା ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ ସୋମବାର ସାମ୍ଭାବ୍ୟ ବାତ୍ୟା ଖବର ମିଳିବା ପରେ ଗ୍ୟାସ୍ ଏଜେନ୍ସି



ଦୋକାନ ଆଗରେ ରବିବାର ଲୋକଙ୍କ ଭିଡ଼ ଆହୁରି ଦେଖିବାକୁ ମିଳିଥିଲା। ସକାଳୁ ରାତି ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ରହୁଥିବା ରନ୍ଧନ ଗ୍ୟାସ୍ ପାଇଁ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଅନେକ ଲୋକ ଖାଲି ଟାଙ୍କି ନେଇ ଘରକୁ ମଧ୍ୟ ଫେରୁଛନ୍ତି। ତେବେ ଡିପୋରୁ ଯେତିକି ଗ୍ୟାସ୍ ଲୋଡ୍ ଗାଡ଼ି ବାହାରିବା କଥା ତାହା ବାହାରିପାରୁନି। ପାଖାପାଖି ୭୦ଟି ଗାଡ଼ିରେ ଜିପିଏସ୍ ଲଗାଯାଇ ନ ଥିବାରୁ ସଂସ୍ଥା ପକ୍ଷରୁ ଉକ୍ତ ଗାଡ଼ିଗୁଡ଼ିକୁ ସପ୍ଲାଏ ପାଇଁ ଅନୁମତି ଦିଆଯାଉନାହିଁ। ତେଣୁ ଉକ୍ତ ଗାଡ଼ିଗୁଡ଼ିକ ଗ୍ୟାସ୍ ପରିବହନ କରିବାରୁ ବଞ୍ଚିତ ଥିବାରୁ ଯୋଗାଣରେ ସମସ୍ୟା ଦେଖାଦେଇଛି ବୋଲି ସୂଚନା ମିଳିଛି। ଏ ନେଇ ଗ୍ରାହକମାନେ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ଦିନ ହେଲାଣି ଖାତାରୁ ରନ୍ଧନ ଗ୍ୟାସ୍ ଉଠାଇବାରେ ସମସ୍ୟା ଭୋଗୁଛୁ। ପୂର୍ବରୁ ଗ୍ୟାସ୍ ପାଇଁ ବୁକ୍ କରିଥିଲେ ମଧ୍ୟ ଗ୍ୟାସ୍ ପାଇପାରୁନାହୁଁ। ରାତିରୁ ଗ୍ୟାସ୍ ପାଇଁ ଲମ୍ବା ଲାଇନ୍ ଲଗେଇ ଛିଡ଼ା ହେବାକୁ ପଡୁଛି। ପାଳି ପଡ଼ିବା ପୂର୍ବରୁ ଗ୍ୟାସ୍ ସରିଗଲେ ପୁଣି ପରଦିନ ଆସିବାକୁ କହୁଛନ୍ତି। ଗତ ୧୧ ତାରିଖରୁ ଯେଉଁ ଉପଭୋକ୍ତା ଗ୍ୟାସ୍ ବୁକ୍ କରିଥିଲେ ସେମାନେ ରବିବାର ଗ୍ୟାସ୍ ସିଲିଣ୍ଡର ପାଇଛନ୍ତି। ଆଉ କିଛି ଗ୍ରାହକ କଳାବଜାରୀ କରି ବିକ୍ରି କରାଯାଉଥିବା ଅଭିଯୋଗ କରିଛନ୍ତି। ଜଟଣୀ ଗ୍ୟାସ୍ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ଡିପୋରୁ ଯେଉଁ ପରିମାଣରେ ଗ୍ୟାସ୍ ଆସିବା କଥା ଆସିପାରୁ ନାହିଁ। ପ୍ରତିଦିନ ୨/୩ଟି ଗ୍ୟାସ୍ ଗାଡ଼ି ଆବଶ୍ୟକ ଥିବାବେଳେ ସେ ଜାଗାରେ ଗୋଟିଏ ଗାଡ଼ି ଆସୁଛି। ତେଣୁ ଉପଭୋକ୍ତାଙ୍କୁ ରନ୍ଧନ ଗ୍ୟାସ୍ ଠିକ୍ ପରିମାଣରେ ଯୋଗାଇ ହେଉନାହିଁ ବୋଲି କୁହାଯାଇଛି।

## ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଜଳାତଙ୍କ ଦିବସ

ଖୋର୍ଦ୍ଧା,୨୮।୯ (ସମିସ): ଜିଲ୍ଲା କୃଷି ଅଧିକାରୀଙ୍କ ତାଲିମ ଶିବିର ପରିସରରେ ଖୋର୍ଦ୍ଧା ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ଜଳାତଙ୍କ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରବି ନାରାୟଣ ପଟ୍ଟନାୟକ ଯୋଗଦେଇ ଲୋକଙ୍କୁ ଜଳାତଙ୍କ ରୋଗ ସହ ଜଡ଼ିତ ତଥ୍ୟ ତଥା ଏହି ରୋଗର କାରଣ ଏବଂ ନିରାକରଣ ବିଷୟରେ ସଚେତନତା କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ରାବିଜ୍ ଦିବସ ବା ଜଳତଙ୍କ ଦିବସ ପାଳନ କରାଯାଉଛି ବୋଲି କହିଥିଲେ। ଜଳାତଙ୍କ ଏକ ଜୁନୋଟିକ୍ ରୋଗ ଯାହାକି ସାଧାରଣତଃ କୁକୁର କାମୁଡ଼ିବା ଦ୍ୱାରା ହୋଇଥାଏ ବୋଲି କୁହାଯାଏ। କିନ୍ତୁ ଅଧିକାଂଶ ଲୋକ ଜାଣନ୍ତି ନାହିଁ ଯେ, ବେଳେବେଳେ ଅନ୍ୟ କେତେକ ପ୍ରାଣୀ କାମୁଡ଼ିବା ଦ୍ୱାରା ଏହି ରୋଗ ମଧ୍ୟ ହୋଇପାରେ ବୋଲି କହିଥିଲେ। ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଯଶୋବନ୍ତ ପ୍ରଧାନ ଜଳାତଙ୍କ ରୋଗ କୁକୁର, ବିଲୁଆ, ଗଧିଆ, ନେଉଳ, ବାଦୁଡ଼ି ପ୍ରଭୃତି ପ୍ରାଣୀକୁ ସଂକ୍ରମଣ କରୁଥିବା ଏକ ଭୂତାଣୁଜନିତ ରୋଗ, ସେଇ ସଂକ୍ରମିତ ପ୍ରାଣୀ ମନୁଷ୍ୟକୁ କାମୁଡ଼ିଲେ କିମ୍ବା ସେମାନଙ୍କ ଲାଳ ସଂସ୍ପର୍ଶରେ ଆସିଲେ ଏହି ରୋଗ ହୋଇଥାଏ। ତେଣୁ ଏ ଦିଗରେ ସଚେତନତାକୁ ବ୍ୟାପକ କରାଯାଉଛି। ଯଦି ଏଭଳି ପଶୁ କାମୁଡ଼ନ୍ତି ତେବେ ସେ ସ୍ଥାନକୁ ଭଲଭାବେ ସାବୁନ ଓ ଥଣ୍ଡାପାଣିରେ ଧୋଇଦେବା ଓ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରାମର୍ଶ କରି ଜଳାତଙ୍କ ପ୍ରତିଷେଧକ ଟିକା ନେବା ଉଚିତ୍ ବୋଲି କହିଥିଲେ। ସେହିପରି ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ମାନସ କୁମାର ଚାନ୍ଦ ଜଳାତଙ୍କ ରୋଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ ଏବଂ ଶିକ୍ଷାବିତ୍ ଭୀମସେନ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଡ. ଲିକେଶ କାନୁନ୍‌ଗୋ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### 'ବ୍ୟାପକ ସଚେତନତା ହିଁ ସୁରକ୍ଷା ଦେବ'



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୯ ● ପାଉଣ୍ଡ ୧୧୮.୩୯
- ୟୁରୋ ୧୦୩.୬୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୦୫,୮୫୦ (ଭୁବନେଶ୍ୱର)
- ରୁପା : ୧,୪୮,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୦,୪୨୬.୦୦
- ନିଫ୍ଟି ୨୪,୬୫୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ନଗଦ କ୍ୟାସରେ କାଉଣ୍ଟରରୁ ଟ୍ରେନ ଟିକଟ ମନା

## ୟୁପିଆଇରେ ଏକ ସମୟରେ ୫ ଲକ୍ଷ ପର୍ଯ୍ୟନ୍ତ କାରବାର

**ନୂଆଦିଲ୍ଲୀ,୨୮।୯(ଏଜେନ୍ସି):** ଅକ୍ଟୋବର ପହିଲାରୁ ଦେଶରେ ଅନେକ ନୂଆ ନିୟମ ଲାଗୁ ହେବାକୁ ଯାଉଛି। ଏହି ଦିନଠାରୁ ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ନୂତନ ନିୟମ ଲାଗୁ ହେବ, ଯାହା ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଏବଂ ଡିଜିଟାଲ୍ କାରବାରକୁ ପ୍ରଭାବିତ କରିବ। ଏଥିରେ ୟୁପିଆଇଠାରୁ ଏନ୍‌ପିଏସ୍ ଯାଏ ସବୁଥିରେ ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏମିତିକି ନଗଦ କ୍ୟାସରେ କାଉଣ୍ଟରରୁ ଆଉ ଟ୍ରେନ ଟିକଟ ମିଳିବ ନାହିଁ। ଅକ୍ଟୋବର ପହିଲାରୁ ଲାଗୁ ହେଉଥିବା ନୂତନ ନିୟମ ଡିଜିଟାଲ୍ ପେମେଣ୍ଟ, ଅବସର ଯୋଜନା ଏବଂ ଅନଲାଇନ୍ ସେବାକୁ ଅଧିକ ସୁରକ୍ଷିତ ଏବଂ ସୁବିଧାଜନକ କରିବ।

### ଟ୍ରେନ୍ ଟିକଟ୍ ବୁକିଂରେ ପରିବର୍ତ୍ତନ

**ୟୁପିଆଇ ପେମେଣ୍ଟ ବାଧ୍ୟତାମୂଳକ**

ରେଳବାଇ ଟିକଟ୍ ବୁକିଂ ପାଇଁ ଏଣିକି ୟୁପିଆଇ ବ୍ୟବହାର କରି ପେମେଣ୍ଟ କରିବାକୁ ହେବ। ଏହା ପେମେଣ୍ଟକୁ ଦ୍ରୁତ ଏବଂ ସୁରକ୍ଷିତ କରିବ। ଯାତ୍ରୀମାନଙ୍କୁ ସେମାନଙ୍କର ୟୁପିଆଇ ଆଇଡିକୁ ସେମାନଙ୍କର ମୋବାଇଲ୍ ୱାଲେଟ୍ କିମ୍ବା ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ କରିବାକୁ ପଡିବ।

**ନଗଦ ପେମେଣ୍ଟ ବନ୍ଦ**

ଟିକଟ କାଉଣ୍ଟରରେ ଆଉ ନଗଦ ପେମେଣ୍ଟ ସମ୍ଭବ ହେବ ନାହିଁ। ଡିଜିଟାଲ୍ ଏବଂ କଣ୍ଟାକ୍ଟଲେସ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

### ୟୁପିଆଇ ପେମେଣ୍ଟରେ ପରିବର୍ତ୍ତନ

**କାରବାର ସୀମାରେ ବୃଦ୍ଧି**

ଏଣିକି ୟୁପିଆଇ ମାଧ୍ୟମରେ ଏକ ସମୟରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରାଯାଇପାରିବ, ଯାହା ପୂର୍ବରୁ ୧ ଲକ୍ଷ ଟଙ୍କା ଥିଲା। ଏହା ରିଅଲ୍ ଇଷ୍ଟେଟ୍, ଇ-କମର୍ସ ଏବଂ ବ୍ୟବସାୟିକ କାରବାରକୁ ଲାଭଦାୟକ କରିବ।

**ୟୁପିଆଇ ଅଟୋ-ପେ ଆରମ୍ଭ ହୋଇଛି**

ୟୁପିଆଇ ଅଟୋ-ପେ ଏବେ ସବସ୍କ୍ରିପସନ୍ ଏବଂ ବିଲ୍ ଭଳି ସେବା ପାଇଁ ଉପଲବ୍ଧ ହେବ। ପ୍ରତ୍ୟେକ ଅଟୋ-ଡେବିଟ୍ ପାଇଁ ବିଜ୍ଞପ୍ତି ପ୍ରାପ୍ତ ହେବ, ଏବଂ ବ୍ୟବହାରକାରୀମାନେ ଯେକୌଣସି ସମୟରେ ସେଟିଂସ୍ ପରିବର୍ତ୍ତନ କିମ୍ବା ବାତିଲ କରିପାରିବେ।







**ଅକ୍ଟୋବର ପହିଲାରୁ ୟୁପିଆଇଠାରୁ ଏନ୍‌ପିଏସ୍ ଯାଏ ସବୁଥିରେ ନୂଆ ନିୟମ**

### ଏନ୍‌ପିଏସ୍‌ରେ ପରିବର୍ତ୍ତନ

**ସର୍ବନିମ୍ନ ଯୋଗଦାନରେ ବୃଦ୍ଧି**

ୟୁପିଆଇରେ ସର୍ବନିମ୍ନ ମାସିକ ଅବଦାନ ୫୦୦ ରୁ ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ପରିବର୍ତ୍ତନ ଦୀର୍ଘକାଳୀନ ଭାବରେ ଅବସର ପାଣ୍ଠିକୁ ସୁଦୃଢ଼ କରିବ।

**ନୂତନ ଟାୟର ସିଷ୍ଟମ୍**

ଏନ୍‌ପିଏସ୍‌ରେ ଏବେ ଟାୟାର-୧ ଏବଂ ଟାୟାର-୨ ବିକଳ୍ପ ରହିବ।

ଟାୟାର-୧: ଅବସର-କେନ୍ଦ୍ରିତ ଏବଂ କର ଲାଭ ସହିତ। ଟାୟାର-୨: ନମନୀୟ ବିକଳ୍ପ, କୌଣସି କର ଲାଭ ନାହିଁ।

### ଅନଲାଇନ୍ ଗେମିଂରେ ପରିବର୍ତ୍ତନ

**ଲାଇସେନ୍ସ ବାଧ୍ୟତାମୂଳକ**

ସମସ୍ତ ଅନଲାଇନ୍ ଗେମିଂ ପ୍ଲାଟଫର୍ମକୁ ଏବେ ମାଇଟିରୁ ଏକ ବୈଧ ଲାଇସେନ୍ସ ପାଇବାକୁ ପଡିବ। ଏହା ସୁରକ୍ଷା, ସ୍ୱଚ୍ଛତାକୁ ଉନ୍ନତ କରିବାରେ ଏବଂ ଗେମିଂ ଶିଳ୍ପରେ ଠକେଇକୁ ରୋକିବାରେ ସାହାଯ୍ୟ କରିବ।

**ବୟସ ସୀମା ସ୍ଥିର**

ଅନଲାଇନ୍ ରିଅଲ୍-ମନି ଗେମିଂରେ ଅଂଶଗ୍ରହଣ ପାଇଁ ସର୍ବନିମ୍ନ ବୟସ ୧୮ ବର୍ଷ ହେବ।

### ବିଦେଶୀ ଇ-କମର୍ସ ଉପରେ ଟିକସ

ଆମାଜନ୍, ନେଟଫ୍ଲିକ୍ସ ଏବଂ ସ୍ପଟିଫାଇ ଭଳି ବିଦେଶୀ ପ୍ଲାଟଫର୍ମଗୁଡ଼ିକ ଏବେ ଭାରତରେ ବିକ୍ରି ଉପରେ ଟିକସ ଦେବେ। ଏହି ପଦକ୍ଷେପ ଭାରତୀୟ ଏବଂ ବିଦେଶୀ ବ୍ୟବସାୟ ପାଇଁ ଏକ ସମାନ ଖେଳ କ୍ଷେତ୍ର ସୁନିଶ୍ଚିତ କରିବ। ଏହି ପରିବର୍ତ୍ତନଗୁଡ଼ିକ ପରିବହନ, ଆର୍ଥିକ ସେବା, ଗେମିଂ ଏବଂ ପରିବେଶଗତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ। ୟୁପିଆଇ ଏବଂ ଡିଜିଟାଲ୍ ପେମେଣ୍ଟ ଦ୍ରୁତ ଏବଂ ସୁରକ୍ଷିତ ହେବ, ଏନ୍‌ପିଏସ୍‌ରେ ଅବସର ପାଣ୍ଠି ବୃଦ୍ଧି କରିବ ଏବଂ ଅନଲାଇନ୍ ଗେମିଂରେ ସୁରକ୍ଷା ବୃଦ୍ଧି କରିବ। ଏହି ନିୟମଗୁଡ଼ିକ ବିଷୟରେ ସଚେତନ ରହିବା ଗୁରୁତ୍ୱପୂର୍ଣ୍ଣ ଯାହା ଦ୍ୱାରା ଆପଣ ସହଜରେ ଆପଣଙ୍କର ଦୈନନ୍ଦିନ କାରବାର ପରିଚାଳନା କରିପାରିବେ।

# ଫୁଡ୍ ପ୍ରୋସେସିଂ କ୍ଷେତ୍ରରେ ମିଳିଲା ୧.୨ ଟ୍ରିଲିଅନର ନିବେଶ

**ନୂଆଦିଲ୍ଲୀ,୨୮।୯(ଏଜେନ୍ସି):** 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫' ଶିଖର ସମ୍ମିଳନୀ ସମୟରେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର(ଫୁଡ୍ ପ୍ରୋସେସିଂ ସେକ୍ଟର) ପାଇଁ ମୋଟ ୧.୦୨ ଟ୍ରିଲିୟନ ନିବେଶ ପାଇଛି। କେନ୍ଦ୍ର ସରକାର ୨୬ ଟି ଘରୋଇ ଏବଂ ଆନ୍ତର୍ଜାତୀୟ କମ୍ପାନୀ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଫୁଡ ପ୍ରୋସେସିଂ ଇଣ୍ଡଷ୍ଟ୍ରି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ। ଏହା ସେପ୍ଟେମ୍ବର ୨୫ ରୁ ୨୮ ପର୍ଯ୍ୟନ୍ତ ରାଜଧାନୀ ଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହୋଇଥିଲା।

ତେବେ ଏହି ସମ୍ମିଳନୀ ଐତିହାସିକ ଭାବେ ଶେଷ ହୋଇଛି। ଏଥିରେ ଅଭୂତପୂର୍ବ ପୁଞ୍ଜି ନିବେଶ ମିଳିଛି ବୋଲି ରବିବାର ମନ୍ତ୍ରଣାଳୟ ପକ୍ଷରୁ ବିବୃତ୍ତି ଜାରି କରାଯାଇଛି। ଫୁଡ ପ୍ରୋସେସିଂ କ୍ଷେତ୍ରରେ ନିବେଶ କରିବାକୁ ଚୁକ୍ତି କରିଥିବା କମ୍ପାନୀଙ୍କ ମଧ୍ୟରେ ଉଭୟ ଘରୋଇ ଓ ବିଦେଶୀ କମ୍ପାନୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍, ଦି କୋକା-କୋଲା ସିଷ୍ଟମ୍ ଇନ୍ ଇଣ୍ଡିଆ, ଗୁଜରାଟ କୋଅପରେଟିଭ୍ ମିଲ୍କ ମାର୍କେଟିଂ ଫେଡେରେସନ (ଅମୁଲ), ନେସଲେ ଇଣ୍ଡିଆ, ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ଏବଂ କାର୍ଲସବର୍ଗ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ଗୋଡରେଡ୍ ଆଗ୍ରୋଭେଟ୍, ବିଏଲ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍, ପତଞ୍ଜଳି ଫୁଡ୍ସ, ହଳଦିରାମ ସ୍ନାକ୍ସ ଫୁଡ୍, ଇଣ୍ଡିଆନ୍ ପୋଲ୍ଟ୍ରି ଆଲାଏନ୍ସ, ଏମଆରଏସ ବେକ୍ଟରସ୍ ଫୁଡ୍ ସ୍ପେଶାଲିଟିଜ୍ ଲିମିଟେଡ୍, ଡାବର ଇଣ୍ଡିଆ ଲିମିଟେଡ୍ ଏବଂ ଏବି ଇନବେ ଆଦି ରହିଛନ୍ତି। ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ସାରା ଦେଶରେ ସମନ୍ୱିତ ଖାଦ୍ୟ ଉତ୍ପାଦନ ୟୁନିଟ୍(ଇଣ୍ଟିଗ୍ରେଟେଡ୍ ଫୁଡ୍ ପ୍ରୋସେସିଂ ୟୁନିଟ) ପ୍ରତିଷ୍ଠା କରିବା ପାଇଁ ଫୁଡ୍ ପ୍ରୋସେସିଂ ଇଣ୍ଡଷ୍ଟ୍ରୀ ମନ୍ତ୍ରଣାଳୟ ସହିତ ୪୦ ହଜାର କୋଟିର ଚୁକ୍ତିନାମା କରିଛି। ସେହିପରି ଭାରତରେ ତିନୋଟି କୋକା-କୋଲା ବୋଟଲର୍ ଦେଶର ଖାଦ୍ୟ ପ୍ରକ୍ରିୟାକରଣ ଭିତ୍ତିଭୂମିକୁ ବିସ୍ତାର କରିବା ପାଇଁ ସାମୂହିକ ଭାବରେ ୨୫,୭୬୦ କୋଟି (୍୨.୯୬ ବିଲିୟନ) ନିବେଶ କରିବାକୁ ଯୋଜନା କରୁଛନ୍ତି। ଗ୍ରୀନଫିଲ୍ଡ ଏବଂ ବ୍ରାଉନଫିଲ୍ଡ ପ୍ରକଳ୍ପ ପାଇଁ ମନ୍ତ୍ରଣାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

ଏନେଇ ମନ୍ତ୍ରଣାଳୟ କହିଛି ଚାରି ଦିନିଆ କାର୍ଯ୍ୟକ୍ରମ ମଧ୍ୟରେ, ୨୬ଟି ପ୍ରମୁଖ ଘରୋଇ ଏବଂ ବିଶ୍ୱସ୍ତରୀୟ କମ୍ପାନୀ ମୋଟ ୧୦୨,୦୪୬ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଯାହା ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସର୍ବବୃହତ ନିବେଶ ଘୋଷଣା ମଧ୍ୟରୁ ଗୋଟିଏ।

# ଅନୁଗୋଳରେ ଅରୁନ୍ଧତୀ ଜୁଏଲର୍ସର ୧୦ମ ଶୋ'ରୁମ୍ ଉଦ୍‌ଘାଟିତ





**ଅନୁଗୋଳ,୨୮।୯(ସମିସ):** ଓଡିଶାର ଅଗ୍ରଣୀ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ୧୦ମ ଶାଖା ଅନୁଗୋଳର ସ୍ଥାନୀୟ ଶଙ୍କର ସିନେମା ହଲ ରୋଡ ନିକଟରେ ରବିବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ବଲିଉଡ ଅଭିନେତ୍ରୀ ମହିମା ଚୌଧୁରୀ ଏବଂ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏହି ୭୫୦୦ ବର୍ଗଫୁଟ ପରିମିତ ବିଶାଳ ଶୋରୁମ ର ଶୁଭାରମ୍ଭ କରାଯାଇଥିଲା। ପାର୍ବଣ ଋତୁରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଅନୁଗୋଳ ବାସୀଙ୍କୁ ଏହି ଅତ୍ୟାଧୁନିକ ଶୋ'ରୁମକୁ ଉତ୍ସର୍ଗୀକୃତ କରାଯାଇଥିଲା। ଦେଶବିଦେଶରୁ ପ୍ରସ୍ତୁତ ୧୦୦୦୦ ରୁ ଅଧିକ ଗହଣା ଡିଜାଇନ ଶୁଦ୍ଧତାଯୁକ୍ତ ସୁନା ଗହଣା, ରୁପା ଗହଣାର ତାରକସି କାରୁକାର୍ଯ୍ୟ , ହୀରା ଗହଣାର ଏକ୍ସକ୍ଲୁସିଭ କଲେକ୍ସନ ଏବଂ ପ୍ରିମିୟମ ସମ୍ବଲପୁରୀ ସିଲ୍କ ଶାଢୀରେ ସଜ୍ଜିତ ଏହି ଶୋ'ରୁମ ଉପସ୍ଥିତ ଗ୍ରାହକଙ୍କ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ସମସ୍ତଙ୍କୁ ସମ୍ବୋଧିତ କରିବା ସହ ଅନୁଗୋଳ ବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅରୁନ୍ଧତୀର ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଗୋଳରେ ଅରୁନ୍ଧତୀର ୧୦ମ ଶାଖା ନିମନ୍ତେ ଅନୁଗୋଳ ସର୍ବଦା ଅବିସ୍ମରଣୀୟ ହୋଇରହିବେ ବୋଲି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଏହି ନୂତନ ଶୋ'ରୁମର ଶୁଭାରମ୍ଭ ଏବଂ ଆଗକୁ ଆସୁଥିବା ପାର୍ବଣ ଋତୁ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ମେଗା ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ରହିଛି, ସୁନା ଗହଣାର ଗଢ଼ା ମଜୁରିରେରେ ୫୦% ରିଆତି ସହ ପ୍ରତେକ କ୍ରୟ ରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି, ସେହିଭଳି ଆଡ଼ଭାନ୍ସ ବୂକିଙ୍ଗ ରେ ସର୍ବନିମ୍ନ ବଜାର ଦରରେ ସୁନା କ୍ରୟ ରଖାଯାଇଛି ,ହୀରା ଗହଣା କ୍ରୟରେ ହୀରା ମୂଲ୍ୟରେ ୨୦ ପ୍ରତିଶତ ରିହାତି ସହ ମାଗଣା ସ୍ୱର୍ଣ୍ଣ ମୁଦ୍ରା ମଧ ପ୍ରଦାନ କରାଯାଉଛି। ଏହି ନୂତନ ଶୋ' ରୁମକୁ ଅରୁନ୍ଧତୀ ପରିବାର ତରଫରୁ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରାଯିବା ସହ ସମସ୍ତଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା କାମନା କରାଯାଇଛି।

# ରୁପା ଆମଦାନୀ ଉପରେ ରୋକ୍

**ନୂଆଦିଲ୍ଲୀ,୨୮।୯(ଏଜେନ୍ସି):** ଗତ କିଛି ଦିନ ମଧ୍ୟରେ ଦେଶରେ ରୁପା ମୂଲ୍ୟ ଅନେକ ରେକର୍ଡ ଭାଙ୍ଗିଛି। ବାଜାଗ ବିଶେଷଜ୍ଞଙ୍କ କହିବା ହେଉଛି ସୁନା ଏକ ସୁରକ୍ଷିତ ନିବେଶ ମାଧ୍ୟମ ହୋଇଥିବାବେଳେ ଏବେ ରୁପା ନିବେଶ ଉପରେ ଭଲ ରିଟର୍ଣ୍ଣ ଦେଉଛି। ଖାସ ଏହି କାରଣରୁ ନିବେଶକ ଓ ଜ୍ୱେଲରୀ ଇଣ୍ଡଷ୍ଟ୍ରି ରୁପା ପ୍ରତି ଏତେ ଆକର୍ଷିତ ହେଉଛନ୍ତି। ଏହାପରେ ଏବେ କେନ୍ଦ୍ର ସରକାର ରୁପା ଆମଦାନି ସମ୍ପର୍କରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ସରକାର ରୁପା ଆମଦାନୀ ଉପରେ ରୋକ୍ ଲଗାଇଛନ୍ତି। ଆସିଆନ୍ ରାଷ୍ଟ୍ରଦେଶଗୁଡ଼ିକ, ବିଶେଷକରି ଥାଇଲ୍ୟାଣ୍ଡରୁ ରୁପା ଆମଦାନିରେ ଉଲ୍ଲେଖନୀୟ ବୃଦ୍ଧି ଯୋଗୁଁ ସରକାର ଆଗାମୀ କିଛି ମାସ ପାଇଁ ଏହାକୁ ନିଷେଧ କରିଛନ୍ତି। ଏହି ନିଷେଧାଦେଶ ଅଣ-ଫ୍ୟାନ୍ସି ଅଳଙ୍କାର ପାଇଁ ପ୍ରଯୁଜ୍ୟ। ଅର୍ଥାତ୍ କୌଣସି ଚକଚକିଆ ପଥର, ମୁକ୍ତା, କିମ୍ବା ହୀରା ଏବଂ ପାଳକ ପରି ମୂଲ୍ୟବାନ ପଥର ବିନା ଅଳଙ୍କାର। ଏହି ଅଳଙ୍କାରଗୁଡ଼ିକ ସରଳ ଡିଜାଇନ୍ ଏବଂ ଦୈନନ୍ଦିନ ବ୍ୟବହାର ପାଇଁ ଡିଜାଇନ୍ କରାଯାଇଛି। ଡାଇରେକ୍ଟର ଜେନେରାଲ ଅଫ ଫରେନ ଟ୍ରେଡ୍ (ଡିଜିଏଫଟି) ନୋଟିଫିକେସନ ଜାରି କରି ରୂପା ଆଭୂଷଣ ଆମଦାନୀ ଉପରେ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ରୋକ ଲଗାଇଛନ୍ତି।





ସରକାରଙ୍କ ଏହି ପଦକ୍ଷେପ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ର ଅପବ୍ୟବହାରକୁ ରୋକିବା ଏବଂ ବଡ଼ ପରିମାଣର ଆମଦାନିକୁ ରୋକିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ କହିବା କଥା ହେଉଛି ଗତ କିଛି ସମୟ ହେଲା ଆଭୂଷଣ ଆଡୁଆଳରେ ବହୁଳ ପରିମାଣରେ ରୂପା ଆମଦାନୀ ହେଉଛି। ଯାଞ୍ଚରୁ ଜଣାପଡିଛି ଯେ କିଛି ବ୍ୟବସାୟୀ ଫ୍ରି ଟ୍ରେଡ ଏଗ୍ରିମେଣ୍ଟ (ଏଫଟିଏ)ର ତ୍ରୁଟିପୂର୍ଣ୍ଣ ଉପଯୋଗ କରୁଛନ୍ତି। ଏହାର ସିଧା ପ୍ରଭାବ ଦେଶର ବଜାର ଓ ଛୋଟ ବ୍ୟବସାୟୀମାନଙ୍କ ଉପରେ ପଡୁଛି। ଡିଜିଏଫଟିଙ୍କ ଅନୁସାରେ ଏପ୍ରିଲ-ଜୁନ ୨୦୨୪-୨୫ ଓ ଏପ୍ରିଲ-ଜୁନ ୨୦୨୫-୨୬ରେ ପ୍ରେଫରେନସିଆଲ ଡ୍ୟୁଟିରେ ରିହାତି କାରଣରୁ ଦେଶକୁ ରୂପା ଆମଦାନୀ ଲଗାତାର ବଢିବାରେ ଲାଗିଛି। ଏହି ସ୍ଥିତି ଭାରତରେ ଘରୋଇ ଉଦ୍ୟୋଗ ଓ ରୋଜଗାର ନିମନ୍ତେ ବିପଦର ସଙ୍କେତ ଥିଲା। ବାହାରୁ ଆମଦାନୀ ବଢିବା ଯୋଗୁ ଭାରତର ସ୍ଥାନୀୟ ବଜାରରେ ଚାପ ବଢିଯାଇଛି। ପାଇକାରୀ ମୂଲ୍ୟ ହ୍ରାସ ଯୋଗୁ ଛୋଟ କାରିଗର ଓ ଘରୋଇ ରୂପା ଜୁଏଲାରୀ ନିର୍ମାଣକାରୀ ଉଦ୍ୟୋଗ କ୍ଷତିରେ ପଡିଛନ୍ତି। ତେବେ ସରକାରୀ ଅଧିକାରୀଙ୍କ କହିବା କଥା ହେଉଛି ଡିଜିଏଫଟିଙ୍କ ଏହି ପଦକ୍ଷେପ ଦେଶରେ ଏମଏସଏମଇକୁ ସୁରକ୍ଷା ଦେବ। ଏସିଆନ୍ ଦେଶଙ୍କ ମଧ୍ୟରେ ଥାଇଲ୍ୟାଣ୍ଡ, ମାଲେସିଆ, ଭିଏତନାମ, ସିଙ୍ଗାପୁର ସମେତ ୧୦ ଦେଶ ଅଛନ୍ତି। ଏମାନଙ୍କ ମଧ୍ୟରୁ ଥାଇଲ୍ୟାଣ୍ଡ ରୁପା ଉତ୍ପାଦନକାରୀ ଦେଶ ନୁହେଁ। ଏହା ସତ୍ତ୍ୱେ ସେଠାରୁ ଭାରତକୁ ବିପୁଳ ପରିମାଣରେ ରୂପା ଗହଣା ଆମଦାନୀ ହୋଇଛି।

**ପହିଲାରେ ମୁଦ୍ରା ନୀତି କମିଟି ବୈଠକ**

# ୨୫ ବେସିସ୍ ପଏଣ୍ଟ କମିପାରେ ସୁଧହାର

**ନୂଆଦିଲ୍ଲୀ,୨୮।୯(ଏଜେନ୍ସି):** ରେପୋ ହାର ସମ୍ପର୍କରେ ଚାଲିଥିବା ଆଲୋଚନା ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରା ନୀତି କମିଟି (ଏମ୍‌ପିସି)ର ପରବର୍ତ୍ତୀ ବୈଠକ ଅକ୍ଟୋବର ୧ରେ ଅନୁଷ୍ଠିତ ହେବ। ଏହି ବୈଠକରେ ରେପୋ ହାର ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ଏସ୍‌ବିଆଇ ରିପୋର୍ଟରେ ସୁଧହାରରେ ୨୫ ବେସିସ୍ ପଏଣ୍ଟ (ବିପିଏସ୍) ହ୍ରାସ ପାଇଁ ପରାମର୍ଶ ଦିଆଯାଇଛି, ଯେତେବେଳେ କିଛି ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ ଆର୍‌ବିଆଇ ବର୍ତ୍ତମାନର ସୁଧ ହାର ବଜାୟ ରଖିପାରେ। ଚଳିତ ବର୍ଷ ଫେବୃଆରୀରୁ ଅଗଷ୍ଟ ପର୍ଯ୍ୟନ୍ତ, ଆର୍‌ବିଆଇ ତିନି ଥର ସୁଧ ହାର ହ୍ରାସ କରିଛି। ଚଳିତବର୍ଷ ସୁଧହାରରେ ମୋଟ ୧୦୦ ବେସିସ୍ ପଏଣ୍ଟ ହ୍ରାସ ହୋଇସାରିଲାଣି। ଏହାର କାରଣ ହେଉଛି ମୁଦ୍ରାସ୍ଫୀତିରେ କ୍ରମାଗତ ଭାବେ ହ୍ରାସ। ଅଗଷ୍ଟରେ, ଆର୍‌ବିଆଇ ପୁଣି ଥରେ ସୁଧହାରକୁ ଅପରିବର୍ତ୍ତିତ ରଖିଛି। ଆମେରିକୀୟ ବାଣିଜ୍ୟ ଶୁଳ୍କ ଏବଂ ବୈଶ୍ୱିକ ଉତ୍ତେଜନାର ପ୍ରଭାବ ଉପରେ ନଜର ରଖି କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର କ୍ଷେତ୍ରରେ ଏପରି ନୀତି ଗ୍ରହଣ କରିଛି। ଏସ୍‌ବିଆଇ ରିପୋର୍ଟରେ କୁହାଯାଇଛି ଯେ ଆଗାମୀ ଆର୍ଥିକବର୍ଷରେ ମଧ୍ୟ ଖୁଚୁରା ମୁଦ୍ରାସ୍ଫୀତି କମ୍ ରହିବ ବୋଲି ଆଶା କରାଯାଉଛି, ତେଣୁ ୨୫ ବେସିସ୍ ପଏଣ୍ଟ ହ୍ରାସ ସଠିକ୍ ପଦକ୍ଷେପ ହେବ। ଏହି ସମୟରେ, ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନଭିସ୍ କହିଛନ୍ତି ଯେ ବର୍ତ୍ତମାନ ହାର ପରିବର୍ତ୍ତନର ସମ୍ଭାବନା କମ୍ ଏବଂ ସରକାର ରପ୍ତାନିକାରୀଙ୍କ ପାଇଁ ଏକ ପ୍ୟାକେଜ୍ ଘୋଷଣା କଲେ ହିଁ କେବଳ ହ୍ରାସ ଘଟିପାରିବ।

**ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଲି ଯୋଜନା**

# ଗ୍ରାହକ ପାଇବେ ୧.୩୮ ଲକ୍ଷର ସବ୍‌ସିଡି

**ଭୁବନେଶ୍ୱର,୨୮।୯(ସମିସ):** ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଲି ଯୋଜନା ହେଉଛି ଭାରତ ସରକାରଙ୍କ ଏକ ମୁଖ୍ୟ କାର୍ଯ୍ୟକ୍ରମ ଯାହାର ଉଦ୍ଦେଶ୍ୟ ହେଉଛି ରୁଫ୍‌ଟପ୍ ସୋଲାର ସ୍ଥାପନକୁ ସରଳ, ସୁଲଭ ଏବଂ ବ୍ୟାପକ କରିବା। ଏହି ଯୋଜନା ଅଧୀନରେ ପରିବାରଗୁଡ଼ିକ ସବସିଡି ମାଧ୍ୟମରେ ଅତ୍ୟଧିକ କମ ଖର୍ଚ୍ଚରେ ସୌର ଶକ୍ତି ବ୍ୟବସ୍ଥା ସ୍ଥାପନ କରିପାରିବେ। ଉଦାହରଣ ସ୍ୱରୂପ, ୩ କିଲୋୱାଟ୍ ଏବଂ ତାଠାରୁ ଅଧିକ କ୍ଷମତାର ରୁଫଟପ ସୋଲାର ସ୍ଥାପନ ପାଇଁ ୭୮,୦୦୦ ଟଙ୍କାର କେନ୍ଦ୍ରୀୟ ସବସିଡି ମିଳିବ। ଏଥିସହିତ ଓଡ଼ିଶା ସରକାର ଆଉ ୬୦,୦୦୦ ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କରୁଛନ୍ତି। ଏହାର ଅର୍ଥ ହେଉଛି ଗ୍ରାହକମାନେ ପ୍ରାୟ ୨ ରୁ ୨.୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୋଟ ସ୍ଥାପନା ଖର୍ଚ୍ଚ ବଦଳରେ ପ୍ରାୟ ୧.୩୮ ଲକ୍ଷ ଟଙ୍କାର ମିଳିତ ସବସିଡି ପାଇପାରିବେ। ତେଣୁ ଏହା ରୁଫ୍‌ଟପ୍ ସୋଲାରକୁ ଅଧିକ ସୁଲଭ କରିବା ସହ ପ୍ରାରମ୍ଭିକ ନିବେଶ ଭାର ହ୍ରାସ କରି ବିଦ୍ୟୁତ ବିଲରେ ଉଲ୍ଲେଖନୀୟ ଦୀର୍ଘମିଆଦୀ ସଞ୍ଚୟ ସୁନିଶ୍ଚିତ କରିବ। ପ୍ରଥମ ଥର ପାଇଁ ମାତ୍ର ୧ କିଲୋୱାଟ ଚୁକ୍ତିନାମା (କଂଟ୍ରାକ୍ଟ ଡିମାଣ୍ଡ) ଥିବା ପରିବାରଗୁଡ଼ିକ ମାତ୍ର ୫,୦୦୦ ଟଙ୍କାର ଏକ ନାମମାତ୍ର ପ୍ରାରମ୍ଭିକ ଖର୍ଚ୍ଚ ଓ ୩୭୬୪ ଟଙ୍କାର ଏକ ଅତିରିକ୍ତ ସୋଲାର ମିଟର ଚାର୍ଜ ଦେଇ ରୁଫ୍‌ଟପ ସୋଲାର ସ୍ଥାପନ କରିପାରିବେ। ଓଡ଼ିଶା ପାଇଁ ଏହି ଯୋଜନା କେବଳ ପରିବାରର ବିଜୁଳି ବିଲ ସଞ୍ଚୟ କରିବାରେ ସହାୟତା କରିବ ନାହିଁ, ବରଂ ସେମାନଙ୍କୁ ଭାରତର ସ୍ୱଚ୍ଛ ଶକ୍ତି ଯାତ୍ରାର ସକ୍ରିୟ ଅବଦାନକାରୀ ଭାବରେ ମଧ୍ୟ ପ୍ରତିଷ୍ଠିତ କରିବ ବୋଲି ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ୍ ସିଂହ କହିଛନ୍ତି।



# ନିଜେ ଡରି, ଡରାଉଛି ଆମେରିକା

## ଆମେରିକା ପ୍ରତି ମନୋଭାବ ବଦଳାଉ ଭାରତ

**ୱାଶିଂଟନ୍,୨୮।୯(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରାଯିବା ଯୋଗୁଁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଜାରି ରହିଛି। ଏହି ସମୟରେ, ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟତର ବୋଲି ବିବେଚିତ ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ପୁଣି ଥରେ ତାଙ୍କର ଭାରତ ବିରୋଧୀ ମନ୍ତବ୍ୟ ଦେଇଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ କିଛି ଦେଶଙ୍କୁ ଆମେରିକା ସହ ସମ୍ପର୍କରେ ନିଜକୁ ସୁଧାରିବାକୁ ହେବ। ଲୁଟନିକ୍ ତାଙ୍କ ବିବୃତ୍ତିରେ ଭାରତ ଏବଂ ବ୍ରାଜିଲ ଭଳି ଦେଶଗୁଡ଼ିକର ଉଲ୍ଲେଖ କରିଛନ୍ତି। ଲୁଟ୍‌ନିକ୍ ଏପରିକି ଏହା ମଧ୍ୟ କହିଛନ୍ତି ଯେ ଆମେରିକାକୁ ଭାରତ, ବ୍ରାଜିଲ ଏବଂ ସ୍ୱିଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକୁ ଉନ୍ନତ କରିବାକୁ ପଡିବ। ସେ କହିଛନ୍ତି ଯେ ଏହି ଦେଶଗୁଡ଼ିକ ଆମେରିକାର ସ୍ୱାର୍ଥ ବିରୁଦ୍ଧରେ ପଦକ୍ଷେପ ନେବା ବନ୍ଦ କରିବା ସହ ଆମେରିକା ପାଇଁ ସେମାନଙ୍କର ବଜାର ଖୋଲିବା ଉଚିତ୍।



ଲୁଟ୍‌ନିକ୍ ଏହା ମଧ୍ୟ କହିଛନ୍ତି ଯେ ଭାରତ, ବ୍ରାଜିଲ ଏବଂ ସ୍ୱିଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକୁ ଆମେରିକା ସହିତ ନ୍ୟାୟପୂର୍ଣ୍ଣ ବ୍ୟବହାର କରିବା ଉଚିତ। ଯଦି ସେମାନେ ଆମେରିକୀୟ ଗ୍ରାହକମାନଙ୍କୁ ସେମାନଙ୍କର ଉତ୍ପାଦ ବିକ୍ରି କରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ଆମେରିକୀୟ ରାଷ୍ଟ୍ରପତିଙ୍କ ସର୍ତ୍ତାବଳୀ ପାଳନ କରିବାକୁ ପଡିବ। ଏହା ଉଲ୍ଲେଖନୀୟ ଯେ ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗ ଶୁଳ୍କ ଉତ୍ତେଜନା ସହିତ ଜଡିତ। ଯେତେବେଳେ ଟ୍ରମ୍ପ ଭାରତ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିଥିଲେ, ଯେଉଁଥିରେ ରୁଷୀୟ ତୈଳ କ୍ରୟ ଉପରେ ୨୫% ଶୁଳ୍କ ଅନ୍ତର୍ଭୁକ୍ତ ଥିଲା, ଏହା ବିଶ୍ୱର ଯେକୌଣସି ଦେଶ

### ପୁଣି ମୁହଁ ଫୁଟାଣି ମାରିଲେ ଟ୍ରମ୍ପଙ୍କ ମନ୍ତ୍ରୀ

ଉପରେ ଲାଗୁ ହୋଇଥିବା ସର୍ବୋଚ୍ଚ ଶୁଳ୍କ ମଧ୍ୟରୁ ଗୋଟିଏ। ଭାରତ ଆମେରିକାର ଏହି ନିଷ୍ପତ୍ତିକୁ ନିରନ୍ତର ସମାଲୋଚନା କରିଆସିଛି। ଏହା ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ କରି କହିଛି ଯେ ଏହାର ଶକ୍ତି କ୍ରୟ ନୀତି କେବଳ ଜାତୀୟ ସ୍ୱାର୍ଥ ଏବଂ ବଜାର ପରିସ୍ଥିତି ଉପରେ ଆଧାରିତ। ରୁଷ-ୟୁକ୍ରେନ ଯୁଦ୍ଧ ପରେ ଲାଗୁ ହୋଇଥିବା ପାଶ୍ଚାତ୍ୟ ପ୍ରତିବନ୍ଧକ ମଧ୍ୟରେ ଭାରତ ରିଆତି ହାରରେ ରୁଷୀୟ ତୈଳ କ୍ରୟ କରିବା ଆରମ୍ଭ କରିଛି, ଯାହା ଏହାର ଶକ୍ତି ସୁରକ୍ଷା ପାଇଁ ଅତ୍ୟାବଶ୍ୟକ। ଉତ୍ତେଜନା ଜାରି ରହିଥିଲେ ମଧ୍ୟ ଭାରତ-ଆମେରିକା ସମ୍ପର୍କ ବାଣିଜ୍ୟ କ୍ଷେତ୍ରରେ ଦୃଢ଼ ରହିଛି। ୨୦୨୪-୨୫ରେ ଆମେରିକା ଲଗାତାର ଚତୁର୍ଥ ବର୍ଷ ପାଇଁ ଭାରତର ସର୍ବବୃହତ ବାଣିଜ୍ୟିକ ଅଂଶୀଦାର ଭାବରେ ରହିଲା, ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୧୩୧.୮୪ ବିଲିୟନ ଡଲାରରେ ପହଞ୍ଚିଲା। ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ଜାରି ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶୁଳ୍କ ଉତ୍ତେଜନା ମଧ୍ୟରେ, ଭାରତ ଏବଂ ଯୁକ୍ତରାଷ୍ଟ୍ର ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ପାଇଁ କାମ କରୁଛନ୍ତି, ଯାହାର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର-ନଭେମ୍ବର ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି। ଉଭୟ ଦେଶ ୨୦୩୦ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟରେ ୫୦୦ ବିଲିୟନ ଡଲାରରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି। ସମ୍ପ୍ରତି, ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ନେତୃତ୍ୱରେ ଏକ ଭାରତୀୟ ପ୍ରତିନିଧିମଣ୍ଡଳ ନ୍ୟୁୟର୍କ ଗସ୍ତ କରିଥିଲେ ଏବଂ ସେପ୍ଟେମ୍ବର ୧୬ରେ, ଯୁକ୍ତରାଷ୍ଟ୍ର ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟର ଅଧିକାରୀମାନେ ଭାରତ ଗସ୍ତ କରିଥିଲେ, ଯେଉଁଠାରେ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ହୋଇଥିଲା।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଅତିଥି ସତ୍କାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସଫଳତା ପାଇଁ କଠିନ ପରିଶ୍ରମ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଦାନଧର୍ମ କରିବେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ବିଦ୍ୟାର୍ଥୀ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ପେଟଜନିତ ସମସ୍ୟା ଦେଖାଦେଇପାରେ। ହସଖୁସିରେ ଦିନ ବିତିବ।

**ମିଥୁନ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାମ ଆରମ୍ଭ କରିବେ। ନେଣ-ଦେଣ ମାମଲାରେ କାହା ଉପରେ ବିଶ୍ୱାସ କରନ୍ତୁନି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଆୟ ଓ ବ୍ୟୟ ସମାନ ରହିବ।

**କର୍କଟ:** ଆଜି ଦିନଟି ସନ୍ତୋଷଜନକ ରହିବ। ପ୍ରତ୍ୟେକ କାମ ଶାନ୍ତି ଶୃଙ୍ଖଳାର ସହିତ କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଜମି କିଣିପାରନ୍ତି।

**ସିଂହ:** ସାମାଜିକ କାର୍ଯ୍ୟରେ ଯୋଗଦାନ ରହିବ। ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। ଚକ୍ଷୁ ସମସ୍ୟା ଦେଖାଦେବ।

**କନ୍ୟା:** ସୁଖ-ସମୃଦ୍ଧି ବୃଦ୍ଧି ପାଇବ। ଧାର୍ମିକ ସ୍ଥାନକୁ ଯାଇପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିପାରେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ବରିଷ୍ଠ ଲୋକଙ୍କ ସହଯୋଗ ମିଳିପାରେ। ବ୍ୟକ୍ତିଗତ କାର୍ଯ୍ୟରେ ବାଧା ଉପୁଜିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ। ଆୟ ଓ ବ୍ୟୟ ବୃଦ୍ଧି ହେବ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।


**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିପାରେ। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଆୟ ଅନୁସାରେ ଖର୍ଚ୍ଚ ଅଧିକ ହେବ।

## ଆଜିର ଇତିହାସ

- ୧୬୫୦-ଇଂଲଣ୍ଡରେ ପ୍ରଥମ ମ୍ୟାରେଜ୍ ବ୍ୟୁରୋର ଆରମ୍ଭ।
- ୧୮୩୬- ମାଡ୍ରାସ ଚାମ୍ବର ଅଫ୍ କର୍ମସ୍ ଆଣ୍ଡ ଇଣ୍ଡଷ୍ଟ୍ରୀର ସ୍ଥାପନା।
- ୧୯୧୧- ଇଟାଲୀ ଓଟୋମନ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୨୭- ଆମେରିକା ଓ ମେକ୍ସିକୋ ମଧ୍ୟରେ ଟେଲିଫୋନ ସେବା ଆରମ୍ଭ ହେଲା।
- ୧୯୫୯- ଆରତି ଶାହ ଇଂଲିଶ୍ ଚ୍ୟାନେଲ୍ ଅତିକ୍ରମ କଲେ।
- ୧୯୭୮-ପୋପ୍ ଜନ୍ ପଲ୍ ପ୍ରଥମଙ୍କର ରହସ୍ୟମୟ ସ୍ଥିତିରେ ମୃତ୍ୟୁ।

## 'ଡନ୍ ୩'କୁ ମିଳିଲା ଖଳନାୟକ





ବିଗ୍ ବି ଅମିତାଭ, ଶାହାରୁଖ୍ ଖାନ୍‌ଙ୍କ ପରେ ଏବେ ରଣବୀର ସିଂହ ଡନ୍ ଭୂମିକାରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଫରହାନ୍ ଅଖତରଙ୍କ ନିର୍ଦ୍ଦେଶିତ 'ଡନ୍' ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ 'ଡନ୍ ୩'କୁ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଏଥିରେ ରଣବୀର ସିଂହଙ୍କ ସହ କ୍ରିତି ସାନନ୍ ଲିଡ୍ ରୋଲରେ ନଜର ଆସିବେ। ଅନ୍ୟପକ୍ଷରେ ଫିଲ୍ମରେ ରଣବୀରଙ୍କୁ ଟକ୍କର ଦେବା ପାଇଁ ପ୍ରଯୋଜକ ଜଣେ ସାଉଥ୍ କଳାକାରଙ୍କୁ ଏଥିରେ ବ୍ରେକ୍ ଦେଇଛନ୍ତି। ତେବେ ଏଥିରେ ଖଳନାୟକ ଭୂମିକା ପାଇଁ ଫିଲ୍ମ ନିର୍ମାତା 'ମାଷ୍ଟର', 'କୈଥି', 'ବିକ୍ରମ' ଭଳି ହିଟ୍ ଫିଲ୍ମ ଦେଇଥିବା ତେଲୁଗୁ କଳାକାର ଅର୍ଜୁନ୍ ଦାସଙ୍କୁ ବାଛିଛନ୍ତି। ଯଦି ଏହା ସତ ହେଲା, ତେବେ ଅର୍ଜୁନ ଏହି ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବେ। ଫରହାନ୍ ଓ ତାଙ୍କ ଟିମ୍ ଏବେ ଅର୍ଜୁନଙ୍କ ସହ କଥାବାର୍ତ୍ତା କରୁଛନ୍ତି। ଅର୍ଜୁନ୍ ମଧ୍ୟ ଏହି ଫିଲ୍ମ କରିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। ଏହାର ସୁଟିଂ ଆସନ୍ତାବର୍ଷ ଜାନୁଆରୀରୁ ଆରମ୍ଭ ହେବ। 'ଡନ୍ ୩'ର ଆକ୍ସନ୍ ସିନ୍‌ଗୁଡ଼ିକ ସୁଟ୍ ପାଇଁ ଆନ୍ତର୍ଜାତିକ ସ୍ତରର ଷ୍ଟଣ୍ଟ ଟିମ୍ ରହିବ।


## ବିଶ୍ୱ ହୃଦୟ ଦିବସ

ଆଜି ହେଉଛି ୱାର୍ଲଡ୍ ହାର୍ଟ ଡେ' ବା ବିଶ୍ୱ ହୃଦୟ ଦିବସ। ହୃଦ୍‌ରୋଗ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ 'ବିଶ୍ୱ ହୃଦୟ ଦିବସ' ପାଳନ କରାଯାଏ। ସାରା ବିଶ୍ୱରେ ହୃଦ୍‌ଘାତ ମୃତ୍ୟୁ ସଂଖ୍ୟା ବଢ଼ୁଥିବାର ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ବିଶ୍ୱ ହୃଦୟ ଫେଡେରେସନ୍ ମିଳିତ ଭାବେ ବିଶ୍ୱ ହୃଦୟ ଦିବସର କଳ୍ପନା କରିଥିଲେ। ଏହି ବିଶେଷ ଦିନ ପାଳନ କରିବାର ଆରମ୍ଭ ପ୍ରଥମେ ୨୦୦୦ ମସିହାରେ ହୋଇଥିଲା। ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ, ପ୍ରତିବର୍ଷ ସେପ୍ଟେମ୍ବର ମାସ ଶେଷ ରବିବାର ଦିନ ବିଶ୍ୱ ହୃଦୟ ଦିବସ ପାଳନ କରାଯିବ। ୨୦୧୪ରେ ଏଥିରେ ପରିବର୍ତ୍ତନ ଅଣାଯାଇ ସେପ୍ଟେମ୍ବର ୨୯ ତାରିଖକୁ ବିଶ୍ୱ ହୃଦୟ ଦିବସ ଭାବେ ପାଳନ କରିବାକୁ ସ୍ଥିର କରାଗଲା। ଖାଦ୍ୟପେୟ ଅନିୟମିତତା ହେଉ ବା ଶାରୀରିକ ପରିଶ୍ରମର ଅଭାବ, ବର୍ତ୍ତମାନ ହୃଦ୍‌ରୋଗ ଏକ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ସଚେତନତା ଅଭାବରୁ ଅନେକ ଲୋକ ହୃଦ୍‌ଘାତର ଶିକାର ହେବା ସହ ପ୍ରାଣ ମଧ୍ୟ ହରାଉଛନ୍ତି। ବର୍ତ୍ତମାନ ସମୟରେ ଆଧୁନିକ ଜୀବନଶୈଳୀ ଅନେକ ରୋଗର କାରଣ ପାଲଟିଛି। ତା'ମଧ୍ୟରୁ ସବୁଠାରୁ ବଡ଼ ରୋଗ ହେଉଛି ହୃଦ୍‌ରୋଗ। ହୃତ୍‌ପିଣ୍ଡ ଆମ ଶରୀରର ମୁଖ୍ୟ ଅଙ୍ଗ। ହୃତ୍‌ପିଣ୍ଡ ସଠିକ ଭାବେ କାର୍ଯ୍ୟ ନ କଲେ ପୁରା ଶରୀରରେ ସମସ୍ୟା ଦେଖାଯାଇଥାଏ। ତେଣୁ ହାର୍ଟ ବା ହୃଦୟକୁ ସୁସ୍ଥ ରଖିବା ନିହାତି ଦରକାର।

ଫାଷ୍ଟଫୁଡ୍, ଜଙ୍କଫୁଡ୍, ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ ଖାଇବା, ମଦ୍ୟପାନ, ଧୂମପାନ ସହ ବ୍ୟାୟାମରୁ ଦୂରେଇ ରହିବା ଦ୍ୱାରା ହୃଦ୍‌ଯନ୍ତ୍ର ଦୁର୍ବଳ ଏବଂ ରୁଗ୍‌ଣ ହୋଇଯାଇଥାଏ। ଅତ୍ୟଧିକ ଚିନ୍ତା ଓ ଉଦ୍‌ବେଗ ମଧ୍ୟ ହୃଦ୍‌ରୋଗକୁ ଡାକିଆଣେ। ୫୦ ରୁ ଅଧିକ ବୟସ୍କ ଲୋକଙ୍କଠାରେ ଏହା ସାଧାରଣତଃ ଅଧିକ ଦେଖାଯାଏ। ତେବେ ସ୍ତ୍ରୀ ଲୋକଙ୍କ ତୁଳନାରେ ପୁରୁଷମାନେ କମ୍ ବୟସରେ ହୃଦରୋଗର ଶିକାର ହେବାର ସମ୍ଭାବନା ଅଧିକ ଥାଏ। ହୃଦୟ ମାନସିକ ଆଉ ଶାରୀରିକ ସୁସ୍ଥତାର ଏକ ପ୍ରମୁଖ ଅଂଶ। ତେଣୁ ହୃଦୟ ସୁସ୍ଥ ରହିବା ନିହାତି ଆବଶ୍ୟକ। ମାତ୍ର ବର୍ତ୍ତମାନ ପରିସ୍ଥିତି ଏପରି ହେଲାଣି, ହୃଦସ୍ପନ୍ଦନ କେତେବେଳେ ଠପ୍ ହୋଇଯାଉଛି, ତା'ର ସାମାନ୍ୟ ସଙ୍କେତ ବି ମିଳୁନି। ଉଚିତ ଖାଦ୍ୟ ପାନୀୟ ଗ୍ରହଣ, ନିୟମିତ ବ୍ୟାୟାମ, ଧୂମପାନ ବର୍ଜନ ଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ। ଏହି ଦିବସ ମାଧ୍ୟମରେ ହୃଦ୍‌ରୋଗକୁ କିଭଳି ଦୂର କରାଯାଇପାରିବ, ସେ ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ଚଳିତବର୍ଷ ବିଶ୍ୱ ହୃଦୟ ଦିବସର ଥିମ୍ ରହିଛି "Don't Miss a Beat"।

## ୬୩ ଦିନ ଧରି ଗୁମ୍ଫାରେ ରହିଲେ ବୈଜ୍ଞାନିକ


ମିସେଲ ସିଫ୍ରେ ନାମକ ଜଣେ ବୈଜ୍ଞାନିକ ୧୯୬୨ ମସିହାରେ ଏକ ନିଆରା ପରୀକ୍ଷା କରିଥିଲେ। ଫ୍ରାନ୍ସର ଆଲପସ୍ ପର୍ବତମାଳାର ଏକ ୧୩୦ ମିଟର ଗଭୀର ଗୁମ୍ଫାକୁ ସେ ଏକ ଗ୍ଲେସିୟର୍ ଠାବ କରିବାକୁ ଯାଇଥିଲେ। ଅବଶ୍ୟ ପରେ ସେ ମନ ପରିବର୍ତ୍ତନ କରି ନେଇଥିଲେ। ଘଣ୍ଟା, ସୂର୍ଯ୍ୟାଲୋକ, କ୍ୟାଲେଣ୍ଡର ବିନା ଏକ ମାହୋଲରେ ସେ ୬୩ ଦିନ ଜୀବନ ବିତାଇବା ପାଇଁ ସ୍ଥିର କରିଥିଲେ। ଏହି ସମୟରେ ସେ ମଣିଷର ଶରୀର ସମୟର ଉପସ୍ଥିତିକୁ କିପରି ଜାଣୁଛି ତାହା ଜାଣିବାକୁ ଚେଷ୍ଟା କରିଥିଲେ। ତାଙ୍କର ଏହି ପରୀକ୍ଷା ସେତେବେଳେ ଜୀବ ବିଜ୍ଞାନରେ ହଇଚଇ ସୃଷ୍ଟି କରିଥିଲା। ଗୁମ୍ଫାରେ ରହିବା ମିସେଲଙ୍କ ପାଇଁ ବେଶ୍ କଷ୍ଟକର ଥିଲା। କାରଣ ଏଠାରେ ତାପମାତ୍ରା ଶୂନ ଡିଗ୍ରୀ ରହୁଥିଲା। ହେଲେ ଗୁମ୍ଫାର ଶାନ୍ତ ପରିବେଶ ତାଙ୍କୁ ବହୁତ ଭଲ ଲାଗୁଥିଲା। ଏଠାରେ ଦିନ ରାତି ଜଣାପଡୁ ନ ଥିବାରୁ ତାଙ୍କର ଜୈବିକ ଚକ୍ର ବିଗିଡ଼ିବାକୁ ଲାଗିଲା। ଅତ୍ୟଧିକ ଥଣ୍ଡା ଏବଂ ଏକାକୀତ୍ୱ ତାଙ୍କ ମନ ଏବଂ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଲା। ଏହି ଯନ୍ତ୍ରଣାପୂର୍ଣ୍ଣ ଅଭିଜ୍ଞତା ତାଙ୍କୁ ମନୁଷ୍ୟ ଶରୀର ଉପରେ ଏକାକୀତ୍ୱର ପ୍ରଭାବ ବୁଝିବାରେ ସାହାଯ୍ୟ କଲା। ସୂର୍ଯ୍ୟାଲୋକ ଏବଂ ଘଣ୍ଟା ନ ଥିବା କାରଣରୁ ତାଙ୍କ ଶରୀରର ଜୈବିକ ଘଣ୍ଟା ୨୪ ଘଣ୍ଟାରୁ ବିଚ୍ୟୁତ ହୋଇଥିଲା। ଆରମ୍ଭରୁ ତାଙ୍କର ଜୈବିକଚକ୍ର ୨୪.୫ ଘଣ୍ଟା ଥିବାବେଳେ ପରବର୍ତ୍ତୀ ସମୟରେ ଏହା ୩୬ ଘଣ୍ଟାକୁ ବୃଦ୍ଧି ପାଇଥିଲା। କାରଣ ଏହି ସମୟରେ ମିସେଲ ୨୪ ଓ ୩୬ ଘଣ୍ଟା ମଧ୍ୟରେ ଅନ୍ତର ଜାଣି ପାରି ନ ଥିଲେ। ମଣିଷ ଶରୀର ତା'ର ନିଜସ୍ୱ ଆଭ୍ୟନ୍ତରୀଣ ଘଣ୍ଟା ଦ୍ୱାରା କାମ କରିଥାଏ ଓ ଏହା ବାହାର ଦୁନିଆରୁ ଅଲଗା ହୋଇଥାଏ ବୋଲି ମିସେଲଙ୍କ ଏହି ଆବିଷ୍କାର ପ୍ରମାଣ କରିଥିଲା। ଆରମ୍ଭରୁ ମିସେଲଙ୍କ ଗବେଷଣାକୁ ଅନ୍ୟ ବୈଜ୍ଞାନିକମାନେ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ ହେଁ ପରେ ପରେ ତାଙ୍କ ପରୀକ୍ଷାର ଗୁରୁତ୍ୱ ବଢ଼ିଥିଲା। ଏହାପରେ କ୍ରୋନୋବାୟୋଲୋଜି, ନାମକ ଏକ ବିଜ୍ଞାନ ସାମ୍ନାକୁ ଆସିଥିଲା। ଏହା ଆମ ଶରୀର ସମୟ ସହିତ କିପରି ଖାପ ଖାଏ, ତାହା ସ୍ପଷ୍ଟ କରିଥିଲା।



## ନବରାତ୍ରୀରେ ୧୦୮ ନାମ ଜପ

ନବରାତ୍ରୀରେ ମନ୍ତ୍ର ଓ ନାମ ଜପକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏହି ସମୟରେ ଦେବୀ ଦୁର୍ଗାଙ୍କ ୧୦୮ ନାମ ଜପ କରିବା ଉଚିତ। ଦୁର୍ଗା, ପ୍ରଥମା, ଜୟା, ଚନ୍ଦ୍ରଘଣ୍ଟା, ମହାତପା, ବୁଦ୍ଧି, ଶକ୍ତି, ଅନନ୍ତ, ଭବାନି, ରତ୍ନପ୍ରିୟା, ସର୍ବବିଦ୍ୟା, ବହୁରଙ୍ଗୀ, ପାତାଳବତୀ ଭଳି ଆହୁରି ଅନେକ ନାମ ଦେବୀ ଦୁର୍ଗାଙ୍କର ଅଛି। ତାଙ୍କ ନାମ ଓ ମନ୍ତ୍ର ଜପରୁ ଅନେକ ଲାଭ ମିଳିଥାଏ। ବିଶେଷକରି ନବରାତ୍ରୀରେ ଦୁର୍ଗା ମା'ଙ୍କ ନାମ ଜପ କଲେ ଅଲୌକିକ ଲାଭ ମିଳେ। ଏହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବି ଭଲ ପ୍ରଭାବ ପକାଏ। ଏହି ନାମ ଜପ ଦ୍ୱାରା ଆଧ୍ୟାତ୍ମିକ ଉନ୍ନତି ହେବା ସହ ଜୀବନର ବାଧା ବି ଦୂର ହୁଏ। ସେହିପରି ଶରୀରରେ ଶକ୍ତି ନିରନ୍ତର ବଢ଼ିଥାଏ। ଏହି ମନ୍ତ୍ର ଜପ ଦ୍ୱାରା ଦେବୀ ମା'ଙ୍କ ଅସୀମ କୃପା ପ୍ରାପ୍ତି ହୁଏ। ତେବେ ଏହାକୁ କେବଳ ପୂଜା ସମୟରେ ଜପ କରାଯିବ ତାହା ନୁହେଁ, ଦିନର ଯେକୌଣସି ସମୟରେ ଦେବୀ ମା'ଙ୍କ ନାମକୁ ଜପ କରାଯାଇପାରିବ।

**ନବରାତ୍ରୀ ଭଳି ପବିତ୍ର ଅବସରରେ ଦୁର୍ଗା ମା'ଙ୍କ ୧୦୮ ନାମ ଜପ କରିବା ଅତ୍ୟନ୍ତ ଶୁଭ। ଏହି ନାମ ଜପ ଦ୍ୱାରା ମାନସିକ ଶାନ୍ତି, ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ ହୁଏ। ତା'ସହ ଜୀବନର ସମସ୍ତ ବାଧା ଦୂର ହୁଏ।**



# ସ୍ୱସ୍ତି

## ପବିତ୍ର ବିଜୟା ଦଶମୀ



**ଆଶ୍ୱିନ ଶୁକ୍ଳ ଦଶମୀକୁ 'ବିଜୟା ଦଶମୀ' କୁହାଯାଏ। ଏହି ଦିନ ମାଆ ଦୁର୍ଗାଙ୍କୁ ପୂଜନ କଲେ ମାନବ ଦଶ ଜନ୍ମକୃତ ପାପରୁ ଉଦ୍ଧାର ପାଏ ବୋଲି, ଏହାକୁ "ଦଶହରା" କୁହାଯାଏ। ଏତଭିନ୍ନ ଏହି ତିଥିରେ ମାଆ ଦୁର୍ଗାଙ୍କ ପୂଜା ନିଷ୍ଠାର ସହ ପାଳନ କଲେ ଦଶ ବାଧାବିଘ୍ନ ଦୂର ହେଉଥିବାରୁ ଏହାର ନାମ ଦଶହରା। ଦଶହରା ବା ବିଜୟା ଦଶମୀ ହେଉଛି ଜଗତଜନନୀଙ୍କ ଶାରଦୀୟ ଦୁର୍ଗା ପୂଜାର ଶେଷ ଦିନ। ଏହିଦିନ ବିଭିନ୍ନ ଦୁର୍ଗା ମନ୍ଦିର ତଥା ପୂଜା ମଣ୍ଡପରେ ମା'ଙ୍କର ରୀତିନୀତିରେ ପୂଜାର୍ଚ୍ଚନା କରାଯାଏ।**

- ଦଶହରାରେ ଖଣ୍ଡା, ଢାଲ, ଲଙ୍ଗଳ, କରଣୀ ଆଦି ବିଭିନ୍ନ ପାରମ୍ପରିକ ଯନ୍ତ୍ର ଏବଂ ଉପକରଣ ପୂଜା କରାଯାଇଥାଏ। ଏହି ଦଶମୀ ପର୍ବକୁ ଅପରାଜିତା ପୂଜା ମଧ୍ୟ କୁହାଯାଏ। ତେବେ ଦୁର୍ଗା ମା'ଙ୍କୁ ଅପରାଜିତା ଫୁଲରେ ପୂଜା କଲେ ଦୁର୍ଗା ମା' ସନ୍ତୁଷ୍ଟ ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି। ସେହିପରି ବିଜୟା ଦଶମୀରେ ଅପରାଜିତା ଫୁଲରେ ମା' ଦଶଭୂଜାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଏ।
- ପୁରାଣ ଅନୁସାରେ, ମହିଷାସୁର ଅତ୍ୟାଚାରରେ ଦେବତାମାନେ ତ୍ରାହି ତ୍ରାହି ଡାକିଲେ। ତେବେ ଏହି ରାକ୍ଷସର ଅତ୍ୟାଚାର ଅସହ୍ୟ ହେବାରୁ ଦେବତାମାନେ ଦୁର୍ଗାଙ୍କୁ ଆବାହନ କଲେ। ଦେବୀ ଦୁର୍ଗା ସିଂହବାହିନୀ ସାଜି ମହିଷାସୁରର ବଧ କରିଥିଲେ। ପାପୀ ମହିଷାସୁରକୁ ବଧ କରି ତିନିପୁରରେ ମା' ଦୁର୍ଗା ଶାନ୍ତି ପ୍ରତିଷ୍ଠା କରିଥିଲେ। ସେହିପରି ଦଶହରା ଦିନ ଶ୍ରୀରାମ ମାତୃଶକ୍ତି ବନଦୁର୍ଗାଙ୍କୁ ପୂଜା କରି ରାବଣକୁ ବଧ କରି ମା' ସୀତାଙ୍କୁ ଉଦ୍ଧାର କରିଥିଲେ। ଏଣୁ ଦଶହରାକୁ ଅଧର୍ମ ଉପରେ ଧର୍ମର ବିଜୟ ଉତ୍ସବ ଭାବେ ପାଳନ କରାଯାଏ। ଏହିଦିନ ଯାନବାହନ ପୂଜା କରାଯାଏ।
- ଦଶହରା ଦିନ ରାବଣପୋଡ଼ିର ପରମ୍ପରା ରହିଛି। ଏହା ହିଁ ହେଉଛି ଏହିଦିନର ମୁଖ୍ୟ ଆକର୍ଷଣ। କୁହାଯାଏ, ରାବଣ ପୋଡ଼ି ଦ୍ୱାରା ଅସତ୍ୟର ଲୋପ ଘଟି ସତ୍ୟର ବିଜୟ ହୁଏ। ତେଣୁ ଅଧର୍ମ ଉପରେ ଧର୍ମର ବିଜୟ ପ୍ରତୀକ ଭାବେ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଦେଖିବାକୁ ମିଳିଥାଏ। ଅନ୍ୟପକ୍ଷରେ ଦଶହରା ଅବସରରେ ବିଭିନ୍ନ ପୂଜା ମଣ୍ଡପରେ ଭାବ ଓ ଭକ୍ତିମୟ ପରିବେଶ ଥାଏ।

**ଅନେକ ସମୟରେ ଆର୍ଥିକ ସମସ୍ୟା ଯୋଗୁଁ ଧାର କରଜ କରିବାକୁ ପଡ଼େ। ତେବେ ଋଣ ଭାର କାହିଁକି ବଢ଼େ, ସେ ସମ୍ପର୍କରେ ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ କୁହାଯାଇଛି।**

- ମଙ୍ଗଳବାର ଦିନ କାହାଠୁ ଧାର ଆଣନ୍ତୁ ନାହିଁ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହିଦିନ ମଙ୍ଗଳଗ୍ରହକୁ ସମର୍ପିତ। ମଙ୍ଗଳ ପ୍ରଭାବ ଯୋଗୁଁ ଋଣ ସୁଝି ହୁଏ ନାହିଁ ବୋଲି କୁହାଯାଏ।
- ଘରକୁ ମଙ୍ଗଳବାର ଓ ଶନିବାର ଲୁଣ କିଣିକି ଆଣିବା ଅନୁଚିତ। ଏହିଦିନ କିଣାଯାଉଥିବା ଜିନିଷ ଘରକୁ ନକାରାତ୍ମକ ଶକ୍ତି ସଞ୍ଚାର କରେ। ଫଳରେ ଆର୍ଥିକ ସଙ୍କଟ ବୃଦ୍ଧି ପାଏ।
- ଘରର ପୂର୍ବ ଦିଗରେ ଦର୍ପଣ ଲଗାଇବା ଦ୍ୱାରା ଋଣ ଭାର ବଢ଼ିଥାଏ। ଏହା ଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ ଚିନ୍ତା, ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଆର୍ଥିକ ସମସ୍ୟା ଉତ୍ପନ୍ନ ହୋଇପାରେ।
- ଘରର ମୁଖ୍ୟ ଦ୍ୱାର ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହିଠାରୁ ଘରକୁ ମହାଲକ୍ଷ୍ମୀ ଏବଂ ସକାରାତ୍ମକ ଶକ୍ତିର ପ୍ରବେଶ ହୁଏ। ଘରର ମୁଖ୍ୟ ଦ୍ୱାରରେ ଡଷ୍ଟବିନ୍ ରଖିଲେ ସକାରାତ୍ମକ ଶକ୍ତି ବାଧାପ୍ରାପ୍ତ ହୁଏ।



## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

**ଶିବନାରାୟଣ ମହାପାତ୍ର**

ଶ୍ରୀମଦ୍ ଭାଗବତର ଚତୁର୍ଥ ସ୍କନ୍ଧ, ୨୫ ଠାରୁ ୨୮ ଅଧ୍ୟାୟରେ ଏକ ଭାବ ଉଦ୍ରେକ ମନୋଜ୍ଞ ଉପାଖ୍ୟାନ ରହିଅଛି। ଏହାର ଶୀର୍ଷକ ପୁରଞ୍ଜନ ଉପାଖ୍ୟାନ। ଜୀବାତ୍ମା ଓ ପରମାତ୍ମାଙ୍କ ସମ୍ପର୍କ ବିଷୟରେ ଅତ୍ୟନ୍ତ ତାତ୍ତ୍ୱିକ ଭାବରେ ଏକ କଥା ଛଳରେ ନାରଦ ମୁନୀ ପ୍ରାଚୀନବର୍ହିଙ୍କୁ ଏହି ଉପାଖ୍ୟାନ ଶୁଣାଇଛନ୍ତି।

ପ୍ରାଚୀନବର୍ହି କିଏ ପ୍ରଥମେ ଜାଣିବା। ଶ୍ରୀମଦ୍ ଭାଗବତରେ ଧ୍ରୁବ ଏକ ପରିଚିତ ଚରିତ୍ର। ଧ୍ରୁବଙ୍କ ପୁତ୍ର ହେଉଛନ୍ତି ଅଙ୍ଗ, ଅଙ୍ଗଙ୍କ ପୁତ୍ର ବେନ, ବେନଙ୍କ ପୁତ୍ର ପୃଥୁ, ପୃଥୁଙ୍କ ପୁତ୍ର ପ୍ରାଚୀନବରହୀ। ଅର୍ଥାତ ଧ୍ରୁବ ମହାରାଜଙ୍କ ବଂଶ ପରମ୍ପରାରେ ପ୍ରାଚୀନବରହୀ ଜନ୍ମ ଗ୍ରହଣ କରିଥିଲେ।

ପ୍ରାଚୀନବରହୀ ଜଣେ କର୍ମ କାଣ୍ଡି ରାଜା ଥିଲେ। ସେ ଅନେକ କର୍ମ କାଣ୍ଡ ଓ ଯଜ୍ଞାଦି କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ଯଜ୍ଞ ଶେଷରେ ସେ ଅନେକ ପଶୁ ବଳି ଦେଉ ଥିଲେ। ନିରୀହ ପଶୁ ଗୁଡିକ ଅସମୟରେ ମୃତ୍ୟୁ ମୁଖରେ ପଡି କଷ୍ଟ ପାଉଥିଲେ ଓ ସ୍ୱର୍ଗରେ ଥାଇ ପ୍ରାଚୀନବରହୀଙ୍କୁ ଅଭିଶାପ ଦେଉ ଥିଲେ। ଏ କଥା ନାରଦ ମୁନୀଙ୍କ ଦୃଷ୍ଟି ଗୋଚର ହୁଅନ୍ତେ ସେ ପ୍ରାଚୀନବରହୀଙ୍କ ପାଖରେ ପହଞ୍ଚି କହିଲେ, "ଅସଲ ସୁଖ ଭଗବତ ପ୍ରାପ୍ତିରେ ଅଛି, ଯାହା କର୍ମକାଣ୍ଡ ଦ୍ୱାରା ହାସଲ ହୋଇ ପାରେ ନାହିଁ।" ପ୍ରାଚୀନବରହୀ ନାରଦଙ୍କୁ କହିଲେ, "ମୁନୀବର, କଅଣ କଲେ ସୁଖ ପ୍ରାପ୍ତି ହେବ ସେ ବିଷୟରେ ମୋତେ ଜ୍ଞାନ ଦିଅନ୍ତୁ।" ନାରଦ ମୁନି ପ୍ରାଚୀନବରହୀଙ୍କୁ ଏକ ଗଳ୍ପ ମାଧ୍ୟମରେ ଜୀବାତ୍ମା ଓ ପରମାତ୍ମାଙ୍କ ସମ୍ପର୍କ ବିଷୟରେ ଉପଦେଶ ଦେଲେ, ଯାହାର ନାମ "ପୁରଞ୍ଜନ ଉପାଖ୍ୟାନ।" (କ୍ରମଶଃ)

କେଶୁରା,
ମୋ: ୮୨୪୯୨୧୩୦୪୦

### ଏସିଆ କପ୍‌ରେ ସ୍ପିନରଙ୍କ କମାଲ, ତିଳକ ବର୍ମାଙ୍କ ଅର୍ଦ୍ଧଶତକ

# ପାକିସ୍ତାନ ଧରାଶାୟୀ; ଭାରତକୁ ୯ମ ଟାଇଟଲ୍

ଦୁବାଇ, ୨୮ା୯ (ଏଜେନ୍ସି):



ପାକିସ୍ତାନକୁ ୫ ୱିକେଟରେ ହରାଇ ବିଶ୍ୱ ଚାମ୍ପିଅନ୍ ଭାରତ ୨୦୨୫ ଏସିଆ କପ୍ ଟି-୨୦ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ତଥା ରୋମାଞ୍ଚକ ଫାଇନାଲରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୯.୧ ଓଭରରେ ୧୪୬ ରନ୍ କରିଥିଲା। ଜବାବରେ ଭାରତ ୨ଟି ବଲ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବାମହାତୀ ବ୍ୟାଟର ତିଳକ ବର୍ମା ଉଭୟ ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି ୫୩ ବଲ୍‌ରେ ୩ ଚୌକା ଓ ୪ଛକା ସହ ଅପରାଜିତ ୬୯ ରନ୍ କରିବା ସହ ଭାରତକୁ ୯ମଥର ଏସିଆ କପ୍ ଜିତାଇଥିଲେ। ଏହି ଫାଇନାଲରେ ୧୪୭ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଭାରତ ୨୦ ରନ୍‌ରେ ପ୍ରଥମ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ୫, ସୂର୍ଯ୍ୟକୁମାର ଯାଦବ ୧ ଓ ଶୁବମନ ଗିଲ୍ ୧୨ ରନ୍‌ରେ ଆଉଟ ହୋଇଥିଲେ। ଏହି ସମୟରେ ତିଳକ ୪ର୍ଥ ୱିକେଟରେ ସଞ୍ଜୁ ସାମସନଙ୍କ ସହ ୫୦ ବଲରୁ ୫୭ ଓ ୫ମ ୱିକେଟ ଯୋଡିରେ ଶିବମ ଦୁବେଙ୍କ ସହ ୪୦ ବଲ୍‌ରେ ୬୦ ରନ୍ ଉଠାଇବା ସହ ଭାରତକୁ ଆକର୍ଷଣୀୟ ବିଜୟ ପ୍ରଦାନ କରିଥିଲେ। ସଞ୍ଜୁ ୨୧ ବଲ୍‌ରେ ୨୪ ଓ ଦୁବେ ୨୨ ବଲ୍‌ରେ ୩୩ ରନ୍ କରିଥିଲେ। ୧୯ତମ ଓଭରରେ ଦୁବେ ଆଉଟ ହେବା ପରେ ତିଳକ ଓ ରିଙ୍କୁ ୪ଟି ବଲ୍‌ରୁ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିଥିଲେ।

ଭାରତ ଏହାକୁ ମିଶାଇ ଏସିଆ କପ୍‌ରେ ୯ମଥର ଚାମ୍ପିଅନ ହୋଇଛି। ଏହା ମଧ୍ୟରୁ ଦିନିକିଆ ଫର୍ମାଟରେ ୭ଥର ଓ ଟି-୨୦ ଫର୍ମାଟରେ ୨ଥର ଟାଇଟଲ ଜିତିଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଗୋଟିଏ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନକୁ ଭାରତ ୩ଟି ମ୍ୟାଚ୍‌ରେ ପରାସ୍ତ କରିବାର ବିରଳ ରେକର୍ଡ ପ୍ରତିଷ୍ଠା କରିଛି। ଲିଗ୍ ପର୍ଯ୍ୟାୟରେ ୭ ୱିକେଟ, ସୁପର-୪ରେ ୬ ୱିକେଟ ଓ ଫାଇନାଲରେ ୫ ୱିକେଟରେ ପାକିସ୍ତାନକୁ ଭାରତ ହରାଇଥିଲା। ଏସିଆ କପ୍‌ର ୪୧ ବର୍ଷ ଇତିହାସରେ ଏହା ଉଭୟଙ୍କ ମଧ୍ୟରେ ପ୍ରଥମ ଫାଇନାଲ ଥିଲା ଓ ଏଥିରେ ଭାରତ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ହ୍ୟାଟ୍ରିକ ପରାଜୟର ସମ୍ମୁଖୀନ ହୋଇଥିଲାବେଳେ ଭାରତ ଅପରାଜେୟ ରହିଛି।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଆରମ୍ଭରୁ ଭଲ ବ୍ୟାଟିଂ କରିଥିଲା। ଦଳ ଏକଦା କୌଣସି ୱିକେଟ ନ ହରାଇ ୮୪ ରନ୍ କରିଥିଲା। ଏହି ସମୟରେ ଫରହାନ୍‌ଙ୍କୁ ଆଉଟ କରି ପାକିସ୍ତାନର ରନ୍ ଇଞ୍ଜିନକୁ ଅକାମୀ କରିଦେଇଥିଲେ ବରୁଣ ଚକ୍ରବର୍ତ୍ତୀ। ଫରହାନ ୩୮ ବଲ୍‌ରେ ୫ ଚୌକା ଓ ୩ ଛକା ସହ ୫୭ ରନ୍ କରି ଆଉଟ ହୋଇଥିଲେ। ଫରହାନଙ୍କ ଆଉଟ ପରେ ପାକିସ୍ତାନ ବ୍ୟାଟର ମାନେ ପଡ଼ିଆରୁ ପାଭିଲିୟନକୁ ଯିବାଆସିବା କରିଥିଲେ। ଦଳ ତାହାର ସମସ୍ତ ୧୦ଟି ଯାକ ୱିକେଟ ପରବର୍ତ୍ତୀ ୬୨ ରନ୍‌ରେ ହରାଇଥିଲା। ଏପରିକି ପାକିସ୍ତାନ ତାହାର ଶେଷ ୬ଟି ୱିକେଟ ମାତ୍ର ୨୧ ରନ୍‌ରେ ହରାଇଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ୧୭ତମ ଓଭରରେ ୩ଟି ୱିକେଟ ନେଇ ପାକିସ୍ତାନର ବ୍ୟାଟିଂକୁ ଧ୍ୱଂସ କରିଦେଇଥିଲେ। ସେ ୩୦ ରନ୍‌ରେ ୪ଟି, ଅକ୍ଷର ପଟେଲ ସୁନ୍ଦର ବୋଲିଂ କରି ୨୬ ଓ ବରୁଣ ଚକ୍ରବର୍ତ୍ତୀ ୩୦ ରନ୍‌ରେ ୨ଟି ୱିକେଟ ନେଇଥିଲେ। ଏମାନେ ୧୨ ଓଭରରେ ୮୬ ରନ୍ ଦେଇ ୮ଟି ୱିକେଟ ନେଇଥିଲେ। ଅନ୍ୟ ଦୁଇଟି ୱିକେଟ ବୁମ୍‌ରାଙ୍କୁ ମିଳିଥିଲା।

## ଓସିଏର ଅଭିନନ୍ଦନ

କଟକ,୨୮ା୯ (ସମିସ): ବିସିସିଆଇରେ ୩ଜଣ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଜାତୀୟ ସିନିଅର ଚୟନ କମିଟିରେ ଶିବସୁନ୍ଦର ଦାସ ଓ ପ୍ରଜ୍ଞାନ ଓଝା। ସେହିପରି ଦେବାଶିଷ ମହାନ୍ତି ଅଷ୍ଟ୍ରେଲିଆ ଗସ୍ତରେ ଥିବା ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳର ଫାଷ୍ଟ ବୋଲିଂ କୋଚ୍ ଭାବେ କାମ କରୁଛନ୍ତି। ଏହି ୩ଜଣ ଓଡ଼ିଆଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବାରୁ ଓଡ଼ିଶା କ୍ରିକେଟ ସଂଘ (ଓସିଏ) ପକ୍ଷରୁ ସମ୍ପାଦକ ସଞ୍ଜୟ ବେହେରା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଓସିଏ ପକ୍ଷରୁ ଆଇସିସି ଚେୟାରମ୍ୟାନ ଜୟ ଶାହ, ବିସିସିଆଇ ସଭାପତି ମିଥୁନ ମାନହାସ ଓ ସମ୍ପାଦକ ଦେବଜିତ ସାଇକିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମହିଳା ରଗ୍‌ବୀ ବିଶ୍ୱକପ୍ ଜିତିଲା ଇଂଲଣ୍ଡ

ଲଣ୍ଡନ, ୨୮ା୯ (ଏଜେନ୍ସି): ମହିଳା ରଗ୍‌ବୀ ବିଶ୍ୱକପ୍‌ର ୧୦ମ ସଂସ୍କରଣରେ ଆୟୋଜକ ଇଂଲଣ୍ଡ ଦଳ ଚାମ୍ପିଅନ ହୋଇଛି। ଟ୍ୱିକେନହାମରେ ରବିବାର ଖେଳାଯାଇଥିବା ଗ୍ରାଣ୍ଡ ଫାଇନାଲରେ ଇଂଲଣ୍ଡ ମହିଳା ଦଳ ୩୩-୧୩ ସ୍କୋରରେ କାନାଡାକୁ ପରାସ୍ତ କରି ୩ୟଥର ଲାଗି ଟାଇଟଲ୍ ହାସଲ କରିଛି। ଏଥି ପୂର୍ବରୁ ଇଂଲଣ୍ଡ ପ୍ରଥମଥର ଲାଗି ୧୯୯୪ରେ ଓ ଶେଷଥର ଲାଗି ୨୦୧୪ରେ ମହିଳା ରଗ୍‌ବୀ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ସେହିଭଳି ଇଂଲଣ୍ଡ ୨୦୦୨ରୁ କ୍ରମାଗତ ଭାବେ ଗତ ୭ଟି ବିଶ୍ୱକପ୍‌ରେ ଫାଇନାଲ ଖେଳିଆସୁଛି।

## ବିଶ୍ୱ ପାରା ଆଥଲେଟିକ୍ସରେ ୧୨ ଓଡ଼ିଆ କର୍ମକର୍ତ୍ତା

ଭୁବନେଶ୍ୱର,୨୮ା୯ (ସମିସ): ଭାରତରେ ପ୍ରଥମଥର ନୂଆଦିଲ୍ଲୀରେ ଗତକାଲିଠାରୁ ଆରମ୍ଭ ହୋଇଛି ୱାର୍ଲ୍ଡ ପାରା ଆଥଲେଟିକ୍ ଚାମ୍ପିଅନସିପ୍। ଅକ୍ଟୋବର ୫ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ୧୨ଜଣ ଓଡ଼ିଆ ନ୍ୟାସନାଲ ଟେକ୍ନିକାଲ ଅଫିସିଆଲ ଭାବେ ନିଯୁକ୍ତ ହୋଇଛନ୍ତି। ଏପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ



ଓଡ଼ିଶାରୁ ପ୍ରଥମଥର ଏତେ ସଂଖ୍ୟାରେ କର୍ମକର୍ତ୍ତା ସ୍ଥାନ ପାଇଛନ୍ତି। ସ୍ଥାନ ପାଇଥିବା କର୍ମକର୍ତ୍ତାମାନେ ହେଲେ ଦେବମୃତା ସାହୁ, ରଶ୍ମିରଞ୍ଜନ ମଲ୍ଲିକ, ପ୍ରିୟଞ୍ଜନ ନାୟକ, ଲକ୍ଷ୍ମୀଧର ମହାନ୍ତି, ଗୋପାଳ ସୋନି, ଶୋଭାରାଣୀ ଦୋରା, ପତ୍ରପୁଷ୍ପ ମହାନ୍ତି, ଲିପ୍‌ସା ମିଶ୍ର, ରୋନାଲି ସାହୁ, ପୂଜା ବେହେରା, ମାଳବିକା ମିଶ୍ର ଓ ସରିତା ସାହୁ।

## ଏସ୍‌ପିଡି ସ୍ମାରକୀ ଚେସ୍; ଦୀପ୍ତିରଞ୍ଜନ ଚାମ୍ପିଅନ



ଭୁବନେଶ୍ୱର,୨୮ା୯ (ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଆଉ ଏକ ଦିନିକିଆ ଓ ୫ ରାଉଣ୍ଡ ବିଶିଷ୍ଟ ୫ମ ସୁରେନ୍ଦ୍ର ପ୍ରସାଦ ଦାସ ସ୍ମାରକୀ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ବଡ଼ଗଡ କେନାଲ ରୋଡ୍‌ରେ ଥିବା ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରର ଦୀପ୍ତିରଞ୍ଜନ ନାୟକ ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କନ୍ଧମାଳର ଲରେନ୍ସ ପ୍ରଧାନ ରନର୍ସ ଅପ୍ ଓ ଭୁବନେଶ୍ୱରର ଦିବ୍ୟାଂଶୁ କୁମାର ପଶାୟତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟୁର୍ଣ୍ଣାମେଣ୍ଟକୁ ସ୍କୁଲର ଚେୟାରମ୍ୟାନ୍ ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଚିତ୍ତରଞ୍ଜନ ଦେବତା ଖେଳ ଶେଷରେ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ୍‌ର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଓ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ପୁରସ୍କାର ପ୍ରଦାନ ଉତ୍ସବ ବିଳମ୍ବିତ

## ଦେଢ଼ ଘଣ୍ଟା ପରେ ଆସିଲେ ପାକିସ୍ତାନ ଖେଳାଳି

ଦୁବାଇ, ୨୮ା୯ (ଏଜେନ୍ସି): ଏସିଆ କପ୍‌ରେ ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳିମାନେ କରମର୍ଦ୍ଦନ ନ କରିବା ନେଇ ସୃଷ୍ଟି ହୋଇଥିବା ବିବାଦର ପ୍ରଭାବ ଫାଇନାଲ ପରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବରେ ପଡ଼ିଥିଲା। ପରାଜିତ ହେବା ପରେ ପାକିସ୍ତାନର ଖେଳାଳିମାନେ ଡ୍ରେସିଂ ରୁମ୍‌ରୁ ବାହାରି ନ ଥିଲେ। ପାକିସ୍ତାନର କୋଚ୍ ମାଇକ୍ ହେସନ ଓ ସଲମାନ ଅଲି ଆଘାଙ୍କ ସହ ଏସୀୟ ତଥା ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀ ଆଲୋଚନା କରିବା ପରେ ଖେଳାଳିମାନେ ଦୀର୍ଘ ଦେଢ଼ ଘଣ୍ଟା ପରେ ପଡ଼ିଆକୁ ଆସିଥିଲେ ଓ ରନର୍ସ ଅପ୍ ପୁରସ୍କାର ମଧ୍ୟ ଗ୍ରହଣ କରିଥିଲେ। କିନ୍ତୁ ଚାମ୍ପିଅନ ହୋଇଥିବା ଭାରତୀୟ ଖେଳାଳି ବ୍ୟକ୍ତିଗତ ପୁରସ୍କାର ମଧ୍ୟ ଗ୍ରହଣ କରିଥିଲେ। କିନ୍ତୁ ଭାରତୀୟ ଖେଳାଳିମାନେ ଟ୍ରଫି ଗ୍ରହଣ କରିବେ ନାହିଁ ବୋଲି ଜଣାଇବା ପରେ ପୁରସ୍କାର ବିତରଣ ଉତ୍ସବ ଶେଷ ହୋଇଥିଲା। ଏକାଧିକ ରିପୋର୍ଟ ଅନୁଯାୟୀ ପାକିସ୍ତାନ ସରକାରରେ ମନ୍ତ୍ରୀ, କ୍ରିକେଟ ବୋର୍ଡର ଅଧ୍ୟକ୍ଷ ତଥା ଏସୀୟ କ୍ରିକେଟ କାଉନ୍ସିଲର ସଭାପତି ଥିବା ମୋହସିନ ନକ୍‌ଭୀଙ୍କଠାରୁ ଭାରତ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ଜଣାଇଥିଲେ। ଏହା ଫଳରେ ସେମାନେ ଟ୍ରଫି ନେବାକୁ ଆସି ନ ଥିଲେ। ଫାଇନାଲରେ ଅପରାଜିତ ୬୯ ରନ୍ କରିଥିବା ଭାରତର ତିଳକ ବର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ଓ ମୋଟରେ ୧୭ଟି ୱିକେଟ ନେଇଥିବା ଭାରତର ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କୁ ଟୁର୍ଣ୍ଣାମେଣ୍ଟର ମୋଷ୍ଟ ଭାଲ୍ୟୁଏବଲ ଓ ଅଭିଷେକ ଶର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଜୁନିଅର ସୁଟିଂ ବିଶ୍ୱକପ୍: ଅନୁଷ୍କାଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ



ନୂଆଦିଲ୍ଲୀ, ୨୮ା୯ (ଏଜେନ୍ସି): ସ୍ଥାନୀୟ ଡ. କର୍ଣ୍ଣି ସିଂହ ରେଞ୍ଜରେ ଚାଲିଥିବା ଜୁନିଅର ସୁଟିଂ ବିଶ୍ୱକପ୍‌ରେ ଭାରତର ଅନୁଷ୍କା ଥୋକୁର କ୍ରମାଗତ ୨ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ ଇଭେଣ୍ଟରେ ଅନୁଷ୍କା ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥିରେ ସେ ୪୫ଟି ସଟ୍ ମାରି ମୋଟ୍ ୪୬୧ ସ୍କୋର କରି ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ଚଳିତ ବିଶ୍ୱକପ୍‌ରେ ଏହା ତାଙ୍କର ୨ୟ ସ୍ୱର୍ଣ୍ଣ ପଦକ ଥିଲା। ଏଥିପୂର୍ବରୁ ସେ ୫୦ ମିଟର ରାଇଫଲ୍ ପ୍ରୋନ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ରବିବାର ଅନୁଷ୍ଠିତ ୫୦ ମିଟର ରାଇଫଲ୍ ଥ୍ରି-ପୋଜିସନରେ ଭାରତର ଆଦ୍ରିୟାନ କର୍ମାକର ରୌପ୍ୟ ପଦକ ବିଜୟୀ ହୋଇଥିଲେ। ବିଶ୍ୱକପ୍‌ର ୩ୟ ଦିବସ ଶେଷ ସୁଦ୍ଧା ୬୯ ଜଣିଆ ଭାରତୀୟ ସୁଟିଂ ଦଳ ୧୩ ପଦକ ଜିତି ଟେବଲ୍ ତାଲିକାର ଶୀର୍ଷରେ ରହିଛି। ଯେଉଁଥିରେ ୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ କାଂସ୍ୟ ପଦକ ରହିଛି।

## ୧୬ ବର୍ଷ ପରେ ସଫଳତା ଆଣିଲେ ନଟରାଜ

ଅହମ୍ମଦାବାଦ୍, ୨୮ା୯ (ଏଜେନ୍ସି): ଦୀର୍ଘ ୧୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏସିଆନ୍ ଆକ୍ୱାଟିକ (ଜଳକ୍ରୀଡ଼ା) ଚାମ୍ପିଅନସିପ୍‌ରେ



ପଦକ ଜିତିବାର ସୌଭାଗ୍ୟ ଲାଭ କରିଛି। ରବିବାରଠାରୁ ଏଠାରେ ଆରମ୍ଭ ହୋଇଥିବା ୧୧ତମ ଏସିଆନ୍ ଆକ୍ୱାଟିକ ଚାମ୍ପିଅନସିପ୍‌ର ପ୍ରଥମ ଦିବସରେ ଶ୍ରୀହରି ନଟରାଜ ରୌପ୍ୟ ଜିତି ଦୀର୍ଘ ବର୍ଷର ପଦକ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି। ପୁରୁଷ ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ଶ୍ରୀହରି ଏକ ମିନିଟ୍ ୪୮.୪୭ ସେକେଣ୍ଡରେ ଫିନିଶ କରି ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ଏଥିରେ ଚୀନର ୧୭ ବର୍ଷୀୟ ଜୁ ହାଇବୋ ୧ ମିନିଟ୍ ୪୬.୮୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ହାସଲ କରିଥିଲେ।

## ବିସିଏ ସଭାପତି ହେବାରେ ୨୪ ବର୍ଷୀୟ ହର୍ଷ ସର୍ବକନିଷ୍ଠ



ପାଟନା. ୨୮ା୯ (ଏଜେନ୍ସି): ବିହାର କ୍ରିକେଟ୍ ସଂଘ (ବିସିଏ) ଇତିହାସରେ ହର୍ଷ ବର୍ଦ୍ଧନ ସର୍ବକନିଷ୍ଠ ସଭାପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ଅନୁଷ୍ଠିତ ବିସିଏର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ହର୍ଷ ନିଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଥିବା ନେଇ ଘୋଷଣା କରାଯାଇଥିଲା। ହର୍ଷ ହେଉଛନ୍ତି ବିସିଏର ପୂର୍ବତନ ସଭାପତି ରାକେଶ ତିୱାରୀଙ୍କ ପୁଅ। ହର୍ଷଙ୍କ ସମେତ ପ୍ରିୟା କୁମାରୀ ଉପ-ସଭାପତି, ଜିଆଲୁ ଆରିଫିନ ସମ୍ପାଦକ, ଅଭିଷେକ ନନ୍ଦନ କୋଷାଧ୍ୟକ୍ଷ ଓ ରୋହିତ୍ କୁମାର ଯୁଗ୍ମ ସମ୍ପାଦକ ଭାବେ ମଧ୍ୟ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅବସରପ୍ରାପ୍ତ ଆଇଏଏସ୍ ଏମ୍. ମୋଦାସିର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

# ମିଥୁନ ମାନ୍‌ହାସ୍ ବିସିସିଆଇର ନୂଆ ସଭାପତି

ମୁମ୍ବଇ,୨୮ା୯ (ଏଜେନ୍ସି)



ଦିଲ୍ଲୀର ପୂର୍ବତନ କ୍ରିକେଟ ଅଧିନାୟକ ତଥା ଜମ୍ମୁ-କାଶ୍ମୀରର ପ୍ରଶାସକ ମିଥୁନ ମାନହାସ ଦେଶର ବିତ୍ତଶାଳୀ କ୍ରୀଡ଼ା ସଂଗଠନ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ)ର ୩୭ତମ ନିର୍ବାଚିତ ସଭାପତି ହୋଇଛନ୍ତି। ଭାରତର ବିଶ୍ୱକପ୍ ବିଜୟୀ ଅଲରାଉଣ୍ଡର ରୋଜର ମାଇକେଲ ବିନ୍ନି ଚଳିତବର୍ଷ ଅଗଷ୍ଟମାସରେ ସଭାପତି ପଦରୁ ଅବ୍ୟାହତି ନେବା ପରେ ତାଙ୍କ ସ୍ଥାନରେ ୪୫ ବର୍ଷୀୟ ମିଥୁନ ସଭାପତି ପଦ ପୂରଣ କରିଛନ୍ତି। ଆଜି ବିସିସିଆଇର ବାର୍ଷିକ ସାଧାରଣ ବୈଠକ ଓ ନିର୍ବାଚନ ହୋଇଥିଲା। ଏଥିରେ ମିଥୁନ ଏକମାତ୍ର ପ୍ରାର୍ଥୀଭାବେ ମନୋନୟନ ପତ୍ର ଦାଖଲ କରିଥିଲେ। ଏଣୁ ସେ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ସହ ବିସିସିଆଇର ଅନ୍ୟ ସମସ୍ତ ପଦବୀ ଗୁଡ଼ିକରେ ମନୋନୟନପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରାଜୀବ ଶୁକ୍ଲା ଆଉ ଗୋଟିଏ ଟର୍ମ ଲାଗି ଉପସଭାପତି ଭାବେ ରହିଛନ୍ତି। ସେହିପରି ଦେବଜିତ ସାଇକିଆ ସମ୍ପାଦକ, ପୂର୍ବତନ କୋଷାଧ୍ୟକ୍ଷ ଥିବା ପ୍ରଭତେଜ ସିଂହ ଭାଟିଆ ନୂଆ ଯୁଗ୍ମ ସମ୍ପାଦକ, ଆଉଜଣେ ପୂର୍ବତନ କ୍ରିକେଟର ରଘୁରାମ ଭଟ୍ଟ ନୂଆ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଭଟ୍ଟ ଭାରତର ଜଣେ ପୂର୍ବତନ କ୍ରିକେଟ ହୋଇଥିଲାବେଳେ ୨୦୨୨ରୁ ୨୦୨୫ ଯାଏ କର୍ଣ୍ଣାଟକ କ୍ରିକେଟ ସଂଘର ସଭାପତି ରହିଥିଲେ। ପୂର୍ବପରି ଅରୁଣ ଧୂମାଲ ଆଇପିଏଲ କମିଶନର ରହିବେ।

ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ ସଂଘର ସଭାପତି ହେବା ମୋ ଲାଗି ଏକ ସମ୍ମାନର କଥା। ଏହି ସମୟରେ ଭାରତୀୟ କ୍ରିକେଟ ପ୍ରଶାସନକୁ ସମ୍ଭାଳିବା ମଧ୍ୟ ଏକ ଗୁରୁଦାୟିତ୍ୱ। ପ୍ରତିଶ୍ରୁତି ଦେଉଛି, ନିଜ ଦକ୍ଷତା ଅନୁଯାୟୀ ଭାରତୀୟ କ୍ରିକେଟର ଉନ୍ନତି କରିବାକୁ ମୁଁ ସମସ୍ତ ପ୍ରକାର ଚେଷ୍ଟା କରିବି ବୋଲି ମାନହାସ କହିଛନ୍ତି। ସଭାପତି ହେବା ଲାଗି ଆପଣଙ୍କର କେଉଁ ଦକ୍ଷତା ସହାୟକ ହେଲା ବୋଲି ପ୍ରଶ୍ନର ଉତ୍ତରରେ ସେ କହନ୍ତି, ବୋଧହୁଏ ଜମ୍ମୁ-କାଶ୍ମୀରର ପ୍ରଶାସକ ଭାବେ ଗତ ୪ ବର୍ଷ ଧରି ଯେଉଁ କାମ କରିଛି, ତାହା ମୋ ସପକ୍ଷରେ ଯାଇଛି ବୋଲି ମୁଁ ଅନୁଭବ କରୁଛି। ଆସନ୍ତା ଅକ୍ଟୋବର ମାସରେ ୪୬ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ମିଥୁନ ଦୀର୍ଘ ୨୦ ବର୍ଷ ଧରି କ୍ରିକେଟ ଖେଳିଛନ୍ତି। ଏହା ମଧ୍ୟରେ ୧୫୭ଟି ପ୍ରଥମଶ୍ରେଣୀ, ୧୩୦ଟି ଲିଷ୍ଟ-ଏ' (ଘରୋଇ ଦିନିକିଆ) ଓ ୯୧ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି।

### ଶରତ ଜୁନିଅର କମିଟି ଚେୟାରମ୍ୟାନ୍

ଅନ୍ୟପକ୍ଷରେ ଜାତୀୟ ସିନିଅର ସିଲେକ୍ଟର ପଦରୁ ବାଦ୍ ପଡ଼ିଥିବା ଶରତଙ୍କୁ ଜାତୀୟ ଜୁନିୟର ସିଲେକ୍ସନ କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତି ମିଳିଛି। ସେ ତିଳକ ନାଇଡୁଙ୍କ ସ୍ଥାନରେ ଏହି ଦାୟିତ୍ୱ ସମ୍ଭାଳିବେ। ଜୁନିଅର କମିଟିରେ ହରବିନ୍ଦର ସିଂହ ସୋଢ଼ି, ରଣଦେବ ବୋଷ, ପଥିକ ପଟେଲ ଓ କ୍ରିଷ୍ଣା ମୋହନ ସଦସ୍ୟ ଭାବେ ରହିଛନ୍ତି। ସୌରାଷ୍ଟ୍ରର ପୂର୍ବତନ ଅଧିନାୟକ ତଥା ନିରଞ୍ଜନ ଶାହଙ୍କ ପୁଅ ଜୟଦେଶ ଶାହଙ୍କୁ ବିସିସିଆଇ ଆପେକ୍ସ କାଉନ୍ସିଲରେ ସଦସ୍ୟ ଭାବେ ରହିଛନ୍ତି। ସେ ମିଜୋରାମର ଖଇରୁଲ ଜମାଲ ମଜୁମଦାରଙ୍କ ସ୍ଥାନରେ ଏହି ଦାୟିତ୍ୱରେ ରହିବେ। ଅରୁଣ ଧୂମାଲଙ୍କୁ ଆଇପିଏଲ୍ ଚେୟାରମ୍ୟାନ୍ କରାଯାଇଥିଲାବେଳେ ଖଇରୁଲ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ କମିଟିରେ ସଦସ୍ୟ ଅଛନ୍ତି।

### ଅମିତା ଶର୍ମାଙ୍କୁ ମହିଳା ଚୟନ ଦାୟିତ୍ୱ

ଜାତୀୟ ସିନିୟର ମହିଳା ସିଲେକ୍ସନ କମିଟିର ଚେୟାରମ୍ୟାନ୍ ଭାବେ ନୀତୁ ଡେଭିଡ୍‌ଙ୍କ ସ୍ଥାନରେ ଅମିତା ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କମିଟିରେ ଶ୍ୟାମା ଦେ, ସୁଲକ୍ଷଣା ନାଏକ, ଜୟା ଶର୍ମା ଓ ଶ୍ରାବନ୍ତୀ ନାଇଡୁ ସଦସ୍ୟ ରହିଛନ୍ତି। ଦେ'ଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ସଦସ୍ୟ ପ୍ରଥମ କରି ସାମିଲ ହୋଇଛନ୍ତି। ମହିଳା ପ୍ରିମିୟର ଲିଗ୍‌ର ଚେୟାରମ୍ୟାନ୍ ଭାବେ ଜୟେଶ ଜର୍ଜଙ୍କୁ ଦାୟିତ୍ୱ ଦିଆଯାଇଛି।

## ପ୍ରଜ୍ଞାନ ନୂଆ ସିଲେକ୍ଟର, କମିଟିରେ ୨ ଓଡ଼ିଆ



ବିସିସିଆଇର ନୂଆ ସଭାପତି ଭାବେ ନିର୍ବାଚିତ ହେବା ପରେ ସିନିୟର ଓ ଜୁନିୟର ଚୟନ କମିଟିରେ ମଧ୍ୟ ପରିବର୍ତ୍ତନ ହୋଇଛି। ଜାତୀୟ ସିନିଅର ସିଲେକ୍ସନ କମିଟିରେ ଦୁଇ ସଦସ୍ୟଙ୍କ କାର୍ଯ୍ୟକାଳ ପୂରିଯାଇଛି। ସେମାନେ ହେଲେ ଦକ୍ଷିଣାଞ୍ଚଳର ଏସ୍ ଶରତ ଓ ପୂର୍ବାଞ୍ଚଳର ସୁବ୍ରତ ବାନାର୍ଜୀ। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ସିଲେକ୍ସନ କମିଟିର ଅନ୍ୟ ଦୁଇ ଜଣ ସଦସ୍ୟ ହେଲେ ଅଜୟ ରାତ୍ରା ଓ ବିଦର୍ଭର ଓଡ଼ିଆ ଖେଳାଳି ଶିବସୁନ୍ଦର ଦାସ। ଏମାନଙ୍କ କାର୍ଯ୍ୟକାଳ ୨୦୨୬ରେ ଶେଷ ହେବ। ସିନିଅର ସିଲେକ୍ସନ କମିଟିରେ ଶରତଙ୍କ ସ୍ଥାନରେ ହାଇଦ୍ରାବାଦ୍‌ର ବାମହାତୀ ସ୍ପିନର ତଥା ଓଡ଼ିଆ ଖେଳାଳି ପ୍ରଜ୍ଞାନ ଓଝା ଏବଂ ବାନାର୍ଜୀଙ୍କ ସ୍ଥାନରେ ରୁଦ୍ରପ୍ରତାପ ସିଂଙ୍କୁ ନୂଆ ସିଲେକ୍ଟର ଭାବେ ଚୟନ କରାଯାଇଛି। ଏହା ଫଳରେ ଭାରତୀୟ କ୍ରିକେଟ ଇତିହାସରେ ଗୋଟିଏ ରାଜ୍ୟ ଓଡ଼ିଶାର ଦୁଇ ଖେଳାଳି ଜାତୀୟ ଚୟନ କମିଟିରେ ସ୍ଥାନ ପାଇ ଇତିହାସ ସୃଷ୍ଟି କରିଛନ୍ତି। ଉଭୟ ଓଡ଼ିଶା ତଥା ଭୁବନେଶ୍ୱରର ଖେଳାଳି ହୋଇଥିଲାବେଳେ ପ୍ରଜ୍ଞାନ ଆରମ୍ଭରୁ ଅବସର ନେବା ଯାଏ ହାଇଦରାବାଦ୍ ପକ୍ଷରୁ ସମସ୍ତ ପ୍ରକାର କ୍ରିକେଟ ଖେଳିଛନ୍ତି। କିନ୍ତୁ ଶିବସୁନ୍ଦର ଦାସ କ୍ୟାରିୟରର ଶେଷ ଭାଗରେ ବିଦର୍ଭ ପକ୍ଷରୁ ଖେଳିଥିଲେ। ଜାତୀୟ ଦଳର ନେତୃତ୍ୱ ନେବାରେ ଶିବସୁନ୍ଦର ଓଡ଼ିଶାର ପ୍ରଥମ ଖେଳାଳି ହୋଇଥିଲେ। କିନ୍ତୁ ଜାତୀୟସ୍ତରର ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ସଂଘରେ ୨ଜଣ ଓଡ଼ିଆ ଏକତ୍ର କାମ କରିବା ଓଡ଼ିଶା କ୍ରିକେଟ ଇତିହାସରେ ପ୍ରଥମ ଘଟଣା।

### ନୂଆ କର୍ମକର୍ତ୍ତା

**ବିସିସିଆଇ ନିର୍ବାଚତ କର୍ମକର୍ତ୍ତା** : ମିଥୁନ ମାନହାସ- ସଭାପତି, ରାଜୀବ ଶୁକ୍ଲା- ଉପସଭାପତି, ଦେବଜିତ ସାଇକିଆ- ସମ୍ପାଦକ, ପ୍ରଭତେଜ ସିଂହ ଭାଟିଆ- ଯୁଗ୍ମ ସମ୍ପାଦକ, ରଘୁରାମ ଭଟ୍ଟ- କୋଷାଧ୍ୟକ୍ଷ। ଆଇପିଏଲ୍ ପ୍ରତିନିଧି- ଅରୁଣ ଧୂମାଲ, ଖଇରୁଲ ଜମାଲ ମଜୁମଦାର।

**ପୁରୁଷ ସିନିଅର ଚୟନ କମିଟି** : ଅଜିତ ଅଗରକର (ଚେୟାରମ୍ୟାନ୍), ଶିବସୁନ୍ଦର ଦାସ, ଅଜୟ ରାତ୍ରା, ରୁଦ୍ରପ୍ରତାପ ସିଂ ଓ ପ୍ରଜ୍ଞାନ ଓଝା।

**ମହିଳା ସିନିଅର ଚୟନ କମିଟି** : ଅମିତା ଶର୍ମା (ଚେୟାରପର୍ସନ), ଶ୍ୟାମା ଦେ, ସୁଲକ୍ଷଣା ନାଏକ, ଜୟା ଶର୍ମା, ଶ୍ରାବନ୍ତୀ ନାଇଡୁ।

**ଜୁନିଅର ଚୟନ କମିଟି** : ଏସ୍ ଶରତ (ଚେୟାରପର୍ସନ), ହରବିନ୍ଦର ସିଂହ, ପାଥିକ ପଟେଲ, କ୍ରିଷ୍ଣା ମୋହନ ଓ ରଣଦେବ ବୋଷ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS









# ଭାରତ ୯ମ ଥର ଏସିଆ କପ୍ ଚାମ୍ପିଅନ

## ଏସିଆ କପ୍ ଫଳାଫଳ

| ବର୍ଷ | ଚାମ୍ପିଅନ | ରନର୍ସଅପ୍ | ଫର୍ମାଟ |
|---|---|---|---|
| ୧୯୮୪ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୧୯୮୬ | ଶ୍ରୀଲଙ୍କା | ପାକିସ୍ତାନ | ଦିନିକିଆ |
| ୧୯୮୮ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୧୯୯୦ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୧୯୯୫ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୧୯୯୭ | ଶ୍ରୀଲଙ୍କା | ଭାରତ | ଦିନିକିଆ |
| ୨୦୦୦ | ପାକିସ୍ତାନ | ଶ୍ରୀଲଙ୍କା | ଦିନିକିଆ |
| ୨୦୦୪ | ଶ୍ରୀଲଙ୍କା | ଭାରତ | ଦିନିକିଆ |
| ୨୦୦୮ | ଶ୍ରୀଲଙ୍କା | ଭାରତ | ଦିନିକିଆ |
| ୨୦୧୦ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୨୦୧୨ | ପାକିସ୍ତାନ | ବାଂଲାଦେଶ | ଦିନିକିଆ |
| ୨୦୧୪ | ଶ୍ରୀଲଙ୍କା | ପାକିସ୍ତାନ | ଦିନିକିଆ |
| ୨୦୧୬ | ଭାରତ | ବାଂଲାଦେଶ | ଟି-୨୦ |
| ୨୦୧୮ | ଭାରତ | ବାଂଲାଦେଶ | ଦିନିକିଆ |
| ୨୦୨୨ | ଶ୍ରୀଲଙ୍କା | ପାକିସ୍ତାନ | ଟି-୨୦ |
| ୨୦୨୩ | ଭାରତ | ଶ୍ରୀଲଙ୍କା | ଦିନିକିଆ |
| ୨୦୨୫ | ଭାରତ | ପାକିସ୍ତାନ | ଟି-୨୦ |

ଫାଇନାଲ୍‌ରେ ପାକିସ୍ତାନକୁ ୫ ୱିକେଟ୍‌ରେ ହରାଇବା ସହ ଭାରତ ୯ମ ଥର ଲାଗି ଏସିଆ କପ୍ ଟାଇଟଲ୍ ହାସଲ କରିଛି। ଯେଉଁଥିରେ ଦିନିକିଆ ଫର୍ମାଟରେ ଭାରତ ୭ ଥର ଚାମ୍ପିଅନ୍ ହୋଇଥିବାବେଳେ ଟି-୨୦ ଫର୍ମାଟରେ ୨ଥର ବିଜୟୀ ହୋଇଛି।










ପରାଜୟ ପରେ ମର୍ମାହତ ପାକିସ୍ତାନ ଖେଳାଳି


ପୁରସ୍କାର ଉତ୍ସବରେ ପାକିସ୍ତାନ ମନ୍ତ୍ରୀ ତଥା ଏସିଆ କ୍ରିକେଟ୍ ମୁଖ୍ୟ ମୋହସିନ ନକଭି